R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୦
ତିଥି: ଦ୍ୱାଦଶୀ
୦୬ ଅଗଷ୍ଟ ୨୦୨୫,ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 300
06 Aug 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଉତ୍ତରକାଶୀରେ ଜଳ ପ୍ରଳୟ, ଭୂସ୍ଖଳନ

# ୪ ମୃତ, ୫୦ରୁ ଉର୍ଦ୍ଧ୍ୱ ନିଖୋଜ



ନୂଆଦିଲ୍ଲୀ, ୫ ।୮ : ଉତ୍ତରାଖଣ୍ଡର ଉତ୍ତରାକାଶୀର ଧରାଲୀ ଅଞ୍ଚଳରେ ବାଦଲଫଟା ବର୍ଷା ଯୋଗୁ କ୍ଷୀରଗଙ୍ଗା ନଦୀ ଅଞ୍ଚଳରେ ଏକ ବଡ ଧରଣର ବନ୍ୟା ଆସି ତାଣ୍ଡବ ରଚିଛି । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ନିଖୋଜ ଥିବା ସୂଚନା ମିଳିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଧରାଲୀ ବଜାରକୁ ବହୁ କ୍ଷତି ପହଞ୍ଚାଇଛି । ପ୍ରଖର ବେଗରେ ବହୁଥିବା ଜଳସ୍ରୋତରେ ଦୋକାନ, ଯାନବାହନ, କୋଠାବାଡି ଆଦି ଭୁଶୁଡି ପଡିଛି । ବାଦଲଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ ହୋଇ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ପାହାଡ ଧସିବାରୁ ଜନବସତି ଆଡକୁ ମାଟି ମିଶା ପାଣି ମାଡି ଆସିଛି । ଅଚାନକ ବନ୍ୟାରେ ଶହ ଶହ ଘର ଭୁଶୁଡି ପଡିଛି । ମାଟିତଳୁ ଏବେ ଜୀବନ ଖୋଜା ଚାଲିଛି ।

ସୋସିଆଲ ମିଡିଆରେ ଏହି ପ୍ରାକୃତିକ ବିପର୍ଯ୍ୟୟର ଲୋମଟାଙ୍କୁରା ଭିଡିଓ ଦେଖିବାକୁ ମିଳୁଛି । ଉତ୍ତରାଖଣ୍ଡ ହର୍ସିଲ ଠାରୁ ୪ କିମି ଦୂର ଥରାଲୀ ଗାଁରେ ଆଜି ଅପରାହ୍ନ ୧.୪୫ରେ ଏଭଳି ସ୍ଥିତି ଘଟିଛି । ଏଥିଯୋଗୁ ପବିତ୍ର ଗଙ୍ଗୋତ୍ରୀଧାମ ସହ ଯୋଗାଯୋଗ ବିଛିନ୍ନ ହୋଇଛି । ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଆଇଟିବିପି ନିୟୋଜିତ ଅଛନ୍ତି । ରାଜ୍ୟ ସରକାରଙ୍କର ଏସ୍‌ଡିଆର୍‌ଏଫ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି । ଏନ୍‌ଡିଆର୍‌ଏଫ୍ ଡିଜିଙ୍କ ସୂଚନା ଅନୁଯାୟୀ ୪୦ ରୁ ୫୦ ଘର ସମ୍ପୂର୍ଣ୍ଣ ଧୋଇ ଯାଇଛି । ୫୦ରୁ ଉର୍ଦ୍ଧ୍ୱ ନିଖୋଜ ଅଛନ୍ତି । ଉଦ୍ଧାର କାର୍ଯ୍ୟରେ ୩ ଟିମ୍ ନିୟୋଜିତ ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଏଭଳି ଭୟଙ୍କର ବିପର୍ଯ୍ୟୟ ପୂର୍ବରୁ କେବେ ଦେଖିନଥିଲେ । ଏହି ଅଞ୍ଚଳରେ ଥିବା ଏକାଧିକ ହୋଟେଲ ଠାରୁ ଆରମ୍ଭ କରି ସବୁକିଛି ଧ୍ୱଂସ ପାଇଯାଇଛି । ଅଚାନକ ବନ୍ୟା ଯୋଗୁ ଲୋକ ପ୍ରଭାବିତ ହୋଇଛନ୍ତି । ହୋଟେଲ ଠାରୁ ଆରମ୍ଭ କରି ହୋମ୍ ଷ୍ଟେ ଭଳି ବଡ ବଡ କୋଠା ମଧ୍ୟ ବର୍ତ୍ତିନାହିଁ । ୨୦ ରୁ ୨୫ ହୋଟେଲ ଓ ହୋମ୍ ଷ୍ଟେ' ପାଣି ସ୍ରୋତରେ ଭାସି ଯାଇଛି । ଜିଲ୍ଲା ପ୍ରଶାସନ କହିବାନୁଯାୟୀ ବନ୍ଦ ହୋଇଥିବା ରାସ୍ତା ଓ ଅନବରତ ( ୯ ପୃଷ୍ଠାରେ)

- ଭାସିଗଲା କୋଠା, ହୋଟେଲ
- ଉଦ୍ଧାର କାର୍ଯ୍ୟରେ ୩ ଟିମ୍ ନିୟୋଜିତ
- ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଦୁଃଖ ପ୍ରକାଶ

# ପୁଣି ଅଧିକ ଶୁଳ୍କ ଲଗାଇବାର ଧମକ ଦେଲେ ଟ୍ରମ୍ପ

## ଭାରତ ପକ୍ଷରୁ ଦିଆଗଲା କଡା ଜବାବ



ନୂଆଦିଲ୍ଲୀ, ୫ ।୮ : ଭାରତ ଉପରେ ଟ୍ରମ୍ପ ଏକରକମ ବାଣିଜ୍ୟିକ ଯୁଦ୍ଧ ଘୋଷଣା କରିଛନ୍ତି । ଋଷରୁ ଭାରତ ତେଲ କିଣିବା ନେଇ ଟ୍ରମ୍ପ ଖପ୍ପା ରହିଛନ୍ତି । ଋଷରୁ ତେଲ କିଣା ବନ୍ଦ ନକଲେ ୨୪ ଘଣ୍ଟା ମଧ୍ୟରେ ୨୫% ଟାରିଫକୁ ଆହୁରି ବୃଦ୍ଧି କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

ଭାରତ ଭଲ ବ୍ୟବସାୟୀକ ଅଂଶୀଦାର ନୁହେଁ ବୋଲି ଟ୍ରମ୍ପ କହିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ସେମାନେ ଆମେରିକା ସହ ଅନେକ ବ୍ୟବସାୟ କରୁଛନ୍ତି । ଆମେ ତାଙ୍କ ସହ କୌଣସି ବ୍ୟବସାୟ କରୁନାହୁଁ । କିନ୍ତୁ ମୁଁ ଭାବୁଛି ୨୪ ଘଣ୍ଟା ମଧ୍ୟରେ ଶୁଳ୍କକୁ ଆହୁରି ବଢ଼ାଇବି । କାରଣ ସେମାନେ ଋଷ୍ ଠାରୁ ତେଲ କିଣା ଜାରି ରଖିଛନ୍ତି । ଋଷରୁ ତେଲ କିଣିବା ପରେ ସେହି ( ୯ ପୃଷ୍ଠାରେ)

# ବଦଳିବ ଶ୍ରୀମନ୍ଦିର ସୁରକ୍ଷା ଆଇନ୍

ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଶ୍ରୀମନ୍ଦିର ଆଇନ୍‌ରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ । ମୁଖ୍ୟତଃ ୪ ବିନ୍ଦୁ ଉପରେ ପ୍ରସ୍ତାବ ଦିଆଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

ଆଜି ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ ଡ୍ରୋନ୍ ଉଡାଇବା ଓ ସ୍ପାଏ କ୍ୟାମେରାକୁ ନେଇ ଆଲୋଚନା ହେଉଛି । ସରକାରଙ୍କୁ ୪ ପ୍ରସ୍ତାବ ଦିଆଯାଇଛି । ଅନାଧିକୃତ ବ୍ୟକ୍ତି ଚିତ୍ର ଉତ୍ତୋଳନ କଲେ ଦଣ୍ଡବିଧାନ, ମହାପ୍ରଭୁଙ୍କ ସଂସ୍କୃତି, ଗାରିମାକୁ କ୍ଷୁର୍ଣ୍ଣ କଲେ ୭ ବର୍ଷର ଜେଲ୍ ଦଣ୍ଡ, ଜାମିନ ବିହୀନ ଗିରଫ ପରୱାନା, ଡ୍ରୋନ୍ ଉଡାଇଲେ, ଇଲେକ୍ଟ୍ରୋନିକ୍ସ ଡିଭାଇସ ନେଲେ ଏନ୍‌ବିଡବ୍ଲ୍ୟୁ ଓ ଜଗନ୍ନାଥ ଆଇନ୍‌ରେ ( ୯ ପୃଷ୍ଠାରେ)

## ରାହୁଲଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟ ଜଜ୍‌ଙ୍କ ଟିପ୍ପଣୀ

# ଅଯୁକ୍ତିକ କହିଲେ ବିରୋଧୀ ମେଣ୍ଟ

ନୂଆଦିଲ୍ଲୀ, ୫ ।୮ : ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସମ୍ପର୍କରେ ଗତକାଲି ସୁପ୍ରିମ୍‌କୋର୍ଟ ଦେଇଥିବା ମନ୍ତବ୍ୟ ଉପରେ କଂଗ୍ରେସ ଏବଂ ବିରୋଧୀ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ଦୃଢ଼ ଭାବରେ ଏହାକୁ ସମାଲୋଚନା କରାଯାଇଛି । ସୁପ୍ରିମ୍‌କୋର୍ଟର ଏଭଳି ମନ୍ତବ୍ୟ ଅନାବଶ୍ୟକ ଏବଂ ରାଜନୈତିକ ଦଳର ଗଣତାନ୍ତ୍ରିକ ଅଧିକାର ଉପରେ ଅଯଥା ହସ୍ତକ୍ଷେପ ବୋଲି ବିରୋଧୀ ମେଣ୍ଟର ନେତାମାନେ ଏକ ମିଳିତ ବିବୃତ୍ତିରେ ଦର୍ଶାଇଛନ୍ତି ।

ନୂଆଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ସାଂସଦମାନଙ୍କର ଏକ ବୈଠକ ହୋଇଥିଲା । ମେଣ୍ଟ ଅଂଶୀଦାର ସବୁ ଦଳର ନେତାମାନେ ଏଥିରେ ଉପସ୍ଥିତ ରହି ସୁପ୍ରିମ୍‌କୋର୍ଟ ଜଜ୍‌ଙ୍କ ଏଭଳି ମନ୍ତବ୍ୟକୁ ରାଜନୈତିକ ଦଳର ଗଣତାନ୍ତ୍ରିକ ଅଧିକାର ଉପରେ ଅଯୁକ୍ତିକ ବୋଲି ମିଳିତ ବିବୃତ୍ତିରେ ଉଲ୍ଲେଖ କରିଛନ୍ତି । ବିରୋଧୀ ଦଳ ନେତାଙ୍କର ଭୂମିକା ଉପରେ ସେମାନେ କହିଛନ୍ତି ଯେ ଯେତେବେଳେ ସରକାର ଆମର ସୀମାକୁ ସୁରକ୍ଷା ( ୯ ପୃଷ୍ଠାରେ)

## ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀ

# ଦୁର୍ନୀତିରୁ ଦୂରେଇ ରୁହ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୫ ।୮ (ସବ୍ୟୁ) : ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ । ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ । ସେହିଭଳି ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବନ ଅଧିକାରୀମାନଙ୍କୁ କହିଥିଲେ ଯେ, ଆମ ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ । ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି । ସେମାନଙ୍କ ପାଇଁ ସଂଘର୍ଷହୀନ ସହାବସ୍ଥାନ ସୃଷ୍ଟି ଓ ସେମାନଙ୍କ ସୁରକ୍ଷା କରିବା ହେଉଛି ସରକାରଙ୍କ ନୈତିକ ଦାୟିତ୍ୱ । ବନ ଅଧିକାରୀମାନେ ସମସ୍ତେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ମିଳାମିଶା କରୁଛନ୍ତି । ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହ ( ୯ ପୃଷ୍ଠାରେ)

# ଶୋଭନା ମହାନ୍ତି ମହିଳା କମିଶନ ଅଧ୍ୟକ୍ଷା




ଭୁବନେଶ୍ୱର, ୫ ।୮ (ସବ୍ୟୁ) : ମହିଳା କମିଶନ ଅଧ୍ୟକ୍ଷା ଭାବେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ କରଞ୍ଜିଆ ଗ୍ରାମର ଶୋଭନା ମହାନ୍ତିଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ସେହିଭଳି ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ପଦବୀରେ ବ୍ରହ୍ମପୁରର ବବିତା ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

ବିଜ୍ଞପ୍ତି ଅନୁଯାୟୀ ମହିଳା କମିଶନର ୪ ସଦସ୍ୟାଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି । ନିଯୁକ୍ତି ପରେ ଶ୍ରୀମତି ମହାନ୍ତି କହିଛନ୍ତି ଯେ ଆଶା କରିନଥିଲି, ଏହା ମିଳିଥିବାରୁ ଖୁସି ଅନୁଭବ କରୁଛି । ଯେଉଁ ଦାୟିତ୍ୱ ମିଳିଛି ତାକୁ ଠିକ୍ ଭାବେ ତୁଲାଇବି । ମହିଳାଙ୍କୁ ଉଚିତ୍ ନ୍ୟାୟ ମିଳିବ । ମୁଁ ବାଲେଶ୍ୱରର ଝିଅ, ( ୯ ପୃଷ୍ଠାରେ)

# ଅଗଷ୍ଟ ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଆସନ୍ତା ସୋମବାର ଅଗଷ୍ଟ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମାନ୍ୟବର ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୧ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଅଗଷ୍ଟ ୬ ତାରିଖ ପୂର୍ବାହ୍ନ ୧୧ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ।

ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ( ୯ପୃଷ୍ଠାରେ)

# ୭ରୁ ମେଗା ହସ୍ତତନ୍ତ, ହସ୍ତଶିଳ୍ପ ପ୍ରଦର୍ଶନୀ




ଭୁବନେଶ୍ୱର, ୫ ।୮ (ସବ୍ୟୁ) : ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୁଲ୍ୟରେ ଚଳିତମାସ ୭ ତାରିଖରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ପାଳନ ହେବ । ୮ ଓ ୯ ତାରିଖରେ ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ କାର୍ଯ୍ୟକ୍ରମ "ଏକତା' ଉତ୍ସବ ଆୟୋଜନ ହେବ । ଏହି ଉପଲକ୍ଷେ ୭ରୁ ୧୩ ପର୍ଯ୍ୟନ୍ତ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନୀୟ ଜନତା ମଇଦାନ ଠାରେ ଆୟୋଜନ କରାଯିବ । ଜାତୀୟ ହସ୍ତତନ୍ତ ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ । ଜାତୀୟ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ବଲିଉଡ ଚଳଚିତ୍ର ଜଗତର ସୁନାମଧନ୍ୟ ତାରକା ମାଧୁରୀ ଦୀକ୍ଷିତ ନେନେ ( ୯ପୃଷ୍ଠାରେ)

- ଯୋଗ ଦେବେ ବଲିଉଡ ଚଳଚ୍ଚିତ୍ର ତାରକା ମାଧୁରୀ ଦୀକ୍ଷିତ
- ୭ରୁ ୯ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
- ଫ୍ୟାଶନ୍ ଶୋ' ସହ ଲେଜର୍ ଶୋ' ବି ଆୟୋଜନ ହେବ
- ଫୁଡ୍ କୋର୍ଟ, ପ୍ଲେ ଜୋନ୍ ସହ ୬୦ ଷ୍ଟଲ ସ୍ଥାପନ ହେବ
- ଅଂଶଗ୍ରହଣ କରିବେ ୧୫୦୦ରୁ ଅଧିକ ବୁଣାକାର

# ପୁଣି ଖଟିଆରେ ବୁହାହେଲେ ରୋଗୀ



ନବରଙ୍ଗପୁର, ୫ ।୮ (ସବ୍ୟୁ) : ପୁଣି ଖଟିଆରେ ବୁହା ହେଲେ ରୋଗୀ । ଚିକିତ୍ସାଧୀନ ଅବସ୍ଥାରେ ହେଲା ରୋଗୀଙ୍କ ମୃତ୍ୟୁ । ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ ଜବାଗୁଡା ଗାଁରୁ ଆସିଲା ଅଭାବନୀୟ ଘଟଣା । ଗାଁକୁ ଏକ ଭଲ ରାସ୍ତା ନଥିବାରୁ ପହଞ୍ଚିପାରିଲାନି ଆମ୍ବୁଲାନ୍ସ । କାଦୁଅ ପଚ ପଚ ରାସ୍ତାରେ ମୋବାଇଲ ଲାଇଟ୍ ଲଗେଇ ଖଟିଆରେ ୨ କିଲୋମିଟର ବୁହାହେଲେ ରୋଗୀ । ଡାକ୍ତରଖାନାରେ ପହଞ୍ଚିବାରୁ ବିଳମ୍ବ ହେବାରୁ ଶେଷରେ ଚିକିତ୍ସାଧିନ ଅବସ୍ଥାରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଛି । ଜବଗୁଡ଼ା ଗାଁର ଲଳିତା ଯାନୀଙ୍କୁ ଗତ ୫ ଦିନ ହେବ ଜ୍ୱର ଲାଗି ରହିଥିଲା । ସୋମବାର ହଠାତ ଗୁରୁତର ହେବାରୁ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରିନଥିଲା । ଖଟିଆରେ ବୁହା ହୋଇ ଲଳିତାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା । ପରେ ତାଙ୍କୁ ପ୍ରଥମେ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ, ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

**ଚିକିତ୍ସାଧିନ ଅବସ୍ଥାରେ ରୋଗୀଙ୍କ ମୃତ୍ୟୁ**

ଗାଁରେ ବିଭିନ୍ନ ସମ୍ପ୍ରଦାୟର ୭୦ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରନ୍ତି । ପକ୍କା ରାସ୍ତା ପାଇଁ ପ୍ରଶାସନ ନିକଟରେ ସେମାନେ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଏକ ଅମୂଲ୍ୟ ଜୀବନ ଚାଲିଗଲା ।

# ଝାରସୁଗୁଡ଼ା ବିମାନ ବନ୍ଦର ନିର୍ଦ୍ଦେଶକଙ୍କ ନାଁରେ ଏତଲା

ଝାରସୁଗୁଡ଼ା, ୫ ।୮ (ସବ୍ୟୁ) : ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ ତିୱାରୀଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ । ଏୟାରପୋର୍ଟ ଥାନାରେ ତାଙ୍କ ନାଁରେ ଏଫଆଇଆର ଦେଇଛନ୍ତି ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘର ସଭାପତି ସନ୍ଦୀପ କୁମାର ମିଞ୍ଜ । ଝାରସୁଗୁଡ଼ା ବିମାନ ବନ୍ଦରରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ମିଞ୍ଜ ତାଙ୍କ ଏଫଆଇଆରରେ ଉଲ୍ଲେଖ କରିଛନ୍ତି ଯେ କର୍ମଚାରୀମାନଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ସକାଳ ୧୦ଟା ୪୫ ମିନିଟରେ ସେ ବିମାନ ବନ୍ଦରର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀଙ୍କୁ ଭେଟିବାକୁ ଯାଇଥିଲେ । ଆଲୋଚନା ଚାଲିଥିବା ବେଳେ ହଠାତ୍ ଶ୍ରୀ ତିୱାରୀ ଉତ୍ତେଜିତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିଥିଲେ । ଘରୁ ଉଠାଇ ନେଇ ମାରିଦେବେ ଓ ଶବ ମିଳିବ ନାହିଁ ବୋଲି କହିଥିଲେ ବୋଲି ଅଭିଯୋଗ ହୋଇଛି । ତାଙ୍କ ମୁହଁକୁ ଦୁଇ ଥର ମୁଥ ମାରିଥିଲେ । ସେ ତଳେ ପଡ଼ିଯିବା ପରେ ଶ୍ରୀ ତିୱାରୀ ଗୋଇଠା ମାରିଥିଲେ । ଫଳରେ ତାଙ୍କ ମୁହଁ, ( ୯ପୃଷ୍ଠାରେ)



## ସକାଳୁ ଉଠିବା ଲାଭଦାୟକ

ପିଲାଦିନୁ ସମସ୍ତଙ୍କୁ ଶିଖାଯାଉଥିବା ଭଲ ଅଭ୍ୟାସ ମଧ୍ୟରେ ଗୋଟିଏ ହେଲା ସକାଳୁ ଉଠିବା । ଏହା ପ୍ରାୟ ସମସ୍ତଙ୍କୁ ଶିଖାଯାଇଥାଏ । ଏହାର ଖୁବ ସକରାତ୍ମକ ପ୍ରଭାବ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ରହିଛି । ସକାଳୁ ସମସ୍ତଙ୍କର ମସ୍ତିଷ୍କ ଖୁବ ଆକ୍ଟିଭ ରହିଥାଏ । ସକାଳୁ ଉଠିବା ଫଳରେ ଅଧିକ ସକରାତ୍ମକ ଭାବନା ଆମ ମସ୍ତିଷ୍କକୁ ଆସିଥାଏ । ସେହିଭଳି ସକାଳୁ ଉଠିଲେ ପ୍ରତିଦିନ ଆମକୁ କିଛି କିଛି ଅଧିକ ସମୟ ମିଳିଥାଏ, ଯାହାକୁ ଆମେ ବିଭିନ୍ନ ପ୍ରକାର କାର୍ଯ୍ୟରେ ଲଗାଇ ପାରିବା । ଭାରତରେ କାହିଁ କେଉଁ କାଳରୁ ବ୍ରାହ୍ମ ମୁହୂର୍ତ୍ତରେ ଉଠିବାର ଅଭ୍ୟାସ ଅନୁକରଣ କରାଯାଇଥାଏ । ତେଣୁ ସକାଳୁ ଉଠିବା ଆମ ମାନଙ୍କ ପାଇଁ ଖୁବ ଲାଭ ଦାୟକ । ସକାଳୁ ଉଠି ପ୍ରାତଃ ଭ୍ରମଣ ହେଉ କିମ୍ବା ବ୍ୟାୟାମ ହେଉ କରିବା ଫଳରେ ଆମର ସ୍ୱାସ୍ଥ୍ୟ ଭଲ ରହିବ ।

## ସୋସିଆଲ କୋଟ୍ସ



“ ଆପଣଙ୍କୁ ଡରାଇବାକୁ ଚାହୁଁ ନଥିଲି । ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ସେହି ଭିଡିଓଟି ମୋର ଅପକମିଂ ମ୍ୟୁଜିକ୍ ଭିଡିଓର । ଆପଣଙ୍କ ଭଲପାଇବା ପାଇଁ ଧନ୍ୟବାଦ ।

ଇଶା ସିଂ, ଅଭିନେତ୍ରୀ



“ ସେହନାଜ ଅସୁସ୍ଥ ଅଛନ୍ତି । ସମସ୍ତେ ତାଙ୍କ ପାଇଁ ପ୍ରାର୍ଥନା କରନ୍ତୁ କିଭଳି ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରି ଆସନ୍ତୁ ।

କରଣ ବୀର ମେହରା, ଅଭିନେତା




“ ମୋତେ କେହି ବି ଡରାଇ ପାରିବେ ନାହିଁ । ମୁଁ ହିଂସାର ବିରୋଧ ସବୁବେଳେ କରିଥାଏ । ବର୍ତ୍ତମାନ ମଧ୍ୟ ଏହା ବିରୋଧରେ ଲଢେଇ ଜାରି ରଖିବି ।

କପିଲ ଶର୍ମା, ଅଭିନେତା

## ବର୍ଷାରେ ଆଖିର ଯତ୍ନ

ବର୍ଷାଦିନ ଆସିଲେ ଶରୀରର ଅଧିକ ଯତ୍ନ ନେବାକୁ ପଡିଥାଏ । ଏହି ଦିନେ ସଂକ୍ରମଣ ହେବାର ସମ୍ଭାବନା ଅଧିକ ଥାଏ ତେଣୁ ସ୍ୱାସ୍ଥ୍ୟର ଯତ୍ନ ନନେଲେ ରୋଗରେ ପଡିବାର ଆଶଙ୍କା ଅଧିକ ଥାଏ । ତେବେ ଆସନ୍ତୁ ଜାଣିବା ବର୍ଷାଦିନେ ଆଖିର ଯତ୍ନ କିପରି ନେବା ।



**ବାରମ୍ବାର ଆଖିରେ ହାତ ମାରନ୍ତୁ ନାହିଁ–** ଏହି ସମୟରେ ଆମର ପରିବେଶ ଦୂଷିତ ହୋଇଥାଏ, ତେଣୁ ବାରମ୍ବାର ଅନ୍ୟ ସ୍ଥାନରେ ହାତ ମାରି ଆଖିରେ ମାରନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ଆଖିରେ ବିଭିନ୍ନ ବ୍ୟାକ୍ଟେରିଆଲ ସଂକ୍ରମଣ ହେବାର ଆଶଙ୍କା ବଢିଥାଏ ।

**ଚଷମାକୁ ସଫା ରଖନ୍ତୁ–** ଯଦି ଆପଣ ଚଷମା ପିନ୍ଧୁଛନ୍ତି ତେବେ ଏହାକୁ ସଫା କରନ୍ତୁ । ଚଷମା ସଫା କରିବା ପାଇଁ ଏହି ସମୟରେ ଅଲଗା କପଡା ବ୍ୟବହାର କରନ୍ତୁ । ସେହିଭଳି ଯଦି ଆପଣ କଣ୍ଟାକ୍ଟଲେନ୍ସ ବ୍ୟବହାର କରୁଛନ୍ତି, ତେବେ ସତର୍କ ରୁହନ୍ତୁ ଯେପରି ଏହା କୌଣସି ବାହାର ସାମଗ୍ରୀ ସମ୍ପର୍କରେ ନଆସେ ।

**ମେକଅପରୁ ଦୂରରେ ରୁହନ୍ତୁ–** ବର୍ଷାଦିନେ ଯେତେ ପାରୁଛନ୍ତୁ ଆଇ ମେକଅପ୍‌ରୁ ଦୂରରେ ରୁହନ୍ତୁ । ଏହି ସମୟରେ ଆଖିରେ ମେକଅପ ଲଗାଇଲେ ବର୍ଷାରେ ଓଦା ହେବା ଫଳରେ ଏହା ଆଖିରେ ପଶିବାର ସମ୍ଭାବନା ଥାଏ । ଯାହା ଆଖିରେ ସଂକ୍ରମଣ କରାଇଥାଏ ।

## ଥ୍ରୋଟ୍ ପ୍ୟାଚ୍



ବୈଜ୍ଞାନିକମାନେ ଆମ ଦୈନନ୍ଦିନ ଜୀବନକୁ ସହଜ ସରଳ କରିବାକୁ ବିଭିନ୍ନ ଉଦ୍ଭାବନ କରିବାରେ ଲାଗିଛନ୍ତି । ସେମାନଙ୍କର ଉଦ୍ଭାବନ ତାଲିକାରେ ଅନେକ ସାମଗ୍ରୀ ସାମିଲ ଅଛି । ନିକଟରେ କାଲିଫର୍ଣ୍ଣିଆ ବୈଜ୍ଞାନିକମାନେ ଏକ ଥ୍ରୋଟ ପ୍ୟାଚ୍‌ର ଉଦ୍ଭାବନ କରିଛନ୍ତି । ଯାହା ଆମ ଗଳାରେ ଲାଗିବା ପରେ ଗଳାରେ ହେଉଥିବା ମସଲ୍ ମୋସନ୍ ବା ମାଂଶପେଶୀୟ ହଲଚଲକୁ କଥାରେ ପରିବର୍ତ୍ତନ କରିବ । ଲୋକମାନେ ଏହାକୁ ଲଗାଇବା ପରେ ଭୋକାଲ କର୍ଡ ବା ସ୍ୱର ତନ୍ତୁର ବ୍ୟବହାର ନକରି କଥା ହୋଇପାରିବେ । ରିପୋର୍ଟ ଅନୁସାରେ ଏହି ପ୍ୟାଚ୍‌ଟି ଚାଲିବା ପାଇଁ କୌଣସି ବ୍ୟାଟେରୀ କିମ୍ବା କନେକ୍ଟର ଆବଶ୍ୟକତା ମଧ୍ୟ ନାହିଁ । ପ୍ୟାଚ୍‌ଟି ଆମ ଗଳାରେ ହେଉଥିବା ମସଲ ମୋସନକୁ ବ୍ୟବହାର କରି ନିଜ ପରିଚାଳନା ପାଇଁ ବିଦ୍ୟୁତ୍ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଏହା ଯେଉଁମାନଙ୍କର ଥ୍ରୋଟ କ୍ୟାନସର, ପାରାଲାଇଜ୍ଡ ଭୋକାଲ କର୍ଡ ଭଳି ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ବିଶେଷଭାବେ ସହାୟକ ହେବ । ଏହାର ପ୍ରଥମ ଡିଜାଇନ୍ ୨୦୨୧ରେ କରାଯାଇଥିଲା । ତେବେ ଏହାପରେ ଏହି ଡିଜାଇନ୍ ଉପରେ ଅନେକ ଗବେଷଣା କରାଯାଇଛି, ଯାହାପରେ ଏଥିରେ ପରିବର୍ତ୍ତନ ମଧ୍ୟ କରାଯାଇଛି । ଏହା ପ୍ୟାଚ୍‌ରେ ପାଞ୍ଚଟି ଥିନ୍ ଲେୟାର ରହିଛି । ସେଣ୍ଟର ଲେୟାରଟି ସିଲିକନ୍ ଓ ମାଇକ୍ରୋମ୍ୟାଗ୍‌ନେଟ୍‌ରୁ ପ୍ରସ୍ତୁତ କରାଯାଇଛି । ଅନ୍ୟ ଲେୟାର ଗୁଡିକ ନରମ ସହିତ ନମନୀୟ ସିଲିକନ୍‌ରୁ ପ୍ରସ୍ତୁତ କରାଯାଇଛି । ଏହି ପ୍ୟାଚ୍‌କୁ ଘେରି ରହିଥିବା ଦୁଇଟି ଲେୟାର କପର୍ ୱେୟାରରୁ ପ୍ରସ୍ତୁତ କରାଯାଇଛି । ଏହି ସମସ୍ତ ଲେୟାର ଏକାଠି କାର୍ଯ୍ୟ କରିବା ଦ୍ୱାରା ଆମର ମସଲ୍ ମୋସନ କଥାରେ ପରିବର୍ତ୍ତନ ହୋଇଥାଏୟ ।



**ହାଃହାଃ..**


ପତ୍ନୀ – ଆମ ପଡୋଶୀ ମୋତେ ଇର୍ଷା କରୁଛନ୍ତି ।
ସ୍ୱାମୀ – କ'ଣ ପାଇଁ, କ'ଣ ହେଲା ?
ପତ୍ନୀ –ମୁଁ ସବୁବେଳେ ନୂଆ ଡ୍ରେସ ପିନ୍ଧୁଛି ସେଥିପାଇଁ ।
ସ୍ୱାମୀ – ହଁ ସେ କ'ଣ ଜାଣିଛନ୍ତି କି ମୁଁ ସବୁଦିନ କରଜ କରୁଛି ।

## ଇତିହାସ


୧୯୦୬ – ବନ୍ଦେମାତରମ୍ ସମାଚାର ପତ୍ରର ପ୍ରକାଶନ ଆରମ୍ଭ ।
୧୯୧୪ – ରୁଷ ବିରୋଧରେ ଅଷ୍ଟ୍ରିଆର ଯୁଦ୍ଧ ଘୋଷଣା ।
୧୯୨୫ – ସୁରେନ୍ଦ୍ରନାଥ ବାନାର୍ଜୀଙ୍କର ମୃତ୍ୟୁ ।
୧୯୬୨ – ଜମୈକାକୁ ସ୍ୱାଧୀନତା ପ୍ରାପ୍ତ ।
୧୯୮୬ – ଭାରତରେ ପ୍ରଥମ ଟେଷ୍ଟଟ୍ୟୁବ୍ ବେବିର ଜନ୍ମ ।
୨୦୧୦ – ଜମ୍ମୁରେ ବନ୍ୟା କାରଣରୁ ୨୦୦ ଲୋକଙ୍କର ମୃତ୍ୟୁ ।
୨୦୧୧ – ଥାଇଲାଣ୍ଡର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ।
୨୦୧୨ – ମଙ୍ଗଳ ଗ୍ରହରେ ନାସାର କ୍ୟୁରିଓସିଟି ରୋବର ପହଞ୍ଚିଥିଲା ।

## ଜୀବନରେ ବିଫଳତାରୁ ଶିକ୍ଷା

ଅନେକ ସମୟରେ ଦେଖିବାକୁ ମିଳେ କିଛି ଲୋକ ଲଗାତାର ବିଫଳ ହେଲେ ମଧ୍ୟ ପୁଣି ସାହସ ଜୁଟାଇ ସଫଳତା ଆଡକୁ ଅଗ୍ରସର ହୋଇ ଥାଆନ୍ତି । ତେବେ ସେମାନଙ୍କୁ ସଫଳତାର ଶିକ୍ଷା ବିଫଳତାରୁ ହିଁ ମିଳିଥାଏ । ସବୁବେଳେ କେବଳ ସଫଳତାକୁ ପାଥେୟ କରି ଚାଲି ହୋଇ ନଥାଏ । ଜୀବନରେ ବିଫଳତାର ମଧ୍ୟ ଭୂମିକା ରହିଛି । ଜୀବନର ଦୁଇଟି ସ୍ତର ହୋଇଥାଏ ଗୋଟିଏ ସଫଳତା ଓ ବିଫଳତା । ସେହିଭଳି ବିଫଳତା ସବୁବେଳେ ଜୀବନର ବଡ ଶିକ୍ଷକ ହୋଇଥାଏ । ଜଣେ ବ୍ୟକ୍ତି ନିଜ ବିଫଳତାରୁ ଅନେକ କିଛି ଶିକ୍ଷା କରିଥାଆନ୍ତି । ବିଫଳତା ପାଇବା ପୂର୍ବରୁ କରିଥିବା ପରିଶ୍ରମ ଆମକୁ ଅନେକ କିଛି ଶିଖାଇଥାଏ । ସେହି ପରିଶ୍ରମ ଆମ ଭିତରେ ଆତ୍ମବିଶ୍ୱାସ ଭରି ଦେଇଥାଏ । ସେହିଭଳି ବିଫଳତା ହେବା ପରେ ଆମକୁ ନିଜ ଭିତରେ ଥିବା ଅଭାବର ସୂଚନା ମିଳିଥାଏ । ତେଣୁ ସେହି ଅଭାବକୁ ଦୂର କରିବା ପାଇଁ ଆମେ ଆହୁରି ପରିଶ୍ରମ କରିଥାଉ ଯାହା ଆମକୁ ଆଉ ଏକ ପାଦ ଆଗକୁ ବଢାଇଥାଏ । ତେଣୁ ଜୀବନରେ କିଛି ବି କରିବା ସମୟରେ ଯଦି ବିଫଳ ହେଉଛନ୍ତି ତେବେ ଅଧୈର୍ଯ୍ୟ ନହୋଇ ସଫଳ ହେବା ପାଇଁ ଚେଷ୍ଟା ଜାରି ରଖନ୍ତୁ । ବିଫଳତାରୁ ସବୁବେଳେ କିଛି ଶିକ୍ଷା କରିବାକୁ ଚେଷ୍ଟା କରନ୍ତୁ ।



## ବିଷାକ୍ତ ହେଉଛି ହିମାଳୟ ଉପରର ବଉଦ



ହିମାଳୟ ବାଦଲକୁ ସବୁଠାରୁ ବିଶୁଦ୍ଧ ଭାବେ ବିବେଚନା କରାଯାଇଥାଏ । ଏଥିରେ ସବୁଠାରୁ ବିଶୁଦ୍ଧ ପାନୀୟଜଳ ରହିଛି ବୋଲି ଜଣାଯାଏ । ହେଲେ ବର୍ତ୍ତମାନର ରିପୋର୍ଟ ଅନୁସାରେ ଏହା ଧୀରେଧୀରେ ବିଷାକ୍ତ ହେବାରେ ଲାଗିଛି । ଏଥିରେ ଅନେକ ଏଭଳି ପଦାର୍ଥ ରହୁଛି ଯାହା ମନୁଷ୍ୟଙ୍କ ପାଇଁ ଖୁବ କ୍ଷତିକାରକ । ଏହା ମଣିଷଙ୍କ ଶରୀରରେ ଗମ୍ଭୀର ରୋଗର କାରଣ ମଧ୍ୟ ସାଜିପାରେ ବୋଲି ଏହି ରିପୋର୍ଟରେ ପ୍ରକାଶ କରାଯାଇଛି । ବୋସ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ କରାଯାଇଥିବା ଏହି ସର୍ଭେରେ ଜମା ପଡିଛି କି ଏହି ବାଦଲରେ କାଡ୍‌ମିଅମ, କପର ଓ ଜିଙ୍କର ମାତ୍ରା ଖୁବ ଅଧିକ ରହୁଛି । ଏହି ଗବେଷଣାରେ ବୈଜ୍ଞାନିକମାନେ ଆଇଆଇଟିଏମ୍ ଉପରେ ଥିବା ତଳସ୍ତରର ବାଦଲରୁ ସାମ୍ପଲ ଆଣି ପରୀକ୍ଷଣ କରିଥିଲେ । ଯେଉଁଥିରେ ଏଭଳି ତଥ୍ୟ ସାମନାକୁ ଆସିଛି । ବାଦଲରେ ଥିବା ଏହି ବିଷାକ୍ତ ପଦାର୍ଥ ଗୁଡିକ ଶ୍ୱାସକ୍ରିୟା, ଚର୍ମ କୂପ, ବର୍ଷା ପାଣି ସାହାଯ୍ୟରେ ଆମ ଶରୀରରେ ପ୍ରବେଶ କରିବାର ଆଶଙ୍କା ରହିଛି । ଏହି ବିଷାକ୍ତ ସାମଗ୍ରୀ ପ୍ରବେଶ ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି ।

## ଥଣ୍ଡାପାନୀୟ ପିଉଥିଲେ ସାବଧାନ

ସାଧାରଣତଃ ଘରକୁ କେହି ବନ୍ଧୁ ଆସିଲେ କିମ୍ବା ଆମକୁ ଗରମ ଲାଗିଲେ ଆମେ ସମସ୍ତେ କୋଲ୍ଡଡ୍ରିଙ୍କର ଗୋଟିଏ ବୋତଲ ପିଇଥାଉ । ହେଲେ ଯଦି ଆପଣଙ୍କୁ ମଧ୍ୟ କୋଲ୍ଡଡ୍ରିଙ୍କ ପସନ୍ଦ ତେବେ ସାବଧାନ ହୋଇ ଯାଆନ୍ତୁ । ନିକଟରେ ମିଳିଥିବା ସୂଚନା ଅନୁସାରେ ଦିନକୁ ଗୋଟିଏ କ୍ୟାନ୍ ଡାଏଟ୍ ସୋଡା ପିଇବା ଦ୍ୱାରା ଆମର ମଧୁମେହ ହେବାର ଆଶଙ୍କା ୩୮ ପ୍ରତିଶତ ବଢିଯାଇଥାଏ । ତେଣୁ ଯେଉଁ ପାନୀୟ ଗୁଡିକ କୃତ୍ରିମ ମିଠା ଦେଇ ପ୍ରସ୍ତୁତ କରାଯାଉଛି ଏହାକୁ ପିଇବା ଦ୍ୱାରା ଟାଇପ ୨ ଡାଇବେଟିସ୍ ବଢିବାର ସମ୍ଭାବନା ଖୁବ ଅଧିକ ରହିଛି । ମୋନାସ ବିଶ୍ୱବିଦ୍ୟାଳୟ, ଆର୍‌ଏମ୍‌ଆଇଟି ବିଶ୍ୱବିଦ୍ୟାଳୟ ଓ କ୍ୟାନ୍ସର କାଉଂସିଲ୍ ଭିକ୍ଟୋରିଆ ପକ୍ଷରୁ ପାଖାପାଖି ୧୪ ବର୍ଷଧରି ୩୬ ହଜାରରୁ ଅଧିକ ଅଷ୍ଟ୍ରେଲୀୟଙ୍କ ଉପରେ ଏହି ପରୀକ୍ଷା କରାଯାଇଥିଲା । ଯାହାପରେ ଏହି ରିପୋର୍ଟ ଆସିଥିବା ଜଣା ପଡିଛି । ତେଣୁ ଯେଉମାନେ କୋଲ୍ଡଡ୍ରିଙ୍କ ଲଭର ସେମାନଙ୍କୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ପଡିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



## ଅଭିନୟ ନଥିଲା ପସନ୍ଦ



ବଲିଉଡର ଜଣେ ଆଗଧାଡିର ନାୟିକା ଭାବେ କାଜୋଲଙ୍କର ରହିଛି ଅନେକ ଖ୍ୟାତି । ବିଗତ ଦୁଇ ଦଶନ୍ଧି ଧରି ସେ ବିଟାଉନରେ ରାଜ କରି ଆସୁଛନ୍ତି । ଆଜି ମଧ୍ୟ ତାଙ୍କୁ ବଡ ପରଦାରେ ଦେଖିବାକୁ ଦର୍ଶକଙ୍କ ଭିଡ ଯମୁଛି । ତେବେ ନିଜ ଅଭିନୟର ଯାଦୁରେ ସମସ୍ତଙ୍କୁ ବାନ୍ଧି ରଖିପାରୁଥିବା କାଜୋଲ କିନ୍ତୁ ଫିଲ୍ମ ଲାଇନ୍‌କୁ ଆସିବାକୁ କେବେ ବି ଚାହୁଁ ନଥିବା ନିକଟରେ ପ୍ରକାଶ କରିଛନ୍ତି । ତାଙ୍କ ଆଈ ଓ ମାଆ ଫିଲ୍ମ ଦୁନିଆର ବରିଷ୍ଠ ଅଭିନେତ୍ରୀ ଥିଲେ ମଧ୍ୟ ସେ ଏହି ଲାଇନ୍‌କୁ ଆସିବାକୁ ଯୋଜନା କରି ନଥିଲେ । ହେଲେ ତାଙ୍କ ମାଆ ଚାହୁଁଥିଲେ କାଜୋଲ ଏହି ଲାଇନ୍‌ରେ ଆସନ୍ତୁ । ଏହାପରେ ସେ ନିଜର ପ୍ରଥମ ଫିଲ୍ମ ବେଖୁଦି ସାଇନ କରିଥିଲେ । ଫିଲ୍ମଟି ଫ୍ଲପ ହେଲେ ମଧ୍ୟ ତାଙ୍କର ଅଭିନୟକୁ ଦର୍ଶକ ଖୁବ ଭଲ ପାଇଥିଲେ । ଏହାପରେ ଧୀରେଧୀରେ ତାଙ୍କର ଅଭିନୟରେ ମନ ଲାଗିଥିଲା ଏବଂ ସେ ଫିଲ୍ମ କରିବା ଆରମ୍ଭ କରିଥିଲେ । ଏହାପରେ କାଜୋଲଙ୍କ ଅଭିନୟକୁ ସମସ୍ତେ ଖୁବ ପସନ୍ଦ କରିଥିଲେ, ଯାହା ତାଙ୍କୁ ବିଟାଉନ୍‌ରେ ଦେଇଥିଲା ଏକ ଭିନ୍ନ ପରିଚୟ ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

# ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର



୧୪୧ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ଶ୍ରୀ ବାବୁ ସିଂ, ଶ୍ରୀ ଗଣେଶ୍ୱର ବେହେରା ଓ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସଦର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ ଶତପଥି, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ ମିଶ୍ର, ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ "ଝକ୍ତ୍ରରରମଷରଗ୍ମ କ୍ଟଲ ର୍ସଭବଭମର ଗସଭସଗ୍ମଗ୍ମରକ୍ସ କ୍ଟଲ ଙ୍ଘସଗ୍ମଷବ ଲକ୍ସକ୍ଟଞ୍ଜ ୨୦୨୨ ଗ୍ମକ୍ଟ ୨୦୨୫-୨୬"କୁ ଉନ୍ମୋଚନ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ୧୯୩୬ ମସିହା ଅପ୍ରେଲ ପହିଲାରେ ବ୍ରିଟିଶ ଶାସନାଧିନ ଭାରତ ବର୍ଷରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ଶାସନଗତ କ୍ଷମତା ହାସଲ କରିଥିଲା । ସ୍ୱତନ୍ତ୍ର ଓଡ଼ିଶାର (ପ୍ରାକ୍-ସ୍ୱାଧୀନତା) ପ୍ରଥମ ବିଧାନସଭା ୧୯୩୬ ମସିହାଠାରୁ ୨୦୨୦-୨୧ ମସିହା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଧାନସଭାରେ ମାନ୍ୟବର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବଜେଟ ଅଭିଭାଷଣ ଗବେଷଣା ଉପବିଭାଗ ଦ୍ୱାରା ସଂଗ୍ରହ କରାଯାଇ ପୁସ୍ତକର ଅଷ୍ଟମ ଖଣ୍ଡ (ଅଷ୍ଟମ ସଂସ୍କରଣ) ପ୍ରକାଶିତ ହୋଇଛି । ଏହି ପରିପ୍ରେକ୍ଷୀରେ ୨୦୨୧-୨୨ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟର ନବମ ସଂସ୍କରଣ ଆଜି ଉନ୍ମୋଚିତ ହୋଇଛି । କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ଶ୍ରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବାଜିନି ବିଗୁଲ, ତେଜିଲାଣି ଛାତ୍ର ରାଜନୀତି

ଭୁବନେଶ୍ୱର (ସବ୍ୟୁ) : ସଙ୍କେତ ଦେଖି ସରଗରମ କ୍ୟାମ୍ପସ ରାଜନୀତି । ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ନହେଉଣୁ କ୍ଷେତ୍ର ପ୍ରସ୍ତୁତିରେ ମାତିଲେଣି ଛାତ୍ର ସଂଗଠନ । ଉଚ୍ଚ ଶିକ୍ଷାନୁଷ୍ଠାନକୁ ନୂଆ ବ୍ୟାଚ୍ ଆସୁ ଆସୁ ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ଖୋଲି ଦେଲେଣି ନିଜ ନିଜର ହେଲ୍ପ ଡେସ୍କ । ନବାଗତ ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଚାଲିଲାଣି ଛକାପଂଝା । ଯେହେତୁ ଆଡମିଶନ ପ୍ରକ୍ରିୟା ଏକ ପ୍ରକାର ଶେଷ ପର୍ଯ୍ୟାୟରେ, ତେଣୁ କିଭଳି ଜୋରଦାର ପ୍ରସ୍ତୁତିରେ ବିଭିନ୍ନ ଷ୍ଟୁଡେଣ୍ଟ୍‌ୟୁନିୟନ । ବ୍ୟାନର ଓ ପୋଷ୍ଟରରୁ ସେ ଚିତ୍ର ବି ସାମ୍ନାକୁ ଆସିଲାଣି । ବିଶ୍ୱବିଦ୍ୟାଳୟରୁ କଲେଜ ଯାଏଁ, ସବୁଠି ଅନୁଭୂତ ହେଲାଣି ଛାତ୍ର ରାଜନୀତିର ତାତି । ୨୦୧୭ ମସିହାରେ ଶେଷ ଥର ପାଇଁ ହୋଇଥିଲା ରାଜ୍ୟରେ କଲେଜ ଭୋଟ । ୨୦୧୮ରେ ତତ୍କାଳୀନ ବିଜେଡି ସରକାର ସମୟରୁ ଏହା ବନ୍ଦ ରହିଛି । ହେଲେ ମୋହନ ଚରଣ ମାଝୀଙ୍କ ସରକାର କ୍ଷମତାକୁ ଆସିବା ପରେ ପୁଣି ଛାତ୍ର ସଂସଦ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ସମୟ ନିକଟ ହେଉଥିବା ଜାଣି କ୍ୟାମ୍ପସରେ ସକ୍ରିୟ ଆଶାୟୀ ପ୍ରାର୍ଥୀ ଓ ଛାତ୍ର ସଂଗଠନ । ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ଏଥର ଏଫ୍‌ଏମ୍ ଘଟଣା ତାକୁ ଶୃଙ୍ଖଳିତ ପରିଚାଳନା କରିବା ସ୍ଥାନୀୟ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଆହ୍ୱାନ ହେବ । ଯେହେତୁ ଏଥର ଏବିଭିପି, ଛାତ୍ର ବିଜେଡି ଓ ଛାତ୍ର



ସହ ଛାତ୍ରୀ ସୁରକ୍ଷାକୁ ମୁଖ୍ୟ ମୁଦ୍ଦା କରୁଥିବାବେଳେ ଏବିଭିପି ମଧ୍ୟ ଟାଣୁଆ ମୁଦ୍ଦାକୁ ଧରି ମଇଦାନକୁ ଓହ୍ଲାଇବାକୁ ଯୋଜନା ରଖିଛି । ଛାତ୍ରଛାତ୍ରୀ ବି ଦୀର୍ଘ ବର୍ଷ ପରେ କଲେଜ ନିର୍ବାଚନରେ ସେମାନଙ୍କ ଭାଗିଦାରିକୁ ନେଇ ଉତ୍କଣ୍ଠାରେ ।

ଏଭଳିସ୍ଥଳେ ଯଦି ଛାତ୍ର ସଂସଦ ନିର୍ବାଚନ ହୁଏ, ତେବେ କଂଗ୍ରେସ ସମସ୍ତେ ପରସ୍ପରକୁ ଟକ୍କର ଦେବା ସ୍ଥିତିରେ ଅଛନ୍ତି ଏବଂ ଲଢେଇ ପାଇଁ ନିଜ ନିଜ ପ୍ରାର୍ଥୀ ଚୟନରେ ଲାଗିଲେଣି । ତେଣୁ ୮ବର୍ଷ ପରେ କଲେଜ ରାଜନୀତି ଉଠିବ ପଡ଼ିବ ବୋଲି ଅନୁଭବ ହେଲାଣି । ଅପେକ୍ଷା ଉଚ୍ଚ ଶିକ୍ଷା ବିଭାଗ କେବେ ଆନୁଷ୍ଠାନିକ ଭାବେ କଲେଜ ନିର୍ବାଚନ ତାରିଖ ଘୋଷଣା କରୁଛନ୍ତି ।

### କଟକରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

# ତାରକସି ହବକୁ ମିଳିବ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା: ଉପମୁଖ୍ୟମନ୍ତ୍ରୀ

କଟକ ,(ସବ୍ୟୁ):ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ପହଂଚାଇବା ନିମନ୍ତେ କଟକଠାରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ଆଜି କଟକ ସିଡିଏ ସେକ୍ଟର ୬ ସ୍ଥିତ ବିଡାନାସୀ ପେଟାନାଳଠାରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି କେନ୍ଦ୍ର କଟକର ପରମ୍ପରାକୁ ସଂରକ୍ଷଣ କରିବା ସହିତ ନବସୃଜନକୁ ଆପଣାଇ ତାରକସି କାରିଗରମାନଙ୍କୁ ସଶକ୍ତ କରିବା ସହ କଟକ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ । ପ୍ରାୟ ସାଢେ ଆଠ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୨୦ ହଜାର ବର୍ଗଫୁଟ ଆୟତନର ଏହି ସୁବିଧା କେନ୍ଦ୍ରରେ ଆଧୁନିକ ଉପକରଣ, କାରିଗରମାନଙ୍କୁ ତାଲିମ ଓ ବଜାର ସୁବିଧା ସବୁ କିଛି ଗୋଟିଏ ଛାତ ତଳେ ଯୋଗାଇ ଦିଆଯିବ । ଏହା କେବଳ ଏକ କୋଠା ନୁହେଁ ଏହା ଆଗାମୀ ପିଢୀର କାରିଗରମାନଙ୍କ ପାଇଁ ଏକ ପ୍ରୟୋଗଶାଳା ହେବ । ଆଜି କଟକ ସହରରେ ୫୦୦ କାରିଗର ଥିବାବେଳେ ଆଗକୁ ୫୦୦୦ କାରିଗର ପରିବାର ଯେପରି ସୃଷ୍ଟି ହୋଇପାରିବେ



ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟକ୍ରମ ହାତକୁ ନିଆଯିବ । କଟକର ସ୍ୱାଭିମାନ କଟକ ତାରକସିର ଚମକ ଯେଭଳି ବିଶ୍ୱ ଦରବାରରେ ସ୍ଥାନ ପାଇବ ସେ ଦିଗରେ ଏହି ସୁବିଧା କେନ୍ଦ୍ର କାର୍ଯ୍ୟ କରିବ । ଏହା ଷ୍ଟାର୍ଟ ଅପ୍ ମାନଙ୍କୁ ମଧ୍ୟ ଦିଗଦର୍ଶନ ଦେବ । ଭୋକାଲ ଫର ଲୋକାଲ ଏବଂ ଲୋକାଲ ଟୁ ଗ୍ଲୋବାଲ ମନ୍ତ୍ରରେ ଏହି ସୁବିଧା କେନ୍ଦ୍ରକୁ ଏକ ପର୍ଯ୍ୟଟନସ୍ଥଳୀ ଭାବରେ ବିକଶିତ କରାଯିବ । ଯେଉଁଠାରେ ଦର୍ଶକ ସ୍ୱଚକ୍ଷୁରେ ତାରକସି ସମାଗ୍ରୀ ପ୍ରସ୍ତୁତି ପ୍ରଣାଳୀ ଦେଖିପାରିବେ । ତାରକସି ଭଳି ଏକ କଠିନ କାର୍ଯ୍ୟକୁ କିଭଳି ଆମ କାରିଗର ମାନେ ପିଢୀ ପରେ ପିଢୀ ବଂଚାଇ ରଖିଛନ୍ତି ତାହା ଏହି ସୁବିଧା କେନ୍ଦ୍ରରେ ସଂରକ୍ଷିତ ହୋଇ ରହିବ । କଟକର ଏହି ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରକୁ ଐତିହ୍ୟ ଶିଳ୍ପୀ ଗ୍ରାମର ମାନ୍ୟତା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତା ଆଠ ମାସ ମଧ୍ୟରେ ଏହି ସୁବିଧା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମତୀ ପରିଡା ପ୍ରତିଶୃତି ଦେଇଛନ୍ତି ।ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋଟା ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସ , କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟ ନିକଟ

# ଦୋକାନଗୁଡିକରେ ଏସ୍‌ଟିଏଫ୍‌ର ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଅପରେସନ ମୁକ୍ତି ନାମରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଭୁବନେଶ୍ୱରର ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟ ନିକଟ ଦୋକାନଗୁଡିକରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ସିଗାରେଟ୍, ବ୍ରାଉନସୁଗର ପ୍ରଭୃତି ଜବତ କରିଛି । ନାକ୍ରୋଟିକ୍ସ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି । କେତେକ ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି । ସେମାନଙ୍କ ଉପରେ ପଦକ୍ଷେପ ନିଆଯିବ ବୋଲି ଚଢାଉରେ ସାମିଲ ଥିବା ଅଫିସର କହିଛନ୍ତି ।

ପଟିଆ ଓ ଖଣ୍ଡଗିରି ଅଞ୍ଚଳରେ ଥିବା ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟରେ ଅଧିକ ଟଙ୍କା ଦେଇ ଉଚ୍ଚଶିକ୍ଷା ଲାଭ ପାଇଁ ବାପ-ମା'ମାନେ ପିଲାଙ୍କୁ ପଠାଉଥିବା ବେଳେ ସେମାନେ ଡ୍ରଗ୍ସ ଜାଲରେ ଛନ୍ଦି ହୋଇଯାଉଛନ୍ତି । ଗୁଇନ୍ଦା ସୂଚନା ଆଧାରରେ ଏସ୍‌ଟିଏଫ୍ କମିଶନରେଟ୍ ପୋଲିସ ସହାୟତାରେ ଦୁଇଟି ବିଶ୍ୱବିଦ୍ୟାଳୟ ନିକଟରେ ଥିବା ସଂଖ୍ୟାଧିକ ଦୋକାନରେ ଚଢାଉ କରି ଗଞ୍ଜେଇ ସିଗାରେଟ୍, ଗଞ୍ଜେଇ, ବ୍ରାଉନସୁଗର, ଗୁଟ୍‌ଖା, ସିଗାରେଟ୍, ଖଇନି ପ୍ରଭୃତି ଜବତ କରିଛି । ନିଷିଦ୍ଧ ନିଶାକୁ ବ୍ୟବସାୟୀମାନେ ଚୋରାରେ ଛାତ୍ରମାନଙ୍କୁ ବିକ୍ରି କରୁଛନ୍ତି । ଗଞ୍ଜେଇ ସିଗାରେଟ୍ ପାଇଁ କୋଡ୍ ଓ୍ୱାର୍ଡ ବ୍ୟବହାର କରାଯାଉଛି । ଯେତେବେଳେ ଛାତ୍ରଛାତ୍ରୀମାନେ କୋଡ୍‌ଓ୍ୱାର୍ଡରେ ନିଶା ମାଗିବେ ପାଖରେ ଥିବା ଅନ୍ୟ ଗ୍ରାହକ ତାହା ସହଜରେ ବୁଝିପାରିବେ ନାହିଁ । ନାକୋଟିକ୍ସ ପାଇଁ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛି ଏସ୍‌ଟିଏଫ୍ ।

କିଛିଦିନ ତଳେ କମିଶନରେଟ୍ ପୋଲିସ ପକ୍ଷରୁ ପାତ୍ରପଡା ଅଞ୍ଚଳର ବିଭିନ୍ନ ଦୋକାନରେ ଚଢାଉ କରାଯାଇଥିଲା । ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ୍ ଜବତ କରାଯିବା ସହ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କେତେକଙ୍କୁ ନାକୋଟିକ୍ସ ବିକ୍ରି ଅଭିଯୋଗରେ କୋର୍ଟଚାଲାଣ କରାଯାଇଥିଲା । ଭୁବନେଶ୍ୱରର ସମଗ୍ର ଅଞ୍ଚଳରେ ଥିବା ଛୋଟ ଛୋଟ ଦୋକାନ ଯଥା-ପାନ, ଚାହା, ଗ୍ରୋସରୀ ପ୍ରଭୃତି ଦୋକାନରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ବିକ୍ରି ହେଉଛି । ଯେଉଁ ଅଞ୍ଚଳରେ ଚଢାଉ କରାଯାଉଛି, କେବଳ ସେହି ଅଞ୍ଚଳରେ ବିକ୍ରିର ହେଉଛି, ଅନ୍ୟ ଆଡେ ବିକ୍ରି ହେଉନାହିଁ ତାହା କହିବା ଠିକ୍ ହେବନାହିଁ । ବାରମ୍ବାର ଚଢାଉ କରାଗଲେ ଚୋରାରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଭୟ ହେବା ସାଙ୍ଗକୁ ସେବନକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ମଧ୍ୟ ହେବ । ଶିକ୍ଷାନୁଷ୍ଠାନ ନିକଟରେ ଗଞ୍ଜେଇ, ବ୍ରାଉନସୁଗର ପ୍ରଭୃତି ବିକିବା ଦ୍ୱାରା ଛାତ୍ରଛାତ୍ରୀମାନେ ତାକୁ ସହଜରେ ଅଭ୍ୟାସ କରିନେଉଛନ୍ତି । ନିଷିଦ୍ଧ ନିଶା ନମିଳିଲେ ହୁଏତ ଯୁବପିଢି ତାହା ସେବନ କରିବାରୁ ଦୂରେଇ ରହିବେ ବୋଲି ମତ ଦେଇଛନ୍ତି ଚଢାଉରେ ସାମିଲ ଥିବା ବରିଷ୍ଠ ଅଧିକାରୀ ।

### ଆଉ ୨୦୦ ଏମବିବିଏସ୍ ସିଟରେ ନାମ ଲେଖା

# କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ୨୦୦ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ(ଜେପି) ନଡ୍ଡାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦିଲ୍ଲୀରେ ଭେଟି ପ୍ରସ୍ତାବ ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ (ପିଏମ୍‌ପିଏମ୍‌ସି)ରେ ୧୦୦ଟି ସିଟ ଓ ଫୁଲବାଣୀର ସରକାରୀ ମେଡିକାଲ କଲେଜ(ଜିଏମସି)ରେ ୧୦୦ଟି ଏମବିବିଏସ୍ ସିଟରେ ନାମଲେଖା ନିମନ୍ତେ ଅନୁମତି ମାଗିଛନ୍ତି । ଫୁଲବାଣୀରେ ନୂଆ ମେଡିକାଲ କଲେଜ ସ୍ଥାପନ ହୋଇଥିବାରୁ ରାଜ୍ୟରେ ଡାକ୍ତରଙ୍କ ଅବଶ୍ୟକତା ରହିଛି । କଲେଜ ପାଇଁ ଡିନ ଓ ପ୍ରିନ୍ସପାଲ ପଦବୀ ଲାଗି ଗତ ଜନୁଆରୀ ୧୮ ତାରିଖରୁ ନ୍ୟାସନାଲ ମେଡିକାଲ କମିଶନ ପୋର୍ଟାଲରେ ଆବେଦନ କରିସାରିଛନ୍ତି । ନ୍ୟାସନାଲ ମେଡିକାଲ କମିଶନ ଟିମ ମଧ୍ୟ ଗତ ଜୁନ ୨୩ ତାରିଖରେ ଉଭୟ ତାଳଚେର ଓ ଫୁଲବାଣୀ ମେଡିକାଲ କଲେଜ ପରିଦର୍ଶନ କରି ସାରିଛନ୍ତି । ଏହସହ ଟିମ୍ ଜୁଲାଇ ୧୦ରେ ନୋଟିସ ମଧ୍ୟ ଦେଇସାରିଛନ୍ତି । ଏହାରି ଭିତରେ ଉଭୟ କଲେଜ ପାଇଁ ଡିନ ଓ ପ୍ରିନ୍ସପାଲ ସେମାନଙ୍କ ଜରୁରୀ ଦସ୍ତାବିଜ ପୈଠ କରିସାରିଛନ୍ତି । ଏହି ମେଡିକାଲ କଲେଜ ଉନ୍ନତିକରଣ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ସରକାର ବଜେଟ ବ୍ୟବସ୍ଥା କରିଛନ୍ତି । ଉଭୟ କଲେଜରେ ନାମ ଲେଖା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ବ୍ୟକ୍ତିଗତ ଭାବେ ବିଚାର କରି ପଦକ୍ଷେପ ନେବାକୁ ସ୍ୱସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅନୁରୋଧ କରିଛନ୍ତି ।

## ସରକାରୀ କଳରୁ ବିଦା ହେବେ ଅପାରଗ ବାବୁ

# ୭ ସୁଦ୍ଧା ରିପୋର୍ଟ ଦେବାକୁ ସବୁ ବିଭାଗକୁ ସିଏସ୍‌ଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ସରକାରୀ ଅଫିସରୁ ବିଦା ହେବେ ଅପରାଗ କର୍ମଚାରୀ । ନିୟମ ଅନୁଯାୟୀ କାମ କରୁନଥିଲେ ଦିଆଯିବ ବାଧ୍ୟତାମୂଳକ ଅବସର । ବିଭିନ୍ନ ସରକାରୀ ଅଫିସରେ କାମରେ ଖିଲାପକାରୀ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟର ତଥ୍ୟ ମାଗିଛନ୍ତି ମୁଖ୍ୟ ଶାସନ ସଚିବ(ସିଏସ୍) । ଆସନ୍ତା ୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ସବୁ ବିଭାଗକୁ କଡ଼ା ନିର୍ଦ୍ଦେଶ ହୋଇଛି । ଯାହାକି ନିର୍ଦ୍ଦିଷ୍ଟ ଫର୍ମାଟରେ ମଗାଯାଇଛି ।

କେଉଁ ବିଭାଗରେ କେତେ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରଧୀନ ରହିଛି? ମାସକରେ କେଉଁ କର୍ମଚାରୀ କେତେ ଦିନ କାମ କରୁଛନ୍ତି ? କେତେ ଅଧିକାରୀ କେତେ ଥର ଫିଲ୍ଡ ଭିଜିଟ୍ କରିଛନ୍ତି ? କାମ କରୁନଥିବା କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ? କେଉଁ ବିଭାଗରେ କେତେ ପଦବୀ ଖାଲି ଅଛି? ଅଧିକାରୀଙ୍କ ଦକ୍ଷତା ବିକାଶ ପାଇଁ କଣ ପଦକ୍ଷେପ ନିଆଯାଇଛି ଓ କେତେ ଅଧିକାରୀ ଏଆଇ ଫ୍ରି କ୍ଲାସ ଦ୍ୱାରା ଟ୍ରେନିଂ ନେଇଛନ୍ତି ? ଏନେଇ ମଧ୍ୟ ବିସ୍ତୃତ ତଥ୍ୟ ମାଗିଛନ୍ତି ମୁଖ୍ୟ ସଚିବ ।

ଅପାରଗ କର୍ମଚାରୀଙ୍କୁ ବିଦା କରିବାକୁ ଗତ ଜୁଲାଇ ୧୫ରେ ସଚିବ ସ୍ତରୀୟ ବୈଠକ ବେଳେ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ କଠୋର ଆଭିମୁଖ୍ୟ ପୋଷଣ କରିଥିଲେ । ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପେଟମ୍ବର ୨୪ର ସର୍କୁଲାର ଅନୁଯାୟୀ, ଅପାରଗ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେବାକୁ ସ୍ପଷ୍ଟ ଭାବେ ଶୁଣାଇଥିଲେ ମୁଖ୍ୟ ଶାସନ ସଚିବ । ଏମିତି କି ଯେଉଁ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ରହିଛି ତା'ର ତଥ୍ୟ ଏଚ୍‌ଆରଏମଏସ୍ ଓ୍ୱେବସାଇଟରେ ଦାଖଲ କରିବା ସହ ଏହାର ନିୟମିତ ସମୀକ୍ଷା କରି ଫୈସଲା କରିବାକୁ ବି କହିଥିଲେ । ଏହା ପୂର୍ବରୁ ସେପେଟମ୍ବର ୨୭ରେ ଜିଲ୍ଲାପାଳ ସମ୍ମିଳନୀରେ ଏନେଇ ବି ରୋକଠୋକ୍ ଶୁଣାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେକାଳ ପଖାଳ ଆଉ ନାହିଁ, ତେଣୁ ଅପରାଗ ଅଧିକାରୀ ନିଜ ମାନସିକତା ପରିବର୍ତ୍ତନ ପାଇଁ ସେତେବେଳେ ଆହ୍ୱାନ ଦେଇଥିଲେ ମୁଖ୍ୟମନ୍ତ୍ରୀ ।

## ଜଷ୍ଟିସ୍ ସଙ୍ଗମ କୁମାର ସାହୁ ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ

କଟକ,(ସବ୍ୟୁ): ଓଡିଶା ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ ଭାବେ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ନିଯୁକ୍ତ ହୋଇଛନ୍ତି । ଏ ନେଇ ରାଜ୍ୟ – ସେବା ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକଙ୍କ ନିର୍ଦ୍ଦେଶକ୍ରମେ, ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଭାବେ ଜଷ୍ଟିସ୍ ସାହୁଙ୍କୁ ମନୋନୀତ କରାଯାଇଛି । ଗତ ୪ତାରିଖରେ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଜଷ୍ଟିସ୍ ସାହୁ ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବାବେଳେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନେଇଥିଲେ । ଶ୍ରୀ ସାହୁଙ୍କ ପଦକ୍ଷେପ ପାଇଁ ସମାଜର ତଳସ୍ତରରେ ଥିବା ବହୁ ଗରିବ ତଥା ଦୁଃସ୍ଥ ଲୋକ ନ୍ୟାୟ ପାଇପାରିଥିଲେ । ଜଷ୍ଟିସ୍ ସାହୁଙ୍କ ଏଭଳି ପଦକ୍ଷେପକୁ ସମଗ୍ର ରାଜ୍ୟରେ ଭୂରିଭୂରି ପ୍ରଶଂସା କରାଯାଇଥିଲା ।

### ଦୂରଦୃଷ୍ଟିରୁ ବେଗ ପର୍ଯ୍ୟନ୍ତ ମାସିକ ସମୀକ୍ଷା ଅଭିଯାନ ଆରମ୍ଭ କଲେ ନଗର ଉନ୍ନୟନ

# ପାର୍କରେ ଭିନ୍ନକ୍ଷମଙ୍କ ପାଇଁ ସୁଲଭ ଭିତ୍ତିଭୂମି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସହରାଞ୍ଚଳ ଉନ୍ନୟନ ଏଜେଣ୍ଡାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଗୃହନିର୍ମାଣ ଓ ନଗରୁନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏକ ନୂତନ ଶାସନ ବ୍ୟବସ୍ଥାର ଆରମ୍ଭକୁ ଚିହ୍ନିତ କରି ମନ୍ତ୍ରୀ ଘୋଷଣା କରିଥିଲେ ଯେ ପ୍ରତି ମାସର ପ୍ରଥମ ମଙ୍ଗଳବାର ବର୍ତ୍ତମାନ ଗୃହନିର୍ମାଣ ଓ ନଗରୁନ୍ନୟନ ବିଭାଗ ବିଭାଗ ପାଇଁ ଏକ ଉତ୍ସର୍ଗୀକୃତ ସମୀକ୍ଷା ଦିବସ ହେବ । ବିଭାଗ ଅଧୀନରେ ଥିବା ସମସ୍ତ ଫ୍ଲାଗସିପ୍ ସ୍କିମ୍ ଏବଂ ପଦକ୍ଷେପଗୁଡିକରେ ରିଅଲ୍ ଟାଇମ୍ ମନିଟରିଂ, ତ୍ୱରିତ କାର୍ଯ୍ୟକାରିତା ଏବଂ ଉନ୍ନତ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି "ପ୍ରଥମ ମଙ୍ଗଳ ବାର ସମୀକ୍ଷା ଦିବସ" ଶୀର୍ଷକ ଏହି ସଂସ୍ଥାଗତ ସମୀକ୍ଷା ଢାଞ୍ଚା ।

ଆଜି ବୈଠକରେ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ସହାରୀ ବିକାଶ ଯୋଜନା ଏବଂ ଏହାର ପ୍ରମୁଖ ଉପାଦାନଗୁଡ଼ିକର ବ୍ୟାପକ ସମୀକ୍ଷା କରିଥିଲେ । ପରିମଳ, ଭିତ୍ତିଭୂମି, ସଫେଇ କର୍ମଚାରୀଙ୍କ ମର୍ଯ୍ୟାଦା ଓ କଲ୍ୟାଣ ପାଇଁ ଗରିମା ଯୋଜନାର କାର୍ଯ୍ୟକାରିତା ଏବଂ ବଜେଟ୍ ଉପଯୋଗର ଅଗ୍ରଗତିର ଆକଳନ କରିଥିଲେ । ଠିକ୍ ସମୟରେ ଫଳାଫଳର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇ ସେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ କାର୍ଯ୍ୟକାରିତାକୁ ସୁବ୍ୟବସ୍ଥିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ୧୧୫ଟି ସମାବେଶୀ ଡିଜାଇନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ ପାର୍କରେ ଭିନ୍ନକ୍ଷମଙ୍କ ପାଇଁ ସୁଲଭ ଭିତ୍ତିଭୂମି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ

ଆଲୋଚନା ହୋଇଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସଚିବ ଏବଂ ବିଭାଗର ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ । ଖାରବେଳଭବନ୍ର ତୃତୀୟ ମହଲାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଅଧିବେଶନ ଏକ ଫଳାଫଳ ଭିତ୍ତିକ ସମୀକ୍ଷା ବ୍ୟବସ୍ଥାର ଆରମ୍ଭକୁ ଚିହ୍ନିତ କରେ ଯାହା ଗଠନମୂଳକ, ସମାବେଶୀ ଏବଂ ଦକ୍ଷ ବିକାଶ



ସହରାଞ୍ଚଳରେ ୨୪ ଘଣ୍ଟିଆ ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ଆହ୍ୱାନ ଦେବା ସହ ଟ୍ୟାପ୍ ରୁ ପାନୀୟ ଜଳ ମିଶନ ଉପରେ ଗୁରୁତ୍ୱ ଦେଇଥିଲେ । ପାର୍କ, ପାଠାଗାର ଏବଂ କଲ୍ୟାଣ ମଣ୍ଡପ ଭଳି ସାର୍ବଜନିକ ସୁବିଧାର ବିକାଶର ସମୀକ୍ଷା କରି ସେ ଦ୍ୱାରା ନିଜସ୍ୱ ରାଜସ୍ୱ ବୃଦ୍ଧି, ବିଭାଗର ଖାଲି ପଦବୀ ପୂରଣ ଏବଂ ଉନ୍ନତ ସହରାଞ୍ଚଳ ଶାସନ ଏବଂ ସେବା ପ୍ରଦାନ ପାଇଁ ଦକ୍ଷତା ବୃଦ୍ଧି ଅନ୍ତର୍ଭୁକ୍ତ । ଏହି ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ପୌର ନିର୍ଦ୍ଦେଶକ , ସ୍ୱତନ୍ତ୍ର ସଚିବ, ସମସ୍ତ ଅତିରିକ୍ତ ମାଧ୍ୟମରେ ଓଡ଼ିଶାର ସହରାଞ୍ଚଳକୁ ପରିବର୍ତ୍ତନ କରିବାକୁ ସରକାରଙ୍କ ପ୍ରତିବଦ୍ଧତା ସହିତ ମେଳ ଖାଉଛି ପ୍ରାତ୍ୟେକ ମାସ ପ୍ରଥମ ମଙ୍ଗଳ ବାର ସମୀକ୍ଷା ଅଭିଯାନ ନୀତିରୁ କାର୍ଯ୍ୟଦକ୍ଷତା ଆଡକୁ ଯିବାର ସରକାରଙ୍କ ସଂକଳ୍ପର ପ୍ରତୀକ ଭାବରେ ଛିଡା ହୋଇଛି ।

## ଓଡ଼ିଶାରେ ଦକ୍ଷତା ବିକାଶ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ଖଣି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଉପରେ ଆଲୋଚନା

ଭୁବନେଶ୍ବର (ସବ୍ୟୁ): ଓଡ଼ିଶାରେ ଖଣି, ଲଜିଷ୍ଟିକ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଏକ ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ଆଲୋଚନା କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ ଏବଂ ଓଡ଼ିଶାର ଦକ୍ଷତା ବିକାଶ ଏବଂ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିଲେ ।

ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ଖଣି କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ବିକାଶକୁ ଇନ୍ଧନ ଯୋଗାଇବା ଏବଂ ବୃହତ ଆକାରରେ ନିଯୁକ୍ତି ସୃଷ୍ଟି କରିବାର ଅପାର ସମ୍ଭାବନା ରହିଛି । ଭାରତରେ ପ୍ରଥମ ଥର ପାଇଁ ନୂଆ ଶୈଳୀରେ ପ୍ରତିଷ୍ଠିତ ହେବାକୁ ଥିବା ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ଖଣି କ୍ଷେତ୍ରରେ ବିଶ୍ୱ ମାନଦଣ୍ଡ ସହିତ ସମାନ ଭାବରେ ପ୍ରାସଙ୍ଗିକ



ଦକ୍ଷତା ସୁଯୋଗ ପ୍ରଦାନ କରିବା ସହ ଦକ୍ଷତା ଅଭାବକୁ ଦୂର କରିବ । ଖଣି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦକ୍ଷ କର୍ମଚାରୀଙ୍କ ଅଭିବୃଦ୍ଧିକୁ ଆଗେଇ ନେବାରେ ସହାୟକ ହେବ । ଓଡିଶାକୁ ଏକ ଗ୍ଲୋବାଲ୍ ସ୍କିଲ୍ ହବରେ ପରିଣତ କରିବା ପାଇଁ ଥିବା କାର୍ଯ୍ୟପନ୍ଥା ଓ ସମ୍ଭାବନା ଉପରେ ମଧ୍ୟ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ ।

ସେ କହିଥିଲେ, ଜାତୀୟ ଦକ୍ଷତା ତାଲିମ କେନ୍ଦ୍ର (ଏନଏସଟିଆଇ), ଭୁବନେଶ୍ୱରରେ ଦକ୍ଷତା ବିକାଶ ପାଇଁ ଏକ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ସାରା ଓଡିଶାରେ ଦକ୍ଷତା ବିକାଶ ଦୃଶ୍ୟପଟ୍ଟକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଏବଂ ସ୍କିଲ୍ ଇଣ୍ଡିଆ ମଧ୍ୟରେ ଥିବା ସମନ୍ୱୟକୁ ବୃଦ୍ଧି କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ସେ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଓଡ଼ିଶାର ଭବିଷ୍ୟତ ପିଢିଙ୍କୁ ଭବିଷ୍ୟତଗାମୀ ଦକ୍ଷତା ପ୍ରଦାନ ପ୍ରଦାନ କରିବା ପାଇଁ ବଦ୍ଧପରିକର । ଭାରତର ପ୍ରତିଭାବାନ ଯୁବଶକ୍ତି କେବଳ ଭାରତରେ ନୁହେଁ ବରଂ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଆଜି ଏହି କଥାକୁ ବାସ୍ତବରେ ପରିଣତ କରିବା ପାଇଁ ଅଙ୍ଗୀକାରବଦ୍ଧ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।

## କେନାଲରେ ବୁଡି ଯୁବକ ନିଖୋଜ

ବାରଙ୍ଗ ,(ସବ୍ୟୁ) : ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକ କେନାଲ କୁ ଗାଧେଇବାକୁ ଯାଇ ପାଣିରେ ବୁଡି ନିଖୋଜ ଅଛନ୍ତି । ଏଭଳି ଘଟଣା ବାରଙ୍ଗ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ରତାଗଡ ଗ୍ରାମ ନିକଟରେ ଥିବା ପୁରୀ ମୁଖ୍ୟ କେନାଲରେ ଦେଖିବାକୁ ମିଳିଛି । ନିଖୋଜ ଯୁବକ ଜଣକ ସ୍ଥାନୀୟ ଷ,,ପୁର ଗ୍ରାମର ପ୍ରଶାନ୍ତ କୁମାର ବେହେରା (୪୦) ଓରଫ ଟୁଲୁ ବୋଲି ଜଣାପଡିଛି । ସ, ମଙ୍ଗଳବାର ସନ୍ଧ୍ୟା ସାଢ଼େ ଛଅଟା ସମୟରେ ରତାଗଡ ଗ୍ରାମନିକଟରେ ପୁରୀ ମୁଖ୍ୟ କେନାଲକୁ ଟୁଲୁ ଗାଧୋଇବାପାଇଁ ଯାଇଥିଲେ ।ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ କେନାଲର ପାଣି ସ୍ରୋତରେ ଭସିଯାଇଥିଲେ ।

# ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ

ଭୁବନେଶ୍ବର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦୟ ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଅନୁଷ୍ଠିତ ଭର୍ଜିନ୍ ଲ୍ୟାଣ୍ଡ ସିକ୍ୟୁରିଟି ଶିଖର ସମ୍ମିଳନୀରେ ଯୋଗଦେଇଛନ୍ତି । ଭାରତରେ ୬୦ ନିୟୁତ ହେକ୍ଟରରୁ ଅଧିକ ଅନୁର୍ବର କିମ୍ବା ଅବ୍ୟବହୃତ ଜମି ଅଛି ଏବଂ ଏଥିରୁ ପ୍ରାୟ ୨୦ ନିୟୁତ ଜୈବିକ କୃଷି ପାଇଁ ଉପଯୁକ୍ତ। ଜୈବିକ ଉତ୍ପାଦର ବିଶ୍ୱ ଚାହିଦା ବୃଦ୍ଧି ପାଇବା ସହିତ, ଏହା ଆମର କୃଷକମାନଙ୍କ ପାଇଁ ସ୍ଥାୟୀ କୃଷି କ୍ଷେତ୍ରରେ ବିଶ୍ୱକୁ ନେତୃତ୍ୱ ନେବାର ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ବଳଭଦ୍ର ଜୈବିକଚାଷ ମିଶନ ସହିତ, ଆମେ ଆମର ପ୍ରାଚୀନ ଆଦିବାସୀ ଅଞ୍ଚଳଗୁଡ଼ିକୁ ଜୈବିକ କ୍ଲଷ୍ଟରରେ ପରିଣତ କରିବା ଆରମ୍ଭ କରିଛୁ। ଆମର ଚାଷଯୋଗ୍ୟ ଜମିର ପ୍ରାୟ ୩୨ ପ୍ରତିଶତରେ ସର୍ବନିମ୍ନ ରାସାୟନିକ ବ୍ୟବହାର ହେଉଛି। ଏବେ, ଆମେ ଗୋଟିଏ ଜିଲ୍ଲା - ଗୋଟିଏ ଜୈବିକ କ୍ଲଷ୍ଟର, ଆମ୍ବ, ହଳଦୀ, ବାଜରା ଏବଂ ଅଦା ପାଇଁ କୃଷି-ପ୍ରକ୍ରିୟାକରଣ ୟୁନିଟ୍, ରପ୍ତାନି-ମୁଖୀ କୃଷି ପାର୍କ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏଫପିଓ




ସହିତ ଜଡିତ ହୋଇ ଜୈବିକ ମୂଲ୍ୟ ଶୃଙ୍ଖଳ, ମାଣ୍ଡିଆ ଓ ବାଜରା-ଭିତ୍ତିକ ଉଦ୍ୟୋଗ ଏବଂ ଇକୋ-କୃଷି ହବ୍ ବୃଦ୍ଧି କରୁଛୁ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହା ମଧ୍ୟ କହିଛନ୍ତି ଯେ, ନିବେଶକ ଏବଂ ଉଦ୍ଭାବକମାନଙ୍କ ପାଇଁ ଓଡ଼ିଶା ଦୃଢ଼ ନୀତି, ଜମି, ବିଦ୍ୟୁତ୍, ସବସିଡି, ପୁଞ୍ଜି ପ୍ରୋତ୍ସାହନ ଏବଂ ଫାଷ୍ଟ-ଟ୍ରାକ୍ ମଞ୍ଜୁରୀ ପ୍ରଦାନ କରୁଛି । ବିଶ୍ୱସ୍ତରୀୟ ଅଂଶୀଦାର ଓ କୃଷି ଉଦ୍ୟୋଗୀମାନଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରି ଏହି ପରିବର୍ତ୍ତନରେ ଭାଗୀଦାର ହେବାକୁ କହିଛନ୍ତି । ସମ୍ମିଳନୀରେ ନରୱେର କୃଷି ଉଦ୍ୟୋଗୀ ଓଡ଼ିଶାର ପରିବେଶ-କୃଷି କ୍ଷେତ୍ରକୁ ପ୍ରଶଂସା କରିଥିଲେ। ସମ୍ମିଳନୀରେ ଉଦୟ ଇଣ୍ଡିଆ ପତ୍ରିକାର ସମ୍ପାଦକ ଦୀପକ କୁମାର ରଥ, ନୀତି ନିର୍ଦ୍ଧାରକ, କୃଷି-ବ୍ୟବସାୟୀ ନେତା, ଚାଷୀ ସଂଗଠନ, ଭୂମି ସଂସ୍କାର ରପ୍ତାନି ଏବଂ ବିକାଶ ସଂସ୍ଥା ପ୍ରମୁଖ ଯୋଗଦେଇଥିଲେ ।

## ୯ ରେ ସରଳା ଦେବୀଙ୍କ ୧୨୨ ତମ ଜୟନ୍ତୀ ଉତ୍ସବ

# ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ ତୃତୀୟ ସରଳା ଦେବୀ ପୁରସ୍କାର

ଭୁବନେଶ୍ବର (ସବ୍ୟୁ): ଚଳିତବର୍ଷ ତୃତୀୟ ସରଳା ଦେବୀ ପୁରସ୍କାର ପାଇବେ ଶତାୟୁ ପୁରୁଷ, ତଥା ବିଶିଷ୍ଟ ସମାଜସେବୀ, ପୂର୍ବତନ ବିଧାୟକ, ନିଶାମୁକ୍ତି ଅଭିଯାନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକ। ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପଦ୍ମଚରଣ ନାୟକଙ୍କୁ ୧୦,୦୦୦ ଟଙ୍କା ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ । ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯିବ ବୋଲି ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ଓ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।



ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତଥା ପରିଷଦର ସଭାପତି ଅଜୟ ଦାସ ଜଣାଇଛନ୍ତି ଯେ ରାଜ୍ୟ ସରକାରଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଟ୍ରଷ୍ଟ ଓ ବିକାଶ ପରିଷଦ ମିଳିତ ଭାବେ ସରଳା ଦେବୀଙ୍କର ୧୨୨ ତମ ଜୟନ୍ତୀ ଉତ୍ସବ ଆସନ୍ତା ଅଗଷ୍ଟ ୯ ତାରିଖରେ ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପ ଠାରେ ସନ୍ଧ୍ୟା ୬ଟାରେ ହେବ । ଏଥିରେ ଉଦ୍‌ଘାଟକ ଭାବେ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଦୀନେଷ ଷଡ଼ଙ୍ଗୀ, ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ସାରଦା ଜେନା, ଡଃ ମନୋରମା ବିଶ୍ୱାଳ ମହାପାତ୍ର, କନ୍ନଡ଼ କବି ଓ ଚଳଚିତ୍ର ନିର୍ମାତା ରମେଶ ନାଗାଥେଲ୍ଲୀ ଓ ମୁଖ୍ୟ ବକ୍ତା ଭାବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେବେ।

ଏହି ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଓ ସମାଜ ସେବୀ ବିଜୟଲକ୍ଷ୍ମୀ ସାହୁ, ସୃଜନିକାର ପ୍ରତିଷ୍ଠାତା ବିଶିଷ୍ଟ ବୈଜ୍ଞାନିକ ନିଖିଳ ମୋହନ ପଟ୍ଟନାୟକ, କଥାଶିଳ୍ପୀ ଓ ସମାଜ ସେବୀ ମାନସ ଦାସ, ବିଶିଷ୍ଟ ସାମ୍ବାଦିକ, ଲେଖକ ଓ ଗବେଷକ ଡକ୍ଟର ପରେଶ ରଥ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୁଚେତା ପ୍ରିୟବାଦିନୀ, ନାଟ୍ୟପ୍ରେମୀ ଓ ସମାଜ ସେବୀ ଶୁଭକାନ୍ତ ପାଢ଼ୀ ଓ ସମାଜ ସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନ ପ୍ରଦାନ କରାଯିବ । ଜୟପୁରର ଡକ୍ଟର ପରେଶ ରଥଙ୍କ ଲିଖିତ ପୁସ୍ତକ' ଶହୀଦ ଲକ୍ଷ୍ମଣ ନାୟକ ଉନ୍ମୋଚିତ ହେବ। ଉଲ୍ଲେଖନୀୟ ଯେ ପ୍ରଥମ ସରଳା ଦେବୀ ପୁରସ୍କାର ବିଶିଷ୍ଟ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର ପାଇଥିଲା ବେଳେ ଦ୍ୱିତୀୟ ପୁରସ୍କାର ବିଶିଷ୍ଟ ସମାଜ ସେବୀ ତଥା ହିନ୍ଦ ସେବକ ସମାଜର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## ପୁରୀ ବସଷ୍ଟାଣ୍ଡରେ ଦୁର୍ବୃତ୍ତଙ୍କ ଆତଙ୍କରାଜ, ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ, (ସବ୍ୟୁ): ବୁଧବାର ଦିନ ସ୍ପଷ୍ଟ ଦିବାଲୋକରେ ପୁରୀ ବସଷ୍ଟାଣ୍ଡ ପରିସରରେ ଥିବା ତାରିଣୀ ମନ୍ଦିର ଠାରେ କେତେକ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ଛନ୍ତି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ରାମଚଣ୍ଡୀ ବାଲି ଉପର ବସ୍ତିର ଜଗନ ବେହେରା। ଜଗନକୁ ୧୦ ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ଛୁରୀରେ ସଂଘବଦ୍ଧ ହୋଇ ଅତି ନିର୍ମମ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ତଳେ ପକାଇ ଗୋଇଠା ବିଧା ମାରି ଲହୁଲୁହାଣ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଆକ୍ରମଣର ଶିକାର ହୋଇଥିବା ଜଗନ ପେଟରେ ଗଭୀର ଆଘାତ ଲାଗିଥିବା ସହ ଶରୀରର ଏକାଧିକ ଜାଗାରେ କ୍ଷତ ସୃଷ୍ଟି ହୋଇ ଥିବା ଜଣା ପଡ଼ିଛି। ଆହତ ଯୁବକ ଜଗନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ପୁରୀ ବସଷ୍ଟାଣ୍ଡରେ ଦୁର୍ବୃତ୍ତଙ୍କ ଏଭଳି ଆତଙ୍କରାଜକୁ ଦେଖି ଯାତ୍ରୀ ଓ ପର୍ଯ୍ୟଟକମାନେ ଭୟଭୀତ ହୋଇ ପଡିଥିଲେ। ପୁରୀ ଭଳି ଏକ ଧାର୍ମିକ ତଥା ପର୍ଯ୍ୟଟନ ସହରରେ ଦିନ ଦ୍ୱିପହରରେ ଦୁର୍ବୃତ୍ତମାନଙ୍କ ଏଭଳି ଆତଙ୍କରାଜକୁ ଦେଖି ଜନସାଧାରଣ ଓ ପର୍ଯ୍ୟଟକ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର : ଆସାମୀକୁ ୨୦ବର୍ଷ ଜେଲ୍, ୧ଲକ୍ଷ ଜୋରିମାନା

କଟକ,(ସବ୍ୟୁ): ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାରେ ଆସାମୀ ଲିଟୁ ପାତ୍ର(୪୦)କୁ କଟକ ଆଡହକ୍ ତଥା ଅତିରିକ୍ତ ସେସନ୍ସ ଜଜ୍ ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ଆସାମୀ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ଶାରିରୀକ ଏବଂ ମାନସିକ ନିର୍ଯ୍ୟାତନା ଦିଆଯାଇଥିବାରୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଅଭିଯୁକ୍ତ ଲିଟୁ ପାତ୍ରର ଘର ପିପିଲି ଥାନା ଅନ୍ତର୍ଗତ ମାଧପୁର ଗ୍ରାମରେ ହୋଇଥିଲାବେଳେ ସେ ମାହାଙ୍ଗାର ଭଦ୍ରେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ। ୨୦୨୪ ମସିହା ସେପ୍ଟେମ୍ବର ୧୬ ତାରିଖରେ ୭ବର୍ଷର ଝିଅଟି ଗାଁ ଦାଣ୍ଡରେ ଖେଳୁଥିଲାବେଳେ ଆସାମୀ ଲିଟୁ ପାତ୍ର ତାକୁ ଚକୋଲେଟ୍ ଦେବାକୁ କହି ଘରକୁ ଡାକି ଆଣିଥିଲା। ଝିଅଟିକୁ ବଳାତ୍କାର କରିଥିଲା । ଝିଅଟି କୌଣସି ପ୍ରକାରେ ଖସି ପଳାଇ ଆସି ଘରେ ଏହି ଘଟଣା ସମ୍ପର୍କରେ କହିଥିଲା । ପରିବାର ପକ୍ଷରୁ ଏନେଇ ଭଦ୍ରେଶ୍ବର ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ପୁଲିସ୍ ଅଭିଯୁକ୍ତ ଲିଟୁ ପାତ୍ରକୁ ଗିରଫ କରିଥିଲା । ଏହି ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ଅଦାଲତରେ ହୋଇଥିଲା। ଅଦାଲତ ଏହି ମାମଲାରେ ରାୟ ପ୍ରକାଶ କରି ଅଭିଯୁକ୍ତ ଲିଟୁ ପାତ୍ରକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

# ଓଡ଼ିଶାର କ୍ୟାଡେଟମାନଙ୍କ ନିମନ୍ତେ ଏନ୍‌ସିସି ସିଏଟିସି କ୍ୟାମ୍ପ ୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ରେ ଆୟୋଜିତ ଏକ ୧୦ ଦିନିଆ ଏନ୍‌ସିସି କମ୍ବାଇନଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ (ସିଏଟିସି) ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ୟାମ୍ପ ୪ (ଓ) କଟକ ଓ ୧ (ଓ) ମେଡିକାଲ୍ ୟୁନିଟର ସହଯୋଗରେ ଜୁଲାଇ ୨୩ ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଶିକ୍ଷା ସଂସ୍ଥାନରୁ ପ୍ରାୟ ୪୨୦ ଜଣ ଏନ୍‌ସିସି କ୍ୟାଡେଟ ଏବଂ ୩୦ ଜଣ ସେନା କର୍ମଚାରୀ ଏନ୍‌ସିସି ସିଏଟିସି କ୍ୟାମ୍ପ ୨୦୨୫ରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ୪ (ଓ) କଟକର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ୍ ଶାନ୍ତନୁ ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କ୍ୟାମ୍ପର ଶୁଭାରମ୍ଭ କରିବା ସହ ଯୋଗ ଦେଇଥିବା କ୍ୟାଡେଟମାନଙ୍କୁ ଦୈନିକ କ୍ରିୟାକଳାପ, ଅନୁଶାସନ, ସହଯୋଗ ଓ ଜାତୀୟ ଭାବନାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କ୍ୟାମ୍ପରେ ଅଂଶ ଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ହେଲେ ଏମ୍‌ଏସ୍ ହାଇସ୍କୁଲ, ଏଏନ୍ ହାଇସ୍କୁଲ, ଏମ୍‌ପିଏଲ୍



ସ୍କୁଲ, ଭକ୍ତ ମଧୁ ପବ୍ଲିକ ସ୍କୁଲ, ରାଣିହାଟ ହାଇସ୍କୁଲ, କେଡବ୍ଲ୍ୟୁଏସ୍ ଜରିପଡା, କଖଡି ହାଇସ୍କୁଲ, ସିସି ସ୍କୁଲ, ବାଦାମବାଡି ହାଇସ୍କୁଲ, ଶୈଳଗୋବିନ୍ଦପୁର ହାଇସ୍କୁଲ, ସଇଦ୍ ସେମିନାରୀ, ଗୁରୁନାନକ ହାଇସ୍କୁଲ ଏବଂ ମହାବିଦ୍ୟାଳୟ ଭାବେ ଆଇଟିଇଆର, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଏବଂ ଆର୍ଯ୍ୟନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜି। ଏହି ଶିବିରରେ କ୍ୟାଡେଟମାନେ ଶାରୀରିକ ଅଭ୍ୟାସ, ଏନ୍‌ସିସି ବିଷୟରେ ଥିଓରୀ କ୍ଲାସ ଯଥା ଜୁଡିସିଆରୀ ଡ୍ୟୁଟିସ୍ ଅଫ୍ ଫିଲ୍ଡ ସର୍ଭିସ (ଜେଡିଏଫ୍‌ଏସ୍), ମ୍ୟାପ୍ ରିଡିଙ୍ଗ୍, ଇଣ୍ଡିଆନ୍ ଜିଓଗ୍ରାଫି ଉପରେ ଶିକ୍ଷା ଗ୍ରହଣ କରିଥିବା ବେଳେ ଗାର୍ଡ ଅଫ୍ ଅନର୍, ପାଇଲଟିଂ ଏବଂ ନେତୃତ୍ୱ ପ୍ରଶିକ୍ଷଣ ନେଇଥିଲେ।

ଜୁଲାଇ ୨୯ ତାରିଖରେ ଏହି କ୍ୟାମ୍ପରେ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରୁପ୍ କମାଣ୍ଡରଙ୍କ ଦର୍ଶନ ଓ ପ୍ରେରଣାକୁ ନେଇ କ୍ୟାଡେଟମାନଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଅତୀତ ହେଉଛି ଇତିହାସ, ଭବିଷ୍ୟତ ହେଉଛି ରହସ୍ୟ ଏବଂ ବର୍ତ୍ତମାନ ହେଉଛି ଏକ ଉପହାର। ଏହା କ୍ୟାଡେଟମାନଙ୍କୁ ବର୍ତ୍ତମାନର ମୂଲ୍ୟକୁ ବୁଝାଇବା ସହ ଉତ୍ତମ ଜୀବନଯାପନ କରିବା ନିମନ୍ତେ ପ୍ରେରଣା ଦେଇଥିଲା। ଏହି ଶିବିରରେ କ୍ୟାଡେଟମାନେ ଦଳୀୟ ମନୋଭାବ ଏବଂ ବିଭିନ୍ନ କୋ÷ଶଳ ପ୍ରଦର୍ଶନ କରିଥିଲେ। ଏହା ସହିତ ସେମାନଙ୍କ ମଧ୍ୟରେ ଏରିଆ ପ୍ରତିଯୋଗିତା ଏବଂ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଯଦ୍ୱାରା ସମ୍ପୂର୍ଣ୍ଣ ଶିବିରରେ ଏକତା ବୃଦ୍ଧି ପାଇଥିଲା।

ଅଗଷ୍ଟ ୧ ତାରିଖରେ ଏହି କ୍ୟାମ୍ପର ଉଦ୍‌ଯାପନୀ ଉତ୍ସବରେ ସୋଆ ବିଶ୍ୱବିଦ୍ୟାଳୟର ଆଡିସନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି କମ୍ପାନୀମାନଙ୍କୁ ପୁରସ୍କାର ବଂଟନ କରିଥଲେ। ଏହି ଶିବିରକୁ ୧ (ଓ) ମେଡିକାଲ୍ ୟୁନିଟ୍‌ର ମେଡିକାଲ୍ ଓସି ମେଜର ଆଶୁତୋଷ ତ୍ରିପାଠୀ ସମ୍ପୂର୍ଣ୍ଣ ଶିବିରରେ ଅଂଶ ଗ୍ରହଣ କରିଥିବା କମ୍ପାନୀମାନଙ୍କର ଚିକିତ୍ସା ଓ ସୁରକ୍ଷିତ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇଥିଲେ। ଲେଫ୍ଟନାଂଟ କର୍ଣ୍ଣେଲ ଶାନ୍ତନୁ ଦେ ଅନ୍ତିମ ଅଭିଭାଷଣରେ କ୍ୟାଡେଟ, ଅନ୍ୟ ଅଧିକାରୀ ଓ ସେବକମାନଙ୍କ ଦ୍ୱାରା ଏହି ଶିବିର ସଫଳତାର ସହ ସମାପନ ହେଲା ବୋଲି ଘୋଷଣା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଗା ଆୟୁର୍ବେଦ ସମ୍ମିଳନୀ "ଚରକାୟତନ' ଉଦ୍‌ଯାପିତ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ଆୟୁର୍ବେଦ କାର୍ଯ୍ୟକ୍ରମ "ଚରକାୟତନ' ଉଦଯାପିତ ହୋଇଯାଇଛି । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଓ ଶିକ୍ଷାନବୀଶଙ୍କୁ ନେଇ ଚାଲିଥିବା ଏହି କାର୍ଯ୍ୟକ୍ରମ ପ୍ରକୃତ ପକ୍ଷରେ ଆୟୁର୍ବେଦର ପୁନଃ ଜାଗରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା । ସାରା ବିଶ୍ୱରେ ଯୋଗ ଭଳି, ଚରକ ସଂହିତା ଅନୁସରଣରେ ଆୟୁର୍ବେଦ ମଧ୍ୟ କିଭଳି ଜନପ୍ରିୟ ହୋଇପାରିବ, ସେ ସମ୍ପର୍କରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆୟୁର୍ବେଦ ବିଶାରଦମାନେ ସାତଦିନବ୍ୟାପୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଆନୁକୁଲ୍ୟରେ ଆୟୋଜିତ ଚରକାୟତନ ସମ୍ମିଳନୀର ଉଦଯାପନୀ ଉତ୍ସବରେ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ କାର୍ଯ୍ୟକ୍ରମ ପରିଚାଳିକା ଡ. ରିୟା ଗୋୟଲ ସାମ୍ପ୍ରତିକ ସମୟରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାପୀଠର ଗୁରୁ ପ୍ରଫେସର ଉପେନ୍ଦ୍ର ଦୀକ୍ଷିତ ଏବଂ ପ୍ରଫେସର ସଞ୍ଜୟ କାଡ଼ିମାଟି କେଉଁ ପରିପ୍ରେକ୍ଷୀରେ ଚରକାୟତନ ଆୟୋଜନ କରାଗଲା, ତାହା ବର୍ଣ୍ଣନା କରିଥିଲେ । ଉଦଯାପନୀ ଉତ୍ସବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ ଆୟୁର୍ବେଦର ପ୍ରଚାର ଓ



ପ୍ରସାର ନିମନ୍ତେ ଅବିରତ କାର୍ଯ୍ୟ କରୁଥିବାରୁ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା ଓ ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ବୈଦ୍ୟ ଡ. ଉପେନ୍ଦ୍ର ଦୀକ୍ଷିତ, ପ୍ରଫେସର ସଞ୍ଜୟ କାଟିମାଟି, ଡ. କ୍ଷୀରାବ୍ଧୀ, ଡ. ଅଖିଳେଶ କର, ଡ. ଲୋପାମୁଦ୍ରା ଦାଶ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ସଭାପତି ଭାବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ ଯୋଗ ଦେଇଥିବା ବେଳେ କୁଳସଚିବ ଅନିଲ କୁମାର ଶର୍ମା ମୁଖ୍ୟବକ୍ତା ଏବଂ ବିଭାଗୀୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡେପୁଟି ଡିନ୍ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସଂହିତା ବିଭାଗ ମୁଖ୍ୟ ପ୍ରଫେସର କେ.ଟି. ରାଉତରାୟ ଧନ୍ୟବାଦ ଦେଇଥିଲେ । ଡାକ୍ତର ଦେବୀକା ଶ୍ରୀନିବାସନ ଏବଂ ଡାକ୍ତର ମୀରା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

# ଭାଉଜ ହତ୍ୟା : ଦିଅର ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଘର ବାଡି ରାସ୍ତା ବନ୍ଦ କୁ କେନ୍ଦ୍ରକରି ଗତକାଲି ଅତି ନୃଶଂସଭାବେ ଭାଉଜ କୁ ହତ୍ୟା କରିବା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ପ୍ରଧାନ ଓରଫ କାଳିଆ କୁ ପୁଲିସ ଗିରଫ କରିଥିବା ଜଣାଯାଇଛି। ଏହି ଘଟଣାରେ ଏବେ ବି ଅନ୍ୟ ୬ଜଣଙ୍କୁ ପୁଲିସ ଧରିନଥିବା ଜଣାଯାଇଛି। ସଦରଥାନା ଅନ୍ତର୍ଗତ ଅଣ୍ଡା ବନମାଳିପୁର ପରିଡା ସାହି ର ମନୋରମା ପ୍ରଧାନ (୫୪)ଙ୍କୁ ଗତକାଲି ସନ୍ଧ୍ୟାରେ ଜାଗାବାଡି କେନ୍ଦ୍ର କରି ଦିଅର କାଳିଆ ସମେତ ରାକେଶ, ଅବିନାଶ, ରାଜେଶ, ଶତୃଘନ ପ୍ରମୁଖ ୬ଜଣ ମିଶି ଧାରୁଆ ଅସ୍ତ୍ରରେ ଅତି ନିର୍ମମଭାବେ ହତ୍ୟା କରିଥିବା ମୃତାଙ୍କ ଭାଇ ଅଭିମନ୍ୟୁ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିମନ୍ୟୁଙ୍କ ଅଭିଯୋଗ ଉପରେ ପୁଲିସ ଦଫା ୧୦୩ (୧), ୩(୫) ବିଏନ୍‌ଏସ୍ ରେ ୨୩୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖୋର୍ଦ୍ଧା ମେଡିକାଲ ରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯଦିଓ ପୁଲିସ ଜଣଙ୍କୁ ଗିରଫ କରିଛି, ତଥାପି ଅନ୍ୟ ୬ଜଣ ଅଭିଯୁକ୍ତ ଏବେ ବି ବାହାରେ ବୁଲୁଥିବା ଜଣାଯାଇଛି।

# ଭୁବନେଶ୍ୱରରେ ଅନୁଷ୍ଠିତ ହେଲା ୧୫ତମ ଏକଲବ୍ୟ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ସଂସ୍କୃତିକ ଗୌରବକୁ ବିଶ୍ୱମଞ୍ଚରେ ପ୍ରତିଷ୍ଠା କରିଥିବା ଏକଲବ୍ୟ ନୃତ୍ୟ ମହୋତ୍ସବ ତାହାର ୧୫ତମ ସଂସ୍କରଣ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲେ ସଙ୍ଗୀତ ରତ୍ନ ସସ୍ୱତ ଜୋଶୀ, ଓ ତାଙ୍କ ନୃତ୍ୟ ସଂସ୍ଥା ଲାସ୍ୟକଳା ଡାନ୍ସ ଭିଜନ।



ପୂର୍ବବର୍ଷଗୁଡ଼ିକରେ ମାଲେସିଆ, ଦୁବାଇ, ବ୍ୟାଙ୍କକ ଓ ସିଙ୍ଗାପୁର ଭଳି ଦେଶରେ ଅନୁଷ୍ଠିତ ଏହି ଉତ୍ସବ, ଓଡ଼ିଆ ସଂସ୍କୃତିକୁ ଆନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ କରିଛି।


ଏକଲବ୍ୟ ସମ୍ମାନ ୨୦୨୫ ପାଇଁ ଜାହ୍ନବୀ ବେହେରାଙ୍କୁ ସମ୍ମାନିତ କରାଯାଇଛି। ଜାହ୍ନବୀ ଜଣେ ଦକ୍ଷ ଓଡିଶୀ ନୃତ୍ୟାଙ୍ଗନା ଯିଏ ଉସ୍ତାଦ ବିସ୍ମିଲ୍ଲା ଖାନ୍ ଯୁବ ପୁରସ୍କାର ଓ ମହାରୀ ପୁରସ୍କାର ର ସମ୍ମାନିତ। ସେ ପ୍ରାପ୍ତ କରିଛନ୍ତି ୨୦,୦୦୦ ର ଧନରାଶି ସହିତ ଏହି ଗୌରବମୟ ପୁରସ୍କାର। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍‌ର ମୁଖ୍ୟ ଡ଼ଃ ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲ। ବେଳେ ସମ୍ମାନୀତ ଅତିଥି ଭାବେ ରୁଚି ଫୁଡ୍‌ଲାଇନ୍ ର ଡିରେକ୍ଟର ରଶ୍ମି ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

## ଜମି ଦେବି କହି ମହିଳାଙ୍କ ଠାରୁ ୫ ଲକ୍ଷ ଠକେଇ

ବ୍ରହ୍ମପୁର, (ସବ୍ୟୁ): ଜମି ଦେବି ବୋଲି କହି ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା ଠକେଇ ହୋଇଛି । ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପ୍ରକାଶ ଯେ, ମେଡିକାଲ ବ୍ୟାଙ୍କ କଲୋନୀରେ ରହୁଥିବା ଜଣେ ୩୪ ବର୍ଷୀୟ ମହିଳାଙ୍କ ଆଜକୁ ୨ ବର୍ଷ ତଳେ ଅଭିଯୁକ୍ତ ରିଙ୍କୁ ଓ ତାଙ୍କ ସହଯୋଗୀଙ୍କ ସହ ପରିଚିତ ହୋଇଥିଲେ । ଅଭିଯୁକ୍ତମାନେ ତାଙ୍କୁ ଜମି ବିକ୍ରି କରିବାକୁ କହି ୫ ଲକ୍ଷ ଟଙ୍କା ନେଇଥିଲେ । ଜମି ପଞ୍ଜିକରଣ ନହେଲେ ଟଙ୍କା ଫେରସ୍ତ କରିବେ ବୋଲି ଚୁକ୍ତିନାମା କରିଥିଲେ । ଏହା ଭିତରେ ବର୍ଷାଧିକ କାଳ ବିତି ସାରିଥିଲେ ମଧ୍ୟ ମହିଳାଙ୍କ ନାମରେ ଜମି ପଞ୍ଜିକରଣ କରି ନଥିଲେ । ମହିଳା ଜଣଙ୍କ ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ପୋଲିସ ଘଟଣା ର ତଦନ୍ତ ବେଳେ ଆଙ୍କୁଲି ଅଞ୍ଚଳର ରାଜେଶ କୁମାର ମିଝି ଓରଫ ରିଙ୍କୁ ଓ ତାଙ୍କର ଜଣେ ସହଯୋଗୀ ମିଳିତ ଭାବେ ଏହି ଟଙ୍କା ଠକେଇ କରିଥିବା ଜଣାପଡିଛି । ଅଭିଯୁକ୍ତ ରିଙ୍କୁ ଅନ୍ୟ ଏକ ମାମଲାରେ ଗିରଫ ହୋଇ ବର୍ତ୍ତମାନ ବ୍ରହ୍ମପୁର ମଣ୍ଡଳକାରାଗାରରେ ଥିବା ବେଳେ ପୋଲିସ ତାଙ୍କ ନାମରେ ଏହି ଠକେଇ ମାମଲାକୁ ଯୋଡିଥିବା ଜଣାପଡିଛି ।

# ଗ୍ରାମୀଣ ଓଡ଼ିଶାରେ ଉନ୍ନତ ବିଜୁଳି ବ୍ୟବସ୍ଥା ପାଇଁ ଟିପିଏସ୍‌ଓଡିଏଲର ଡ୍ରୋନ୍ ପଦକ୍ଷେପ

ବ୍ରହ୍ମପୁର, (ସବ୍ୟୁ): ବିଦ୍ୟୁତ ବିତରଣ କ୍ଷେତ୍ରରେ ବିଶ୍ୱସନୀୟତା ଏବଂ ଗ୍ରାହକ ସେବାକୁ ଉନ୍ନତ କରିବା ପାଇଁ ଟେକ୍ନୋଲଜିର ଉପଯୋଗ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ରାୟଗଡ଼ା ଏବଂ ଜୟପୁର ସର୍କଲରେ ଡ୍ରୋନ୍ ଆଧାରିତ ସର୍ଭେ ଓ ନିରୀକ୍ଷଣ ଆରମ୍ଭ କରାଯାଇଛି । ଜୟପୁର ଓ ରାୟଗଡ଼ା ସର୍କଲ ମୋଟ ୩୧,୧୯୫ ବର୍ଗକିମି ଅଞ୍ଚଳରେ ବ୍ୟାପ୍ତ । ଏଥିରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ ଗଜପତି ଜିଲ୍ଲା ଅନ୍ତର୍ଭୁକ୍ତ ରହିଛି । ବିଶେଷ କରି ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଇଲାକାରେ ବିଦ୍ୟୁତ ବିତରଣ କ୍ଷେତ୍ରରେ ସ୍ମାର୍ଟ ଟେକ୍ନୋଲୋଜିକୁ ସାମିଲ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରୟାସ କରୁଅଛି । ତାଲିମପ୍ରାପ୍ତ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଡ୍ରୋନ୍ ଅପରେସନକୁ ଭୂପୃଷ୍ଠରୁ ୩୦ ରୁ ୮୦ ମିଟର ଉଚ୍ଚତାରେ ଉଡାଣ କରାଯାଉଛି । ଉଚ୍ଚତା ଆଧାରରେ ଏହାର କ୍ଷମତା ପ୍ରାୟ ୨ କିମି ପର୍ଯ୍ୟନ୍ତ ରହିଛି ।



ଏହି ଅତ୍ୟାଧୁନିକ ଡ୍ରୋନରେ ଶକ୍ତିଶାଳୀ କ୍ୟାମେରା ଏବଂ ଜିପିଏସ୍ ସିଷ୍ଟମ ଲାଗିଛି, ଯାହା ଫଳରେ ବିଦ୍ୟୁତ ନେଟଓ୍ୱାର୍କର ରିଅଲ ଟାଇମ୍ ଏରିଆଲ ନିରୀକ୍ଷଣ କରାଯାଇପାରିବ । ଡ୍ରୋନ୍ ବ୍ୟବହାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ଭିତ୍ତିଭୂମିର ବିସ୍ତୃତ ଫୋଟ ଉତ୍ତୋଳନ କରିବା ଏବଂ ବିତରଣ ନେଟଓ୍ୱାର୍କର ମ୍ୟାପ ପ୍ରସ୍ତୁତ କରିବା, ଯାହା ଦ୍ୱାରା ସଠିକ୍ ତଥ୍ୟ ରେକର୍ଡ କରାଯାଇପାରିବ ଏବଂ ପ୍ରଭାବଶାଳୀ ଢଙ୍ଗରେ ଯୋଜନା ପ୍ରସ୍ତୁତ କରାଯାଇପାରିବ । ଏହି ପଦକ୍ଷେପ ମାଧ୍ୟମରେ ପାହାଡିଆ ଜଙ୍ଗଲ ଘେରା ଅଞ୍ଚଳରେ ଟିପିଏସ୍‌ଓଡିଏଲ୍ ଏହାର ୩୩ କେଭି, ୧୧ କେଭି ଫିଡର, ଟ୍ରାନ୍ସଫର୍ମର, ବିଦ୍ୟୁତ ଖୁଣ୍ଟ ଇତ୍ୟାଦି ଭିତ୍ତିଭୂମିକୁ ନିରନ୍ତର ମନିଟରିଂ କରିପାରିବ । ପାରମ୍ପରିକ ପଦ୍ଧତିରେ ଏହା କଷ୍ଟସାଧ ବ୍ୟାପାର ହୋଇଥିବା ବେଳେ ଏଥିରେ ଅଧିକ ସମୟ ଅପଚୟ ହୁଏ । ତେଣୁ କମ୍ପାନୀ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଏହି କାମକୁ ସହଜ କରିଛି । ଜିପିଏସ୍ ଆଧାରିତ ଡ୍ରୋନ୍ ତ୍ୱରିତ ତ୍ରୁଟି ଚିହ୍ନଟରେ ସହାୟକ ହୁଏ, ଯାହା ଫଳରେ ତୁରନ୍ତ ମରାମତି କରାଯାଇପାରିବ । ବିଦ୍ୟୁତ ସରବରାହ ବ୍ୟାଘାତ ହେବା ସମୟରେ ଡ୍ରୋନ୍ ବ୍ୟବସ୍ଥା ସାହାଯ୍ୟରେ ସେଣ୍ଟ୍ରାଲ କମାଣ୍ଡ ସେଣ୍ଟର ସମୟାନୁସାରେ ଉଚିତ ପଦକ୍ଷେପ ନେଇପାରିବ । ଏହା ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟକୁ ହ୍ରାସ କରିବା ସହ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଅଛି ।

ଏହି ପଦକ୍ଷେପ ତଥ୍ୟ ଆଧାରିତ ରକ୍ଷଣାବେକ୍ଷଣକୁ ଉନ୍ନତ କରିଛି ଏବଂ ଭିଜୁଆଲ ଇନ୍ସପେକ୍ସନ୍ ଓ ତ୍ରୁଟି ଚିହ୍ନଟ ତଥା ପ୍ରାକ୍-ବିଶ୍ଳେଷଣରେ ସହାୟକ ହେଉଅଛି । ଡ୍ରୋନ୍ ମାଧ୍ୟମରେ କାଳବୈଶାଖୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଞ୍ଚ ଜଙ୍ଗଲ ଓ ପାହାଡିଆ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ସହ ତୁରନ୍ତ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯାଇପାରିବ । ବିପର୍ଯ୍ୟୟ ପରିଚାଳନା ଦିଗରେ ଏହା ଏକ ଉପଯୋଗୀ ପଦକ୍ଷେପ । ଏହା ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ରାୟଗଡ଼ା ଏବଂ ଜୟପୁର ସର୍କଲରେ ଡ୍ରୋନ୍ ନିରୀକ୍ଷଣ କାର୍ଯ୍ୟକ୍ଷମ ହେବା ନବସୃଜନ ଓ ଉତ୍ତମ ସେବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ । ଗମନାଗମନ ଏବଂ ଯୋଗାଯୋଗ ସୁବିଧା ନଥିବା ଅଞ୍ଚଳରେ ଏହି ଡ୍ରୋନ୍ ବ୍ୟବସ୍ଥା ଏକ ସ୍ମାର୍ଟ ଏବଂ ସୁରକ୍ଷିତ ସମାଧାନ ପ୍ରଦାନ କରୁଛି । ଦକ୍ଷିଣ ଓଡ଼ିଶାରେ ଉନ୍ନତ ବିଦ୍ୟୁତ ବିତରଣ ନେଟଓ୍ୱାର୍କ ନିର୍ମାଣ କରିବା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ।

## ଆଇନ ସମ୍ପର୍କରେ ପୋଲିସ ସହ ବିଦ୍ୟାର୍ଥୀଙ୍କ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ଜିଲାରେ ଥିବା ବିଭିନ୍ନ ଥାନା ପରିଦର୍ଶନ କରିଛନ୍ତି ସ୍କୁଲ ଛାତ୍ରଛାତ୍ରୀ । ମଙ୍ଗଳବାର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳରେ ଥିବା ଜରଡା ଥାନା, ଗୋଶାଣିନୁଆଗାଁ ଥାନା, ଟାଉନ ଥାନା ଓ ଗୋପାଳପୁର ଥାନା ପରିଦର୍ଶନ କରିବା ସହ ଆଇନ ଓ ପୋଲିସ ବ୍ୟବସ୍ଥା ବିଷୟରେ ଜ୍ଞାନ ଆହୋରଣ କରିଛନ୍ତି । ପୋଲିସ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଥାନା ପରିଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଥିଲା । ସେହିକ୍ରମରେ ଛାତ୍ରଛାତ୍ରୀମାନେ ଥାନାରେ ପହଞ୍ଚି ଥାନା ପରିସର ପରିଦର୍ଶନ କରିବା ସହ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ଆଇନ ଓ ନିଜ ନିଜର ଦାଇତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଜରଡା ଥାନା ଅଧିକାରୀ ଟୁନା ସାସମଲ, ଗୋଶାଣିନୁଆଗାଁ ଥାନା ଅଧିକାରୀ ତଥା ଡିଏସପି ସ୍ମୃତିପ୍ରଭା ପ୍ରଧାନ, ଟାଉନ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁ ଏବଂ ଗୋପାଳପୁର ଥାନା ଅଧିକାରୀ ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପୋଲିସର କାର୍ଯ୍ୟପନ୍ଥା, ନୂତନ ଫୌଜଦାରୀ ଆଇନ ବିଷୟରେ ଅବଗତ କରାଇଥିଲେ । ଛାତ୍ରଛାତ୍ରୀମାନେ ପୋଲିସ ଅଧିକାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନିଜ ମନରେ ଥିବା ପ୍ରଶ୍ନ ପଚାରିଥିଲେ । ପୋଲିସ ପକ୍ଷରୁ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା । ଏହାଦ୍ୱାରା ପୋଲିସ ବ୍ୟବସ୍ଥା ପ୍ରତି ଛାତ୍ରଛାତ୍ରୀଙ୍କ ବିଶ୍ୱାସ ବଢିବା ସହ ସେମାନେ ପୋଲିସ ଚାକିରିକୁ ନିଜ କ୍ୟାରିୟର ପସନ୍ଦ ଭାବେ ଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି ।

## ପପୁଲାର କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚିତ

କଟକ, (ସ୍ୱପ୍ର): ପପୁଲାର କ୍ଲବ୍‌ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଚଳିତ ଆର୍ଥିକ ବର୍ଷର ଆୟବ୍ୟୟର ହିସାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ଏହି ସଭାକୁ କ୍ଲବ୍‌ର ବରିଷ୍ଠ ସଭ୍ୟ ପ୍ରଶାସନ୍ତ କୁମାର ପୃଷ୍ଟି ପରିଚାଳିତ କରିଥିଲେ।ପୂରାତନ କର୍ମକର୍ତ୍ତାଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସଭା ସନ୍ତୁଷ୍ଟ ହୋଇ ସେହି କର୍ମକର୍ତ୍ତାମାନେ ପୁନର୍ବାର ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତା ଭାବେ ସୂରଜିତ୍ ସ୍ୱାଇଁ (ସଭାପତି), ଜଗନ୍ନାଥ ସାହୁ (ସାଧାରଣ ସମ୍ପାଦକ), ସଂଜିତ ସାହୁ (କୋଷାଧ୍ୟକ୍ଷ) ଏବଂ ମନୋରଞ୍ଜନ ସାହୁ (କାର୍ଯ୍ୟକାରୀ ସଭାପତି) ରୂପେ ନିର୍ବାଚିତ ହୋଇଥିଲେ। ସଭାରେ କ୍ଲବ୍‌ର ଆଜୀବନ ସଭାପତି ବିନୋଦ ଚନ୍ଦ୍ର ଦାସଙ୍କ ସମେତ କ୍ଲବ୍‌ର ବରିଷ୍ଠ ସଭ୍ୟ ଅଶୋକ ସାହୁ, ସୁଶାନ୍ତ ସାହୁ, ବିକାଶ ବେହେରା, ଲିଙ୍ଗରାଜ ସାହୁ, ସଂଜୟ ସାହୁ, ଜଗନ୍ନାଥ ସାହୁ, ସୁବାଷ ଚନ୍ଦ୍ର, ପ୍ରମୋଦ କୁମାର ବାରିକ, ପ୍ରଶାନ୍ତ କୁମାର ଦାସ, ସନ୍ତୋଷ କୁମାର ଦାସ, ଦିଲ୍ଲିପ କୁମାର ସାହୁ, ଅମର ପୃଷ୍ଟି, ସୁବାଷ ସାହୁ, ସୁବାଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

## ନିବେଶ ନାଁରେ ୬ କୋଟି ଠକେଇ ଘଟଣା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଯୋଜନାରେ ଟଙ୍କା ନିବେଶ କରି ମୋଟ ଅଙ୍କର ଲାଭ ମିଳିବା ଲୋଭରେ ପଡି ଅନୁରାଗ ମିଶ୍ର ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇର ଶିକାର ହୋଇଥିଲେ । ଏନେଇ ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଅପରାଧ ଓ ଅର୍ଥନୈତିକ ଥାନା ଜଣେ ଯୁବକଙ୍କୁ ଗିରଫ କରିଛି ।



ସେ ହେଲେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଡ଼ିଗିପଡାର ଅନିଲ କୁମାର ମିଶ୍ର (୩୫) । ପୋଲିସ ତାଙ୍କ ନିକଟରୁ ୪ଟି ମୋବାଇଲ ଓ ୪ଟି ବ୍ୟାଙ୍କ ପାସ ବୁକ ଜବତ କରିଛିଛ ମାମଲା ନଂ ୫୭/୨୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ରହୁଥିବା ଅନୁରାଗ ମିଶ୍ର ଗତବର୍ଷ ମଇ ମାସରେ ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ କୋଦଳାର ଜଣେ ବ୍ୟକ୍ତିଙ୍କ ସହ ପରିଚୟ ହୋଇଥିଲା । କୋଦଳାର ଏହି ବ୍ୟକ୍ତି ଜଣଙ୍କ ଅନୁରାଗଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ମିଶନ ଶକ୍ତି ବିଷୟରେ କହିଥିଲେ । ଟଙ୍କା ନିବେଶ କଲେ ବହୁଗୁଣା ଅର୍ଥ ରୋଜଗାର ଲୋଭରେ ପଡି ଅନୁରାଗ ପ୍ରଥମେ ଦୁଇ ଲକ୍ଷ ନିବେଶ କରି କମ ସମୟରେ ଦୁଇ ଲକ୍ଷ ୨୬ ହଜାର ଟଙ୍କା ପାଇଥିଲେ । ତାଙ୍କର ବିଶ୍ୱାସ ହୋଇଥିଲା ସେ ଏପ୍ରିଲ ୨୦୨୫ ସୁଦ୍ଧା ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା ନିବେଶ କରିଥିଲେ । ହେଲେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସେ ଫେରସ୍ତ ପାଇଥିଲେ । ହେଲେ ୨୦୨୫ ଏପ୍ରିଲ ପରଠାରୁ ଅନୁରାଗ ନିଜ ଟଙ୍କା ଫେରସ୍ତ ପାଇନଥିଲ ।

ଏନେଇ ସେ ଅନିଲଙ୍କୁ ବାରମ୍ବାର ପଚରାଉଚରା ପରେ ସେ ସନ୍ତୋଷ ଜନକ ଉତ୍ତର ଦେଇନଥିଲେ । ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି ଭଳି କୌଣସି ଯୋଜନା କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇନଥିବା ଅନୁରାଗ ଜାଣିବାକୁ ପାଇଥିଲେ । ସଂପୃକ୍ତ ବ୍ୟକ୍ତିଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବା ପରେ ଅନୁରାଗ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ।

## ମା'କୁ ଅସଦାଚରଣ ଓ ପୁଅକୁ ଆକ୍ରମଣ ଘଟଣା, ଜଣେ ଗିରଫ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବିଷ୍ଣୁଚକ୍ର ଗ୍ରାମରେ ଜନୈକା ମହିଳାଙ୍କୁ ଅସଦାଚରଣ ଓ ତାଙ୍କ ପୁଅକୁ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି । ଗିରଫ ଜଣକ ହେଲେ ବିଷ୍ଣୁଚକ୍ର ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ(୩୦) ଓରଫ ପିଣ୍ଟୁ ପ୍ରଧାନ । ଏନେଇ ବୁଗୁଡ଼ା ଥାନାରେ କେସ୍ ନଂ ୫୦୨/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ରବିବାର ରାତି ପ୍ରାୟ ଦଶଟା ସମୟରେ ରାମଚନ୍ଦ୍ର ଗୌଡଙ୍କ ପତ୍ନୀ ପ୍ରତିମା ଗୌଡ(୪୨) ତାଙ୍କ ଘରପିଣ୍ଡାରେ ବସି ସ୍ୱାମୀଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ମାତାଲ ଅବସ୍ଥାରେ ଥିବା ପିଣ୍ଟୁ ସେଠାରେ ପହଞ୍ଚି ତାଙ୍କ ପ୍ରତି ଅଶ୍ଳୀଳ ଭାଷା ପ୍ରୟୋଗ କରି ପାଖରେ ଯାଇ ବସିଲା । ପ୍ରତିମା ଅସହଜ ମନେକରିବାରୁ ତାଙ୍କ କାନ୍ଧରେ ହାତ ପକାଇ ବଳପୂର୍ବକ ଘର ଭିତରକୁ ଟାଣି ନେବାକୁ ଉଦ୍ୟମ କଲା । ତାହାର କବଜାରୁ ମୁକୁଳିବା ପାଇଁ ପ୍ରତିମା ପିଣ୍ଟୁକୁ ଠେଲି ଦେବାରୁ ତଳେ ପଡିଗଲା ଏବଂ ପ୍ରତିମା ଘର ଭିତରକୁ ପଶିଯାଇ ଭିତର ପଟୁ କବାଟ କିଳି ଦେବାରୁ ସେ ଘରକୁ ଫେରିଗଲା । ପ୍ରତିମାଙ୍କ ପୁଅ ଶଙ୍କର ଏହା ଜାଣିବା ପରେ ସେ ପିଣ୍ଟୁର ଘରକୁ ଯାଇ ତାକୁ ଡାକିବାରୁ ସେ ଏକ ଠିଆକୋଡିରେ ଶଙ୍କରକୁ ଆକ୍ରମଣ କରିଥିଲା । ଫଳରେ ଶଙ୍କରର ହାତ ଓ ବିଶିଆଙ୍ଗୁଠିରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ଏନେଇ ସୋମବାର ରାତିରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଦୁର୍ଯ୍ୟୋଧନକୁ ଗିରଫ କରିଥିବା ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କଠାରୁ ପ୍ରକାଶ ପାଇଛି ।

## ବାରୁଣେଶ୍ୱର ଦୁର୍ଗା ମଣ୍ଡପଠାରେ ଦୁର୍ଗାପୂଜା କମିଟି ପକ୍ଷରୁ ସାଧାରଣ ସଭା

ବାରିପଦା, (ସବ୍ୟୁ) : ବାରୁଣେଶ୍ୱର ଦୁର୍ଗା ମଣ୍ଡପ ସଭା ଗୃହରେ ଦୁର୍ଗାପୂଜା କମିଟିର ସଭାପତି ଡଃ କୁଞ୍ଜବନ ପୃଷ୍ଟିଙ୍କ ପୌରହିତ୍ୟରେ ଏବଂ କମିଟିର ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସୁପରିଚାଳନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ଗାପୂଜା କମିଟି ସାଧାରଣ ପରିଷଦର ଶତାଧିକ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । କୋଷାଧକ୍ଷ ଅଶ୍ୱନୀ କୁମାର ପାତ୍ର ଗତବର୍ଷ ପୂଜାର ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଅଷ୍ଟମୀ ଓ ନବମୀ ଦୁଇଦିନ ଭଜନ ସନ୍ଧ୍ୟା ଆୟୋଜନର ନିଷ୍ପତ୍ତି ନିଆଯାଇଥିଲା। ପୂଜାକୁ ଶୃଙ୍ଖଳୀତ ଭାବରେ ପାଳନ କରିବା ପାଇଁ ପୂଜା ଅନୁଷ୍ଠାନର ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ରଘୁନାଥ ପଣ୍ଡା, ଉପସଭାପତି ନନୀଗୋପାଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ବିଜୟ କୁମାର ଲେଙ୍କା, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନା ତଥା ଅର୍ଥ ପରାମର୍ଶ ଦାତା ରବୀନ୍ଦ୍ର ନାୟକ ପ୍ରମୁଖ କର୍ମକର୍ତ୍ତା ମାନେ ପୂଜାନୁଷ୍ଠାନ ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତାମତ ଓ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ପରିଶେଷରେ ସମସ୍ତଙ୍କର ସାହାଯ୍ୟ ସହଯୋଗ ଓ ଅକୁଣ୍ଠ ସମର୍ଥନ ଯୋଗୁ ସଭାକାର୍ଯ୍ୟ ସଫଳ ହୋଇଥିବାରୁ ବରିଷ୍ଠ ନାଗରିକ କମିଟି ବାରିପଦା, ମୟୂରଭଞ୍ଜର ସଭାପତି ଡ଼ଃ ଯୋଗେନ୍ଦ୍ର ନାଥ ପଣ୍ଡା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲ ।

## ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ଏକବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲର ବିଚାରକରି ବେତନଟୀ ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟକ୍ଲାସ୍ (ଜେଏମ୍‌ଏଫସି) ଅଭିଯୁକ୍ତ ପ୍ରମୋଦ କୁମାର ମହାନ୍ତିଙ୍କୁ ଏକବର୍ଷ ଜେଲଦଣ୍ଡ ଆଦେଶ ଶୁଣାଇବା ସହ ଟ.୩,୬୦,୦୦୦/-ଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ଦୁଇମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ବ୍ୟାଙ୍କ ପକ୍ଷରୁ ଆଇନ୍‌ଜିବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ମଧୁନନ୍ଦା ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବେନତଟୀ ଶାଖାରୁ ଟ.୧,୮୦,୦୦୦/-ଙ୍କା ର ଏକ ଋଣ ନେଇଥିଲେ। ଏହି ଋଣ ପରିଶୋଧ କରିବା ପାଇଁ ସେ ଟ.୨,୧୩,୯୩୨/-ଙ୍କା ର ଏକ ଚେକ୍ ବ୍ୟାଙ୍କକୁ ପ୍ରଦାନ କରିଥିଲେ। ଚେକ୍‌ଟି ବାଉନ୍ସ ହୋଇଯିବାରୁ ବ୍ୟାଙ୍କର ମ୍ୟାନେଜର ମାନ୍ୟବର ଜେଏମ୍‌ଏଫ୍‌ସି ବେତନଟୀ କୋର୍ଟରେ ଏକ ଆଇସିସି ନଂ-୦୭/୨୦୨୪ ଏକ ମାମଲା ଦାୟର କରିଥିଲେ। ଉକ୍ତ ମାମଲାର ଶୁଣାଣୀ କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

## ଦେବେନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜାତୀୟ ଗୁଣବତ୍ତା ବୃଦ୍ଧି ଦିଗରେ ପଦକ୍ଷେପ, କେନ୍ଦ୍ରୀୟ ଟିମ୍‌ର ପରିଦର୍ଶନ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ଦେବେନ୍ଦ୍ରପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି) ର ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ (ଏନକ୍ୟୁଏଏସ) ଅଧିନରେ ଏକ ମୂଲ୍ୟାଙ୍କନ ସଫଳ ଭାବରେ ହୋଇଯାଇଛି । ଏହି ମୂଲ୍ୟାଙ୍କନ ଏକ ବାହ୍ୟ ଜାତୀୟସ୍ତରର ମୂଲ୍ୟାଙ୍କନକାରୀ ଦଳ ସବିତା ସୁଧା ଲଳିତା ଏବଂ ସୁଗନି'ର ଏସଙ୍କ ଦ୍ୱାରା କରାଯାଇଥିଲା । ଏହା ସହରାଞ୍ଚଳ ସ୍ୱାସ୍ଥ୍ୟସେବା ପ୍ରଦାନରେ ସେବା ଗୁଣବତ୍ତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଅଛି । ଏହି ମୂଲ୍ୟାଙ୍କନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ (ସିଡିଏମ୍‌ଓ), ଚିକିତ୍ସା ଅଧିକାରୀ ଡାଃ ପୂର୍ଣ୍ଣା ମହାପାତ୍ର (ଏମ୍‌ଓ), ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଅନିଲ୍ ମହାନ୍ତି (ଡିପିଏମ୍), ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ (ଏପିଏମ୍), ଜନସ୍ୱାସ୍ଥ୍ୟ ପରିଚାଳକ (ପିଏଚ୍‌ଏମ୍), ଜିଲ୍ଲା ଆକାଉଣ୍ଟସ ସହାୟକ (ଡିଏଏ), ଫାର୍ମାସିଷ୍ଟ ଓ ଲ୍ୟାବ୍ ଟ୍ୟାକ୍ନିସିଆନ୍ ପ୍ରମୁଖଙ୍କ ସହ ସହାୟକ କର୍ମଚାରୀଙ୍କ ସମ୍ମାନ ଜନକ ଉପସ୍ଥିତିରେ କରାଯାଇଥିଲା । ଏନକ୍ୟୁଏଏସ ମୂଲ୍ୟାଙ୍କନର ଲକ୍ଷ୍ୟ ରୋଗୀ-କୈନ୍ଦ୍ରିକ ଯନି, ସଂକ୍ରମଣ ନିୟନ୍ତ୍ରଣ, ସେବା ଯୋଗାଣ ଏବଂ ଦସ୍ତାବିଜ ମାନକ ସମେତ ପ୍ରମୁଖ ପାରାମିଟର ଗୁଡ଼ିକର ମୂଲ୍ୟାଙ୍କନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସହରାଞ୍ଚଳ ଜନସଂଖ୍ୟା ପାଇଁ ଉତ୍ତମ ଫଳାଫଳ ସୁନିଶ୍ଚିତ କରିବା ପାଇଁ ୟୁପିଏଚ୍‌ସି ସ୍ତରରେ ନିଆଯାଉଥିବା ନିରନ୍ତର ଗୁଣବତ୍ତା ଉନ୍ନତି ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା ।

## ଗୁହାରୀ ଶୁଣିଲେନି ଜିଲ୍ଲା ଶିକ୍ଷାଧିକାରୀ: ପୋଲିସ ହସ୍ତକ୍ଷେପରେ ଟଳିଲା ଆତ୍ମାହୁତି ଉଦ୍ୟମ


ହିଞ୍ଜିଳିକାଟୁ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ରାଳବ ପଞ୍ଚାୟତଧିନ ଆଳପୁର ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶପତି ଦାଶ ୨୦୧୯ ସାଧାରଣ ନିର୍ବାଚନ ସମୟରେ କିଛି ବିରୋଧୀଙ୍କ ରାଜନୈତିକ ଅଭିସନ୍ଧି ଓ ଚକ୍ରାନ୍ତର ଶିକାର ହୋଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମାରେ ନିଲମ୍ବିତ ହୋଇ ତା ୧୪/୪/୨୦୧୯ ରୁ ତା ୧୫/୧୦/୨୦୧୯ ଯାଏଁ ଉପଜିଲ୍ଲାପାଳ, ଛତ୍ରପୁର, ଗଞ୍ଜାମଙ୍କ କାର୍ଯ୍ୟାଳୟରେ ନିୟୋଜିତ ହୋଇଥିଲେ । ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି, ଅଭିଭାକ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀଙ୍କ ବିରୋଧ ହେବା ଫଳରେ ପ୍ରଧାନଶିକ୍ଷକଙ୍କୁ ତାଙ୍କ ପୂର୍ବ କାର୍ଯ୍ୟକ୍ଷେତ୍ରରେ ଅବସ୍ଥାନ କରାଯାଇଥିଲା । ଇତି ମଧ୍ୟରେ ୬ ବର୍ଷରୁ ଅଧିକକାଳ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବିଭାଗୀୟ ତଦନ୍ତକୁ କେଉଁ ଅଦୃଶ୍ୟ ଚାପରେ ଚପାଇ ରଖାଯାଇଛି ତାହା ବିସ୍ମୟ ସୃଷ୍ଟି କରିଛି ।

ନୂଆ ସରକାରଙ୍କ ଆଗମନ ପରେ ଅଲିଖିତ ଉପର ନିର୍ଦ୍ଦେଶ ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବାଧହୋଇ ତାଙ୍କୁ ଗତ ଅକ୍ଟୋବର ମାସରେ ୭ମ ପେ କମିଶନ ଭୁକ୍ତ କରିଥିଲା । ହେଲେ ୨୦୧୯ ରୁ ୨୦୨୪ ସେପ୍ଟେମ୍ବର ମାସ ଯାଏଁ ବାକି ରହିଥିବା ବକେୟା ରାଶି ପାଇବା ପାଇଁ ସେହି ଶିକ୍ଷକ ଜଣକ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଓ ଡିଲିଂ ଆସିଷ୍ଟାଣ୍ଟଙ୍କୁ ନିବେଦନ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ସମ୍ପୃକ୍ତ ଡିଲିଂ କ୍ଲର୍କ ମୋ କଥା ବୁଝ ବକେୟା କରିଦେବି ବୋଲି ପୀଡ଼ିତ ପ୍ରଧାନଶିକ୍ଷକ ଜଣକ ପ୍ରକାଶ କରିଛନ୍ତି । ବାରମ୍ବାର ଡିଇଓଙ୍କୁ ସାକ୍ଷାତ ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଉପାୟଶୂନ୍ୟ ହୋଇ ପୀଡ଼ିତ ଶିକ୍ଷକ ଜଣକ ଗତ ଜୁଲାଇ ୧୮ ତାରିଖ ଦିନ ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ସଙ୍ଗେ ମୁଖ୍ୟମନ୍ତ୍ରୀ ଓଡ଼ିଶା, ଶିକ୍ଷାମନ୍ତ୍ରୀ, ଆଡଭୋକେଟ ଜେନେରାଲ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରି ବକେୟା ରାଶି ପ୍ରଦାନ ସହ କିରାଣୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଥିଲେ । ବକେୟା ରାଶି ପାଇବାରେ ବିଳମ୍ବ କଲେ ୦୪ ଅଗଷ୍ଟ ୨୦୨୫ରେ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ବାଧହୋଇ ଅନିଚ୍ଛାକୃତ ଆତ୍ମାହୁତି ଚେତାବନୀ ମଧ୍ୟ ଦେଇଥିବା ତାଙ୍କ ଲିଖିତ ଅଭିଯୋଗରୁ ପ୍ରକାଶ । ଏଭଳି ଅଭିଯୋଗ ଲିଖିତ ଭାବେ ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ ଜଣକ ଉଠିଥିବା ଅଭିଯୋଗ ଉପରେ ତଦନ୍ତ କରି ବକେୟା ରାଶି ପୈଠ କରିବା ବଦଳରେ ତାଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ନଂ ୧୩୬୮୪/୩୦-୭-୨୦୨୫ରେ ଅଭିଯୋଗକାରୀ ଶିକ୍ଷକଙ୍କୁ ଚିଠି କରି ନିଲମ୍ବନ ସମୟ ୧୪-୪-୨୦୧୯ ରୁ ୧୫-୧୦-୨୦୧୯ ଯାଏଁ ୬ ମାସ ପାଇଥିବା ସସ୍ପେନ୍ସନ ଆଲାଉନ୍ସ ପାଇବାକୁ ଅଯୋଗ୍ୟ ଥିବା ଦର୍ଶାଇ ସେହି ଅର୍ଥରାଶି ତୁରନ୍ତ ଫେରାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

ସୂଚନା ଥାଉକି ତତ୍କାଳୀନ ଗଂଜାମ ଜିଲ୍ଲାପାଳ ତାଙ୍କ ଆଦେଶନାମା ପତ୍ର ସଂଖ୍ୟା ୩୪୨୪/୧୪-୪-୨୦୧୯ ରେ ରାଜ୍ୟ ସରକାରୀ କର୍ମଚାରୀ ଅଧିନିୟମ ୯୦ ଅନୁସାରେ ସବଷ୍ଟାନ୍ସ ଆଲାଉନ୍ସ ପ୍ରଦାନ ପାଇଁ ନିର୍ଦ୍ଦେଶନାମା କରିକରିଥିଲେ । ଏ ଅଭିଯୋଗ ଉପରେ ଡିଇଓଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ଅଫିସରେ ଅନୁପସ୍ଥିତ ରହିବା କାରଣରୁ ସମ୍ଭବ ହୋଇପାରିନଥିଲା । ବର୍ତ୍ତମାନ ଗଞ୍ଜାମ ଶିକ୍ଷାଧିକାରୀଙ୍କ ମାର ମାର ଭଣ୍ଡରିଆକୁ ମାର ଭଳି ଏକ ଅଗଣତାନ୍ତ୍ରିକ ପତ୍ର ପାଇବା ପରେ ସର ଜିଲ୍ଲାରେ ଶିକ୍ଷକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ପୀଡ଼ିତ ଶିକ୍ଷକ ଜଣକ ମାନସିକ ଭାରସାମ୍ୟ ହରାଇଥିବା ଜଣାଯାଇଛି ।

ଏଭଳି କଦର୍ଯ୍ୟ ଚକ୍ରାନ୍ତ ମୂଳକ ପତ୍ରର ଜବାବ ରଖି ପ୍ରତିବାଦ କରିବା ସହ କେଉଁ ଆଇନ, ନିୟମ, ଅଧିନିୟମ ଧାରା ଅନୁସରଣରେ ଓ କାହାର ପ୍ରରୋଚନାରେ ଡିଇଓ ଏଭଳି ଏକ ଅଗଣତାନ୍ତ୍ରିକ ଚିଠି କରିଛନ୍ତି ତାହା ଦର୍ଶାଇବା ପାଇଁ ଗତ ୦୨/୮/୨୫ ରେ ଲିଖିତ ନିବେଦନ କରିଥିବା ଗଣମାଧ୍ୟମକୁ ଦେଇଥିବା ଏକକିତା ନକଲ ଚିଠିରୁ ଜଣାଯାଇଛି । ଏହି ବାସ୍ତବ ଅଭିଯୋଗ ପଛର ସେହି ଅଭିଯୁକ୍ତ କିରାଣୀରୂପୀ ଖଳ ନାୟକ ଜଣକ ଔଷଧ ବିକଳରେ ତାଟିଆ କାମୁଡି ଡିଇଓଙ୍କ ମତିଭ୍ରମ କରିନାହାନ୍ତି ତ ? ଅନ୍ୟ ପକ୍ଷରେ ଡିଇଓ ଜଣକ ଅଭିଯୋଗକାରୀ ଶିକ୍ଷକଙ୍କୁ ଡାକି ସାନ୍ତ୍ୱନାଦେବା ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବକେୟା ରାଶି ପୈଠ ପାଇଁ ପଦକ୍ଷେପ ନେବା ବଦଳରେ ମେରିରାୟ ନୀତି ଆପଣାଇବା କେତେ ଯୁକ୍ତିଯୁକ୍ତ ବୋଲି ଓଷ୍ଟଫାର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ବେହେରା ପ୍ରଶ୍ନ ପଚାରିଛନ୍ତି । ପୂର୍ବ ସୂଚନା ଅନୁସାରେ ପ୍ରଧାନଶିକ୍ଷକ ଜଣକ ୪/୮/୨୫ ଅପରାହ୍ନ ୫.୦୦ ସମୟରେ ଗଂଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆତ୍ମାହୁତି ଉଦ୍ୟମ କରିଥିଲେ । ମଧ୍ୟ ପୂର୍ବରୁ ଜଗି ରହିଥିବା ବୈଦ୍ୟନାଥପୁର ପୋଲିସ ତାଙ୍କୁ ଏଥିରୁ ନିବୃତ୍ତ କରିଥିଲା । ଗଞ୍ଜାମ ଜିଲ୍ଲାରେ ଏଭଳି ସମ୍ବେଦନଶୀଳ ଘଟଣାରେ ଲାଞ୍ଛୁଆ କିରଣୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ପାଇଁ ଶିକ୍ଷକ ମହଲରେ ଦାବୀ ହେଉଛି ।

## ଭଞ୍ଜସେନାର ଅଭିନବ ପ୍ରୟାସ
## ଶିମିଳିପାଳ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ଅଭିବୃଦ୍ଧି ନେଇ ରିଲିଜ୍ ହେବ ଚଳଚ୍ଚିତ୍ର ଆନ୍ଦୋଳନ



ବାରିପଦା, (ସବ୍ୟୁ) : ଶିମିଳିପାଳର ସୁରକ୍ଷା, ପରିବେଶ ସୁରକ୍ଷା ସହିତ ଜଙ୍ଗଲ, ପାହାଡ଼ ପର୍ବତକୁ କୌଣସି ପ୍ରକାରର କ୍ଷତି ନପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ଆମ ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳପତ୍ର ଏବଂ ଅନ୍ୟାନ୍ୟ) ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଓ ସ୍ଥାନୀୟ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ, ସେ ବାବଦରେ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଜନସଚେତନତା ଆରମ୍ଭ ହୋଇଛି ।

ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା ଦ୍ୱାରା ପ୍ରସ୍ତୁତ ହୋଇ ଚଳିତ ଅଗଷ୍ଟ ମାସ ୨୦ତାରିଖ ରିଲିଜ ହେବାକୁ ଯାଉଅଛି "ଆନ୍ଦୋଳନ' ନାମକ ଚଳଚ୍ଚିତ୍ର । ଆଜି ବାରିପଦା ମଧୁବନ ସ୍ଥିତ ମାଆ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ହୋଇ ଚଳଚ୍ଚିତ୍ରର ପ୍ରଥମ ପୋଷ୍ଟର ଏବଂ ଏକ ସଙ୍ଗୀତ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ କରକମଳରେ ରିଲିଜ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ବେଳେ ସଂଗଠନ ପକ୍ଷରୁ ବହୁ ପଦାଧିକାରୀଙ୍କ ସହିତ "ଆନ୍ଦୋଳନ ଫିଲ୍ମର ଲେଖକ, ନିର୍ଦ୍ଦେଶକ ଏବଂ ବହୁ କଳାକାର ସାମିଲ ଥିଲ ।

# କେବେ କାର୍ଯ୍ୟକାରୀ ହେବ ଓଡ଼ିଆ ଭାଷାର ନାମ ଫଳକ

ତାଳଚେର,(ସବ୍ୟୁ) : ଶାସ୍ତ୍ରୀୟଭାଷାର ମାନ୍ୟତା ପାଇଥିବା ଆମ ଓଡ଼ିଆ ଭାଷା କେତେ ସୁରକ୍ଷିତ ! ଏହାର ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଲେ । ଓଡ଼ିଆରେ ନାମଫଳକ ନଲେଖିଲେ ଅର୍ଥଦଣ୍ଡ ଦୋକାନୀଙ୍କୁ ବ୍ୟବସ୍ଥା କରାଗଲା । ଏହା ସତ୍ତ୍ୱେ ତାଳଚେର ଅଂଚଳରେ ବିଭିନ୍ନ ବ୍ୟବସାୟ ସଂସ୍ଥା ନିଜ ନାମଫଳକ ଓଡ଼ିଆ ଭାଷା ବ୍ୟବହାର କରୁନଥିବା ଦେଖାଯାଉଛି ।

ସୂଚନା ଅନୁଯାୟୀ ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଓଡ଼ିଆ ଏକ ଶାସ୍ତ୍ରୀୟଭାଷାର ମାନ୍ୟତା ପାଇବା ପରେ ଏହାର ପ୍ରଚାରପ୍ରସାର ପାଇଁ ୨୦୧୬ରେ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ରାଜ୍ୟ ଉନ୍ନୟନ କମିଶନର ସମସ୍ତ ସରକାରୀ ବେସରକାରୀ ସଂସ୍ଥା ନିଜର ନାମଫଳକ ଓଡ଼ିଆରେ ଲେଖିବା ପାଇଁ ବାଧ୍ୟତା ମୂଳକ କରିଥିଲେ । ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଶୁଦ୍ଧ ଓଡ଼ିଆ ନାମଫଳକ ଲେଖିବା ନିମନ୍ତେ ୨୦୨୨ଏପ୍ରିଲ ମାସରେ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମଧ୍ୟ କରିଥିଲେ । କୌଣସି ସଂସ୍ଥା ବା ଅନୁଷ୍ଠାନ ଓଡ଼ିଆ ଭାଷାରେ ନାମ ଫଳକ ନଲେଖିଲେ ସାଧାରଣ ଲୋକ ଅଭିଯୋଗ କରିବାପାଇଁ 'ଓଡ଼ିଆ ନାମ ଫଳକ' ନାମରେ ଏକ ୱେବ୍ ପୋର୍ଟାଲ ବ୍ୟବସ୍ଥା କରାଯାଇଥିଲା । ଏହାର ତଦାରଖ କରିବାପାଇଁ ଜିଲ୍ଲା ଶ୍ରମଅଧିକାରୀଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ଓଡ଼ିଆ ନାମଫଳ ନଲେଖିଲେ ମୋଟା ଅଙ୍କର ଅର୍ଥଦଣ୍ଡ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା । ରାଜ୍ୟ ଉନ୍ନୟନ କମିଶନରଙ୍କ ଏହି ନିର୍ଦ୍ଦେଶକୁ ତାଳଚେରରେ ଅବହେଳା କରାଯାଉଛି । ତାଳଚେର ସହର ଓ ଏହାର ଆଖାପାଖ ଅଂଚଳରେ ଅନେକ ସରକାରୀ ବେସରକାରୀ ସଂସ୍ଥା ନିଜ ନାମଫଳକ ଓଡ଼ିଆରେ ଲେଖି ନାହାନ୍ତି ।

ଶ୍ରମ ଅଧିକାରୀ ମଧ୍ୟ ଏଥିପାଇଁ କଡ଼ା ପଦକ୍ଷେପ ନେଉଥିବା ଅଭିଯୋଗ ହୋଇଛି । ସହରରେ ହଜାର ହଜାର ଦୋକାନ ବାଣିଜ୍ୟ ପ୍ରତିଷ୍ଠାନ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ ହୋଇଛନ୍ତି । ଅଳ୍ପ କୋଟିଏ ସଂସ୍ଥାକୁ ଛାଡ଼ିଦେଲେ ବହୁ ସଂସ୍ଥା ଇଂରାଜୀ ଓ ହିନ୍ଦୀ ଭାଷାରେ ନାମ ଫଳକ ଲେଖିଛନ୍ତି । ଅଂଚଳରେ ଥିବା ବିଭିନ୍ନ କେନ୍ଦ୍ରୀୟ ଅନୁଷ୍ଠାନରେ ମଧ ସମାନ ଅବସ୍ଥା । ତାଳଚେର ସହର ପ୍ରାୟ ୧୦ଟି ପେଟ୍ରୋଲ ପମ୍ପ ଥିବା ବେଳେ ସେଥିରୁ ଅଧିକାଂଶ ଲେଟାରେ ଓଡ଼ିଆରେ ନାମ ଫଳକ ନାହିଁ । ହାଣ୍ଡିଧୁଆଁଛକ, ହାଟତୋଟା, ମ୍ୟୁନିସିପାଲଟି ମାର୍କେଟ, ବାଇପାସ୍ ଛକ, ତାଳଚେର ଟାଉନ, ବସଷ୍ଟାଣ୍ଡ ପ୍ରଭୃତି ଜନଗହଳି ସ୍ଥାନମାନଙ୍କରେ ନାମ ଫଳକ ଇଂରାଜୀ ଭାଷାରେ ଲେଖାଯାଇଥିବା ଦେଖିବାକୁ ମିଳିଥିଲା । ତେଣୁ ଯଥାଶିଘ୍ର ସରକାରଙ୍କ ପକ୍ଷରୁ ଓଡ଼ିଆରେ ନାମ ଫଳକ ସହିତ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଓଡ଼ିଆରେ ଆବେଦନ ପତ୍ରର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜିବୀ ମହଲରେ ଦାବି ।

# ଆଇଆଇଏମ୍‌ସିରେ ପାଳିତ ହେଲା ସାମ୍ବାଦିକତା ଦିବସ



ଢେଙ୍କାନାଳ, (ସବ୍ୟୁ) : ସ୍ଥାନୀୟ ଆଇଆଇଏମ୍‌ସିରେ ସୋମବାର ୧୫୯ତମ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି । ଓଡ଼ିଆ ସାମ୍ବାଦିକତା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଣ ଶିକ୍ଷକ ଓ ଛାତ୍ରଛାତ୍ରୀଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡିଆ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଚିରସ୍ରୋତା ଜେନା ପ୍ରାରମ୍ଭିକ ବକ୍ତବ୍ୟ ଦେଇ ଓଡିଆ ସାମ୍ବାଦିକତାର ଇତିହାସ ଏବଂ ଦିବସ ପାଳନ ଉଦ୍ଦେଶ୍ୟ ବଖାଣିଥିଲେ ।

ଇଂରାଜୀ ବିଭାଗର ସହକାରୀ ପ୍ରଫେସର ବିରଞ୍ଚି ନାରାୟଣ ସେଠ୍ ବକ୍ତବ୍ୟରେ ବର୍ତ୍ତମାନ ଓଡିଆ ସାମ୍ବାଦିକତାରେ ଆଧୁନିକ ଧାରା ବିଷୟରେ କହିଥିଲେ ।

ଏହି ଅବସରରେ ଆଇଆଇଏମ୍‌ସିରେ ୨୦୦୦ ମସିହାରୁ ଓଡିଆ ସାମ୍ବାଦିକତା ବିଭାଗ ଖୋଲିବା ଏବଂ ସମ୍ପୃକ୍ତ ଅନୁଷ୍ଠାନର ପ୍ରଚେଷ୍ଟାରେ କେଉଁଭଳି ଭାବେ ଏହି ଦିବସ ପାଳନ ହୋଇଥିବା ସେ ବିଷୟରେ ଆଲୋଚନା ହୋଇଥିଲା । ଅନୁଷ୍ଠାନର ଏକାଡେମୀକ ବିଭାଗର ଆସୋସିଏଟ୍ ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଜୁନିଅର ଓ ସିନିଅର ବିଭାଗର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ଟିପସ ମହାନନ୍ଦିଆ ଯୋଗଦେଇ ବିଜ୍ଞାନର ଉପକାରିତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ସଂମାନିତ ଅତିଥି ଭାବରେ ଶିଶୁ ମନ୍ଦିର ବିଦ୍ୟ ପରିଚାଳନ ସଭାପତି ରାଧା ମୋହନ ତ୍ରିପାଠୀ, ପରିଚାଳନା କାର୍ଯ୍ୟକର୍ତ୍ତା ବିପିନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ । ପ୍ରଥମ ରେ ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜ୍ଞାନ ପ୍ରକଳ୍ପ ବିଚାରକ ଭାବରେ ଅଧ୍ୟାପିକା ଅଭିପ୍ସା ତ୍ରିପାଠୀ, ମୋନାଲିସା ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବିନୟ କୁମାର ବଘାର ଯୋଗ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ମହାନନ୍ଦିଆ ୭୦ ଟି ପ୍ରକଳ୍ପକୁ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ପ୍ରକଳ୍ପ ସମ୍ବନ୍ଧୀୟ ମତ ବିନିମୟ କରିଥିଲେ । ଶେଷରେ ଗୁରୁମା ରନ୍ ପ୍ରଜ୍ଞା ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଠାକୁରଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଉଣ୍ଡା ଜନତା ମହାବିଦ୍ୟାଳୟରେ ସୋମବାର ଦିନ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଅଧକ୍ଷ ପ୍ରଶାନ୍ତ ଖମାରି ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ମାନେସ୍ୱାଗତ ସମ୍ବର୍ଦ୍ଧନା କରିଛନ୍ତି । ଶ୍ରୀ ଖମାରି ବଲାଙ୍ଗିର ଜିଲ୍ଲା ସୁଦାମ ଚରଣ ଗଡ଼ ମାଧ୍ୟମିକ ବିଦ୍ୟାଳୟ ରେ ପ୍ରାଧ୍ୟାପକ ଭାବରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ରାଜ୍ୟ ସରକାର ବଉଣ୍ଡା ଜନତା ମହାବିଦ୍ୟାଳୟ ର ଅଧକ୍ଷ ଭାବରେ ନିଯୁକ୍ତି ଦେଇଛନ୍ତି । ଶନିବାର ଦିନ ସେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସୋମବାର ଦିନ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ନିଜର ଶାନ୍ତି ଶୃଙ୍ଖଳା ରକ୍ଷା ସହ ଛାତ୍ରୀ ଛାତ୍ର ମାନେ ପାଠ ପଢିବେ ସେ ନେଇ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆ ଯାଇଥିଲା । ଏଥିସହ ଛାତ୍ରୀମାନ ଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦିଆ ଯାଇଥିଲା । ଏଥିରେ ଅଧ୍ୟାପକ ଅସିତ କୁମାର ଜେନା, ଲିପୁ ସେନାପତି, କାଳିଆ ସେଠି, ଚନ୍ଦ୍ର ଶେଖର ସିଂ, ଶୁଭ୍ର ଶଶୀ ପ୍ରଧାନ, ତରଣି ସେନ ସାହୁ, ହାଡିବନ୍ଧୁ ପ୍ରଧାନ, ସୁମିତ୍ରା ସ୍ୱାଇଁ, ମଧୁସ୍ମିତା ସାହୁ, ଆଦ୍ୟାସା ପ୍ରଧାନ, ରମାକାନ୍ତ କୁଲୁ, ଦୀପକ ବେହେରାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପ୍ରଧାନଶିକ୍ଷକଙ୍କ ମାସିକ ସମ୍ମିଳନୀ



ଢେଙ୍କାନାଳ, (ସବ୍ୟୁ) : ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସଦର ବ୍ଲକ୍ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କର ମାସିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀରେ ସଦର ବିଇଓ ଦିବ୍ୟ ପ୍ରକାଶ ପ୍ରଧାନ ଅଧକ୍ଷତା କରିଥିଲେ । ଗ୍ରୀଷ୍ମ ଅବକାଶରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ପାଦନ କରିଥିବା ସର୍ଭେରେ ଚିହ୍ନଟ କରାଯାଇଥିବା ୧୮ବର୍ଷରୁ କମ୍ ବୟସର ପାଠତ୍ୟାଗୀ ପିଲାଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ ୟୁଡାଇସ୍‌ରେ ସମସ୍ତ ଛାତ୍ରଛାତ୍ରୀଙ୍କ ବିବରଣୀ ତୁରନ୍ତ ଲିପିବଦ୍ଧ କରିବା, ମାସିକ ଦରମା ବିଲ୍ ଓ ଅନ୍ୟାନ୍ୟ କାଗଜପତ୍ର ଶିକ୍ଷକମାନେ ନିଜେ ଅଫିସ୍‌କୁ ନଆସି କେନ୍ଦ୍ର ବିଦ୍ୟାଳୟ ମାଧ୍ୟମରେ ଅଫିସ୍‌ରେ ଦାଖଲ କରିବାକୁ ସୂଚନା ପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ଦେବବ୍ରତ ନାଥ ଯୋଗଦେଇ ଶିକ୍ଷକଶିକ୍ଷୟିତ୍ରୀମାନେ ସଠିକ୍ ଢଙ୍ଗରେ ପାଠ୍ୟ ଯୋଜନା ପ୍ରସ୍ତୁତ କରି ଶିକ୍ଷାଦାନ କରିବା ସହିତ ମାସକୁ ଅନ୍ୟୁନ ଥରେ ଶିକ୍ଷଣ ସାମଗ୍ରୀ କର୍ମଶାଳା ଆୟୋଜନ କରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ । ଏବିଇଓ ଶତ୍ରୁଘ୍ନ ଖଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାଧିନତା ଦିବସ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ବହୁଳ ଭାବେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ପ୍ରବର୍ତ୍ତାଇଥିଲେ ।

ଏବିଇଓ ଭଗବାନ ବେହେରା ମଧ୍ୟାହ୍ନ ଭୋଜନ ମେସେଜ୍ ୧୧ଟା ପୂର୍ବରୁ ଦେବା ସହିତ ମାସିକ ମଧ୍ୟାହ୍ନ ଭୋଜନ କାଗଜପତ୍ର ନିର୍ଭୁଲ୍ ଭାବେ ପୂରଣ କରି ଅଫିସ୍‌ରେ ପ୍ରଦାନ କରିବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିରାମଲ୍ ଫାଉଣ୍ଡେସନ୍‌ର ସଦସ୍ୟ ମାନସ ପ୍ରଧାନ ମଂଚାସୀନ ଥିଲେ । ସମ୍ମିଳନୀରେ ୧୭୬ ପ୍ରଧାନଶିକ୍ଷକ ଓ ୧୭ଜଣ ସିଆର୍‌ସିସି ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ସମ୍ମିଳନୀରେ ଉପସ୍ଥାପନ କରିଥିଲେ । ସଦର ବିଇଓ ଶ୍ରୀ ପ୍ରଧାନ ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସଦର ବ୍ଲକ୍‌ର ସମସ୍ତ ସିଆର୍‌ସିସି ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ ।

## ଭିନ୍ନ ଭିନ୍ନ ଦୁର୍ଘଟଣା : ୨ ମୃତ, ୩ ଗୁରୁତର

ଗଁଦିଆ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅଞ୍ଚଳରେ ଦୁଇଟି ପୃର୍ଥକ ପୃର୍ଥକ ସ୍ଥାନରେ ଦୁର୍ଘଟଣାରେ ୨ ଜଣଙ୍କ ମୃର୍ତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।ମୃତକମାନେ ହେଲେ ଭୁବନ ଥାନା ଅଞ୍ଚଳ ବୁର୍ଦ୍ଧା ଗୌରୀ ବେହେରା (୬୪) ଓ ମହୁଲପାଳ ଅଞ୍ଚଳର ମୁନା ମଲ୍ଲିକ(୨୩)ବୋଲି ଜଣାପଡିଛି।

ଭୁବନ ଥାନା ଅଞ୍ଚଳର ବୁର୍ଦ୍ଧା ଗୌରୀ ଚିକିତ୍ସା ପାଇଁ ତାଙ୍କ ଝିଅ ଝରଣା ଭୋଇ ଓ ଜ୍ୱାଇଁ ବ୍ରଜକିଶୋରଙ୍କ ସହ ଏକ କାରରେ କଟକ ଯାଉଥିଲେ।ମଙ୍ଗଳବାର ଦିନ କୃସିଦା ଛକ ନିକଟରେ ଗୋଟିଏ ପିକଅପ ଗାଡି ତାଙ୍କ କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୁର୍ଦ୍ଧା ଗୌରୀଙ୍କ ମୃର୍ତ୍ୟୁ ଘଟିଥିବା ବେଳେ ଝିଅ ଝରଣା, ଜ୍ୱାଇଁ ବ୍ରଜକିଶୋର ଓ ଡ୍ରାଇଭର ଗୁରୁତର ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ସେହିଭଳି ଅନ୍ୟ ଏକ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃର୍ତ୍ତୁ ଘଟିଛି. । ମହୁଲପାଳ ଅଞ୍ଚଳର ମୁନା ରାତିରେ ବାଇକ ନେଇ ମାଧପୁରକୁ ନିଜ ପତ୍ନୀଙ୍କ ପାଖକୁ ଯାଉଥିଲେ। ବିଧାରପୁର ସାପୁଆଝର ନିକଟରେ ଏକ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ମୁନାଙ୍କ ମୃର୍ତ୍ୟୁ ଘଟିଥିଲା।ଗଁଦିଆ ପୁଲିସ ଉଭୟ ଦୁର୍ଘଟଣା ସ୍ଥାନରେ ପହଂଚି ଶବ ଜବତ କରି ପିକଅପ ଗାଡିକୁ ଜବତ କରିଛି ।

## ମିଳିତ ଶିକ୍ଷକ ସଂଘର ଦାବିପତ୍ର

କାମାକ୍ଷାନଗର,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ମିଳିତ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । କାମାକ୍ଷାନଗର ମିଳିତ ଶିକ୍ଷକ ସଂଘର ଶିକ୍ଷକ ନେତା ଧନେଶ୍ୱର ସାହୁ, ବିଷ୍ଣୁ ପ୍ରସାଦ ଦାଶ ଓ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ବିଦ୍ୟାଳୟର ଭିତ୍ତିଭୂମି ତଥା ଆନୁସଙ୍ଗିକ ବ୍ୟବସ୍ଥା ନଥିବା ବେଳେ ବଳପୂର୍ବକ ଲଦି ଦିଆଯାଉଥିବା ୟୁଏଏସ୍ କୁ ସ୍ଥଗିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି । ସେହିପରି ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବା ସହ ଦାବୀପତ୍ର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଅବନ୍ତି ଦେଇ, ସରିତା ଖୁଣ୍ଟିଆ, ରଞ୍ଜୁଲତା ସେଠି, ଶିକ୍ଷକ ପ୍ରବୀର ମହାନ୍ତି, ଜଗନ୍ନାଥ ମହାଖୁଡ, ପ୍ରତାପ କେଶରୀ ମିଶ୍ର, ରାଜେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ, (ସବ୍ୟୁ) :ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସକୁ ପୂର୍ବ ବର୍ଷ ଗୁଡିକ ଭଳି ମହାସମାରୋହରେ ପାଳନ କରାଯିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରତିମୟଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ସଦସ୍ୟା ଓ ସଦସ୍ୟମାନଙ୍କୁ ଅଧକ୍ଷ ସମ୍ବୋଧନ କରିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ହୋଇଥୁବା ନିଷ୍ପତ୍ତି ଅନୁସାରେ ସ୍ୱାଧୀନତା ଦିବସର ପ୍ରତ୍ୟୁଷରୁ ସହରରେ ଡାକବାଳୀ ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ କରାଯିବ । ପୂର୍ବାହ୍ଣ ୬ ଘଟିକାରେ ପ୍ରଭାତ ଫେରୀ, ୭ ଘଟିକା ୩୦ ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଘରୋଇ କୋଠାବାଡିରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପୂର୍ବାହ୍ଣ ୯ ଘଟିକା ୧୫ ମିନିଟ୍ ସମୟରେ ପିଟିସି ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରାଯିବ । ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଗଲା।

ଗତ ହାଇସ୍କୁଲ ସାର୍ଟିଫିକେଟ ପରିକ୍ଷାରେ ସର୍ବୋଚ୍ଚ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁସମ୍ବର୍ଦ୍ଧିତ କରାଯିବ । ସେହିପରି ଗତ ସି ବି ଏସ୍ ଇ ଓ ଆଇ ସି ଏସ୍ ଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଥିବା ଜଣେ ଲେଖା ଛାତ୍ର ଓ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର କରାଗଲା । ପି ଟି ସି ପଡିଆ ଠାରେ ଅଗଷ୍ଟ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଅଭ୍ୟାସ ପରେଡ ଅନୁଷ୍ଠିତ ହେବ । ଉତ୍ସବ ଦିନ ସନ୍ଧ୍ୟା ସମୟରେ ସ୍ଥାନୀୟ ସଭାଘର ଠାରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି । ଉତ୍ସବ ଦିବସ ସହ ଜଡିତ ବିଭିନ୍ନ ଅନୁଷ୍ଠାନ, ବିଭାଗ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବଁଅରପାଳ,(ସବ୍ୟୁ): ବଁଅରପାଳ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର, ର ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁଙ୍କ ଅଧ୍ୟକ୍ଷତ ରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଯାଇଅଛି । ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ସଭାପତି ସତ୍ୟବାନ୍ ବରାହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପରିଚାଳନା ସମିତିର ସମ୍ପାଦକ ଅଖିଳ କୁମାର ମହାପାତ୍ର,କୋଷାଧକ୍ଷ ଅକ୍ଷୟ କୁମାର ସେନାପତି,ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଉପସ୍ଥିତ ଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ପ୍ରକଳ୍ପ, ପ୍ରଶ୍ନମଞ୍ଚ,ପତ୍ରବାଚନ, ମୂର୍ତ୍ତୀକଳା , ଗଣିତ ବିଜ୍ଞାନ ପ୍ରୟୋଗ କାର୍ଯ୍ୟକ୍ରମରେ ୧୨୭ ଜଣ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ । ବିଚାରକ ଭାବେରେ ଅବସପ୍ରାପ୍ତ ବିଜ୍ଞାନ ଶିକ୍ଷକ ବିଜୟ କୁମାର ଧିର, ପାଞ୍ଚଗଡ ସୋମନାଥ ମହାବିଦ୍ୟାଳୟ ବିଜ୍ଞାନ ଅଧ୍ୟାପକ ସତ୍ୟବ୍ରତ ସାହୁ, ଅଧ୍ୟାପିକା ସାଗରିକା ବରାଳ ଯୋଗଦାନ କରିଥିଲେ । ଶେଷରେ କୃତି ପ୍ରତିଭାଗି ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ କାର୍ତ୍ତିକେଶ୍ୱର ସାହୁ ଓ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ ।

## ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ବୈଠକ



ଅନୁଗୋଳ ,(ସବ୍ୟୁ): ପୋଲିଙ୍ଗ ବୁଥମାନଙ୍କର ଯୁକ୍ତିଯୁକ୍ତକରଣ ଓ ନୂତନ ବୁଥ୍ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଛେଣ୍ଡିପଦା ଓ ଅନୁଗୋଳ ବିଧାନସଭା, ନିର୍ବାଚନମଣ୍ଡଳୀରେ ୧୨୦୦ରୁ ଉର୍ଦ୍ଧ୍ୱ ମତଦାତା ଥିବା ବୁଥ୍ ଗୁଡିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ ବୁଥ୍ ସୃଷ୍ଟି କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ମମତା ପ୍ରଧାନ, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ନାୟକ, ଡିଆଇପିଆରୋ ଜୟଜିତ ଧଳ ପ୍ରମୁଖ ଯୋଗ ଦେଇଥିବାବେଳେ ଭାରତୀୟ ଜନତା ଦଳ, ବିଜୁ ଜନତା ଦଳ, ଭାରତୀୟ ରାଷ୍ଟ୍ରିୟ କଂଗ୍ରେସର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କଣିହାଁ ବ୍ଲକ ଓ ଥାନା ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

## ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କଣିହାଁ, (ସବ୍ୟୁ) : ରାଜ୍ୟରେ ଛାତ୍ରୀ, ମହିଳା ଅସୁରକ୍ଷିତ , ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦୃଷ୍ଟି ରେ ରଖି ଆଜି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଙ୍କ ଆହ୍ୱାନ କ୍ରମେ କଣିହାଁ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ କଣିହାଁ ବ୍ଲକ ଓ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ୧୨ଘଟିକା ସମୟରେ କଲେଜ ଛାତ୍ର ଛାତ୍ରୀମାନେ କଣିହାଁ ମେଡିକାଲ ଠାରୁ ଏକ ଶୋଭାଯାତ୍ରାରେ ବାହାରି କଣିହାଁ ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବାସହ ପରେ କଣିହାଁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କଣିହାଁ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଜୁ ଯୁବ ଜନତା ଦଳର ନେତା ଲିପୁନା ଭୁକ୍ତା, ଅନୁଗୋଳ ଜିଲ୍ଲା ଛାତ୍ର ସଭାପତି ରାଜୀବ ,ଜିଲ୍ଲା ଉପ ସଭାପତି ଅମିତ ଓ କଣିହାଁ ମହାବିଦ୍ୟାଳୟ ର ସମସ୍ତ ଛାତଛାତ୍ରୀ ଉପସ୍ଥିତ ଥିଲେ ।

# ରାସ୍ତା ପାର୍ଶ୍ୱରୁ ସନ୍ଦେହଜନକ ଭାବେ ଯୁବକଙ୍କ ମୃତଦେହ ଉଦ୍ଧାର

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ ମଇଧରପୁର - ସାତମାଇଲ ଛକ ମୁଖ୍ୟରାସ୍ତାର କରୁମିଠା ଗ୍ରାମସ୍ଥିତ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏକ ଲତାବୁଦା ମଧ୍ୟରୁ ଏକ ଯୁବକଙ୍କ ମୃତ ଦେହକୁ ସନ୍ଦେହଜନକ ଭାବେ ପୋଲିସ୍ ଉଦ୍ଧାର କରିଛି । ଉଦ୍ଧାର ବେଳେ ମୃତ ଯୁବକଙ୍କ ବାମ ପାର୍ଶ୍ୱରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଦୁଇ ଗୋଡ଼ ଖଣ୍ଡିଆ ଖାବରା ହୋଇଥିବା ଦେଖିବାକୁ ମିଳିଛି ।

ଘଟଣାରୁ ପ୍ରକାଶ ଯେ ହିନ୍ଦୋଳ ମାହାଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କନ୍ତାମିଲା ଗ୍ରାମର ଭିକାରି ପ୍ରଧାନଙ୍କ ପୁଅ ସୁଶାନ୍ତ ପ୍ରଧାନ (୩୦) ସ୍ଥାନୀୟ ମଇଧରପୁର ପେଟ୍ରୋଲ ପମ୍ପ ନିକଟରେ ଥିବା ସାଇ ସୁଦ୍ଧା ବିରିଆନି ବକ୍ସ ନାମକ ଏକ ଫାଷ୍ଟ ଫୁଡ୍ ଦୋକାନରେ କାର୍ଯ୍ୟ କରନ୍ତି । ଗତକାଲି ରାତିରେ ଦୋକାନ ଧନ୍ଦା ସାରି ମଇଧରପୁର ଛକରେ ଯାତ୍ରା ଗଣନାଟ୍ୟର ଯାତ୍ରା ଦେଖିବାକୁ ଯାଇଥିଲେ । ତେବେ ଯାତ୍ରା ସରିବା ପୂର୍ବରୁ ସେ ଯାତ୍ରା ପଦା ନିକଟରେ ନିଜର ବାଇକ୍ ଛାଡ଼ି ଆଶ୍ଚର୍ଯ୍ୟଜନକ ଭାବେ କୁରୁମିଠା ଗ୍ରାମ ସ୍ଥିତ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତାର ଅପର ପାର୍ଶ୍ୱରେ ଏକ ପରିତ୍ୟକ୍ତ ଲତାବୁଦା ମଧ୍ୟରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିବାକୁ ପାଇ ପୋଲିସ୍ କୁ ଖବର ଦେବା ସହ ଦୀର୍ଘ ଘଣ୍ଟା ଧରି ମୁଖ୍ୟରାସ୍ତା ଅବରୋଧ କରି ରଖିଥିଲେ । ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ପ୍ରାଥମିକ ଅନୁସନ୍ଧାନ ଆରମ୍ଭ କରିବା ସହ ସବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ ।

ଏହି ଘଟଣା ନେଇ ମୃତକଙ୍କ ବାପା ଭିକାରି ପ୍ରଧାନ ତାଙ୍କ ପୁଅକୁ ହତ୍ୟା କରା ଯାଇଛି ବୋଲି ଥାନାର ଲିଖିତ ଅଭିଯୋଗ କରିବାରେ ପୋଲିସ ଏନେଇ ଥାନାରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧନୀ କୁକୁର ସହାୟତାରେ ଅଧିକ ତଦନ୍ତ ଜାରି ରଖିଛି । ମୃତ ସୁଶାନ୍ତ ରାତିରେ ନିଜ ବାଇକରେ ଦୋକାନ ପାର୍ଶ୍ୱରେ ଏକ ଟା ଦୋକାନ ମାଲିକଙ୍କ ବୃଦ୍ଧ ବାପାଙ୍କୁ ସାଙ୍ଗରେ ନେଇ ଓପେରା ଦେଖି ଯିବା ଓ କିଛି ସମୟ ପରେ ନିଜ ବାଇକ୍ ସେହି ଠାରେ ଛାଡ଼ି ନିଜ ପ୍ୟାକେଟରେ ଚାବି ରଖି କିଭଳି ୩ କିଲୋ ମିଟର ଦୂରବର୍ତ୍ତି ସ୍କୁଲ ସାମ୍ନା ଅଞ୍ଚଳକୁ ଆସିଲେ ସନ୍ଦେହକୁ ଦ୍ୱିଗୁଣିତ କରିଛି । ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେହି କେହି ହାତୀ ଆକ୍ରମଣରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା କହୁ ଥିବା ବେଳେ ଅନେକ ରାସ୍ତା କେତେକ ରାସ୍ତା ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହଥିଲେ । ମୃତକଙ୍କ ପେଟ ଓ ଦୁଇ ଗୋଡରେ ଗଭୀର କ୍ଷତ ଲାଗି ଥିବା ଦେଖି ଯୋଜନାବଧ ଭାବେ ତାଙ୍କୁ ହତ୍ୟା କରା ଯାଇଛି ବୋଲି ସନ୍ଦେହ କରୁ ଛନ୍ତି । ଆଜି ସକାଳେ ପୋଲିସ୍ ତଦନ୍ତ ବେଳେ ସଂପୃକ୍ତ ଫାଷ୍ଟ ଫୁଡ୍ ମାଲିକଙ୍କୁ ପଚରା ଉଚରା ବେଳେ ସେ ତରବରିଆ ଭାବେ ଆମ ସହିତ କାହାର ଶତ୍ରୁତା ନାହିଁ କି ଗଣ୍ଡଗୋଳ ଘଟିନାହି ବୋଲି ପୋଲିସ ଅଧିକାରୀଙ୍କ ପ୍ରଶ୍ନ ବାରମ୍ବାର ଏଡାଇ ଚାଲିଥିବା ଶୁଣା ଯାଇଥିଲା । ମୋଟା ମୋଟି ଭାବେ ଏହି ଅଘଟଣ ସନ୍ଦେହ ଘେରରେ ରହିଥିବା ବେଳେ ପୋଲିସ୍ ତଦନ୍ତ ଘଟଣାର ସତ୍ୟାସତ୍ୟକୁ ଲୋକ ଲୋଚନକୁ ଆଣିବ ବୋଲି ମନେ କରା ଯାଉଛି । ମୃତ ସୁଶାନ୍ତ ତିନି ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ବିଧବା ପତ୍ନୀଙ୍କ ସମେତ ଦୁଇ ବର୍ଷର ଏକ ଛୋଟ ଝିଅ ରହିଛି ।

## ନାବାଳିକା ଅପହରଣ ଅଭିଯୋଗ

# ୧୪ଦିନ ପରେ ପୋଲିସ ହାତ ଖାଲି

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଖୁରୁସିଆ ଗ୍ରାମର ଜନୈକା ନାବାଳିକା ଅପହରଣ ଅଭିଯୋଗକୁ ୧୪ ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ପଡିଛି। ଫଳରେ ନ୍ୟାୟ ପାଇଁ ବାପା ମାଆ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବାର ଜଣାପଡିଛି। ଖୁରୁସିଆ ଗ୍ରାମର ନବଘନ ବେହେରାଙ୍କ ପତ୍ନୀ ନିରୁପମା ବେହେରାଙ୍କ ଅଭିଯୋଗ ଅନୁସାରେ ଗତ ୨୩ ତାରିଖ ଭୋର ସାଢେ ୩ଟା ସମୟରେ ତାଙ୍କର ୧୫ ବର୍ଷରଝିଅ ଶୌଚହେବାକୁ ଯାଇଥିବାବେଳେ ଗ୍ରାମର ସଞ୍ଜୟ ବେହେରାଙ୍କ ସହିତ ଅନ୍ୟ ୫ଜଣ ତାକୁ ବଳପୂର୍ବକ ଅପହରଣ କରି ନେଇଛନ୍ତି। ଘଟଣାକୁ ନେଇ ପରିବାର ତରଫରୁ କାମାକ୍ଷାନଗର ଥାନାରେ ଅଭିଯୋଗ କରାଯାଇଥିବା ବେଳେ ଥାନାରେ ୩୭୧/୨୫ରେ ଏକ ମାମଲା ରୁଜୁ କରାଯାଇଛି। କିନ୍ତୁ ପୋଲିସ ନାବାଳିକାକୁ ଖୋଜିବାର ବିଫଳ ହୋଇଛି। ପରିବାର ବର୍ଗ ଥାନାକୁ ବାରମ୍ବାର ଦୌଡି ଦୌଡି ନିରାଶ ହେବା ପରେ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିବାର ଜଣାପଡିଛି। ତାଙ୍କ ଝିଅ ଚଳିତ ବର୍ଷ ଯୁକ୍ତ ଦୁଇ ପ୍ରଥମ ଶ୍ରେଣୀରେନାମ ଲେଖାଇଥିବା ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ଅପହରଣ କରାଯାଇଥିବାର ଅଭିଯୋଗ କରିଥିବା ବେଳେ ପରିବାରକୁ ନ୍ୟାୟ ପ୍ରଦାନ ସହିତ ନାବାଳିକାକୁ ଖୋଜିଆଣିବାକୁ ଦାବୀ କରିଛନ୍ତି।

## ୮ କେଜି ଗଞ୍ଜେଇ ଜବତ: ଦୁଇ ଗିରଫ



ତାଳଚେର,(ସବ୍ୟୁ) : ଆଜି ତାଳଚେର ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ଭାବେ ଚଢ଼ାଉ କରାଯାଇ ଆଠମଲ୍ଲୀକ ଅଂଚଳର ବୁଦ୍ଧୁ ବେହେରା (୨୩) ତାଳଚେର ବସଷ୍ଟାଣ୍ଡ ନିକଟରୁ ୪କେଜି ଶହେ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ସେହିଭଳି ବଉଦ ଅଂଚଳର ଭରତ ବେହେରା (୩୮)ଙ୍କ ନିକଟରୁ ୪କେଜି ଗଞ୍ଜେଇ ସ୍ଥାନୀୟ ପବିତ୍ରନଗର ଛକରୁ ଜବତ କରିଥିବା ଘଟଣା ମାଫିଆଙ୍କ ମନରେ ଆତଙ୍କ ଖେଳିଯାଇଛି। ଘଟଣାରୁ ପ୍ରକାଶ ଆଜି ଅବକାରୀ ବିଭାଗ ଅଧିକାରୀ ଉମାକାନ୍ତ ସ୍ୱାଇଁ କୌଣସି ସୂତ୍ରରୁ ଖବର ପାଇ ବସଷ୍ଟାଣ୍ଡ ଠାରେ ଆତର୍କିତ ଚଢ଼ାଉ କରି ଗଞ୍ଜେଇ ବେପାରୀକୁ ଧରିବାରେ ସଫମ ହୋଇଥିବା ବେଳେ ସେହିଳଭଳି ସ୍ଥାନୀୟ ପବିତ୍ର ନଗର ଠାରେ ଓଆସି ହାତିଆ ବେହେରା ଚଢ଼ାଉ କରି ସେମାନଙ୍କ ନିକଟରୁ ଗଞ୍ଜେଇ ଜବତ କରିବା ସହ ଉକ୍ତ ଦୁଇଜଣ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ଆଠମଲ୍ଲୀକ ଓ ବଉଦ ଅଂଚଳରୁ ଉକ୍ତ ଗଞ୍ଜେଇ ବେପାରୀ ତାଳଚେର ଅଂଚଳକୁ ଆସି ବିଭିନ୍ନ ସ୍ଥାନରେ ଅତି ଚତୁରତା ସହ ଗ୍ରାହକମାନଙ୍କୁ ଗଞ୍ଜେଇ ବିକ୍ରି କରିବାକୁ ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଅନୁମାନ କରାଯାଏ ଏହି ଗଞ୍ଜେଇର ମୂଲ୍ୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ହେବ ଜଣାପଡ଼ିଛି ।

# ୬ରୁ ଅନନ୍ତ ଓ ଭୁବନେଶ୍ୱରୀ ଖଣିରେ ଧାରଣା ଦେବେ ରଘୁନାଥପୁର ଗ୍ରାମବାସୀ

ସାଉଥବଲଣ୍ଡା ,(ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ଗତ କିଛି ବର୍ଷ ଧରି ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମସିଏଲ)ର ଅନନ୍ତ ଓ ଭୁବନେଶ୍ୱରୀ ଖୋଲା କୋଇଲାଖଣି ଅଧିନରେ ରହିଛି । ଏହି ଖଣି ଦ୍ୱୟରୁ କୋଇଲା ଉତ୍ପାଦନ ଚାଲିଥିବା ବେଳେ ଗ୍ରାମବାସୀ ମାନେ ଦୀର୍ଘଦିନ ଧରି ଏଥିରେ ପ୍ରଭାବିତ ହେଉଛନ୍ତି । ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହାର ବିରୋଧରେ ଗ୍ରାମବାସୀ ମାନେ ଆସନ୍ତା ଅଗଷ୍ଟ ଛଅ ତାରିଖ ଠାରୁ ଅନନ୍ତ ଓ ଭୁବନେଶ୍ୱରୀ ଖୋଲା ଖଣି ଗେଟ୍ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ଯାଉଛନ୍ତି। ଏହି ଧାରଣା ପୂର୍ବରୁ ଗ୍ରାମର ମହିଳା,ପୁରୁଷ ଏବଂ ଯୁବକ ମାନେ ଏକ ଆଲୋଚନା ସଭା କରି ଏଥିରେ ଅଂଶଗ୍ରହଣ କରିବା ନିଷ୍ପତି ନେଇଛନ୍ତି । ଏହି ଅବସରରେ ଗ୍ରାମବାସୀ ମାନେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଗ୍ରାମରେ ବିଭିନ୍ନ ସମସ୍ୟା ଖଣି ଯୋଗୁଁ ହେଉଛି ଏହା ଦ୍ୱାରା ଗ୍ରାମବାସୀଙ୍କ ଜୀବନ ଜିଉଥିବା ଅତି ସଂକଟପୂର୍ଣ୍ଣ ହୋଇପଡ଼ିଛି । ଚାରିପାଖରେ ଖଣି ଚାଲିଥିବାରୁ ଧୁଳି, ଶବ୍ଦ ଓ ଭୂକମ୍ପନ ଦିନକୁ ଦିନ ବିଛି ବ୍ଲାଷ୍ଟିଂରେ ଘର ଭାଙ୍ଗିବା, ଅଶୁଦ୍ଧ ଜଳ ଯୋଗୁଁ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଏହାର ପ୍ରଭାବ ଶିଶୁ ଓ ବୃଦ୍ଧମାନେ ବେଶି ଭାବେ ଅନୁଭବ କରୁଛନ୍ତି ।ଏହା ପାଇଁ ବାକିଥିବା ଜମିକୁ ଅଧିଗ୍ରହଣ ଏବଂ ପୁନର୍ବାସ ଓ ଥଇଥାନ ନୀତିରେ ସାମିଲ କରିବା ଆବଶ୍ୟକ । ଏମସିଏଲ ଏବଂ ସିଏମପିଡିଆଇର ମିଳିତ ଭାବେ ଏକ ପ୍ରସ୍ତାବ ପତ୍ର ଯାହାକି ବ୍ଲକ୍ ସୀମାର ପୁନର୍ନିର୍ମାଣ ଏବଂ ଏହାକୁ ନନ-ସିଆଇଏଲ ବ୍ଲକରୁ ସିଆଇଏଲ ରେ ପରିବର୍ତ୍ତନ ଉପରେ ଥିଲା ତାହା ଆଯିକି ୧୬ ମାସ ରୁ ଅଧିକ ହେଲା ମନ୍ତ୍ରାଳୟ ଏବଂ ସିଆଇଏଲରେ ପଡ଼ିରହିଛି ।

ଗ୍ରାମ କମିଟି ଏମସିଏଲ ମୁଖ୍ୟ, ସିଏମପିଡିଆଇ ମୁଖ୍ୟ, ଜିଲ୍ଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ, କୋଲ ଇଣ୍ଡିଆର ମୁଖ୍ୟ ଏବଂ କୋଇଲା ମନ୍ତ୍ରାଳୟର ଅତିରିକ୍ତ ସଚିବଙ୍କ ସହ ଦେଖାକରି ଅଭିଯୋଗ କରିବା ସହ କୋଇଲା ମନ୍ତ୍ରାଳୟ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ବିଭିନ୍ନ ମାଧ୍ୟମରେ ଚିଠି ଏବଂ ଇମେଲ କରିବା ସତ୍ତ୍ୱେ ବି ସମସ୍ତେ ସମସ୍ୟାକୁ ଶୁଣି ନିଜର କେବଳ ଶବ୍ଦରେ ସକରାତ୍ମକ ନିଶ୍ଚିତତା ଦେଇଛନ୍ତି କିନ୍ତୁ ଆଜି ଯାଏଁ କୌଣସି ସମସ୍ୟାର ସମାଧାନ ହୋଇନାହିଁ କି ଏଯାଏଁ ଯାଇଥିବା ପ୍ରସ୍ତାବ ପତ୍ରକୁ ଅନୁମୋଦନ ଦିଆଯାଇ ନାହିଁ । ଏହି ମାମଲାରେ ଜିଲ୍ଲା ପ୍ରଶାସନ, ଏମସିଏଲ୍ ଓ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଗମ୍ଭୀର ଭାବେ ବିଚାର କରି ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଆହ୍ୱାନ କରିଛନ୍ତି । ଯେହେତୁ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ବିରୋଧ ପାଇଁ ୧୧ ଦିନ ପୂର୍ବରୁ ନୋଟିସ୍ ଦେଇଥିଲେ, କିନ୍ତୁ କେହି କୌଣସି ବିବୃତି ଦେଇ ନଥିବାରୁ ଅଗଷ୍ଟ ୬ ତାରିଖ ସକାଳ ୬ ଘଟିକାରୁ ଅନନ୍ତ ଏବଂ ଭୁବନେଶ୍ୱରୀ ଖଣିକୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରି ବିରୋଧ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ନିଜ ଗାଁ ଲୋକଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,(ସ୍ୱପ୍ର/ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ କେନ୍ଦୁଝର ଗସ୍ତ ସାରି ସୋମବାର ଅପରାହ୍ଣରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଉକ୍ତଯାତ୍ରା ସରକାରୀ ଓ ନିଜର ପାରିବାରିକ କାର୍ଯ୍ୟରେ ଯୋଗ ଦେଇଥିବା ଏହି ଗସ୍ତ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ନିର୍ଦ୍ଧାରିତ ସମୟରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଆସିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆମ୍ବୁଲାନ୍ସ,ମା ତାରିଣୀଙ୍କ ନଡିଆ ପରିବହନ ପାଇଁ ଗାଡି ଓ ଏକଲ ଗାଡି ଲୋକାର୍ପଣ କରିବା ପରେ ଦରବାର ହଲଠାରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଲୋକସଭା ସଦସ୍ୟ ଓ ଆନନ୍ଦପୁର ବିଧାୟକଙ୍କ ଛାଡି ଦୁଇ ବିଜେପି ଓ ଦୁଇ ବିଜେଡି ବିଧାୟକ ଉପସ୍ଥିତ ରହିଥିଲେ । କେନ୍ଦୁଝରରେ ମେଗା ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କଥାକୁ ପୁଣି ଦୋହରାଇ ଖୁବ ଶୀଘ୍ର ବୃହତ ଷ୍ଟିଲ ପ୍ଲାଣ୍ଟ ହେବ ବୋଲି ପ୍ରକାଶ କରିଥିଲେ । କେନ୍ଦୁଝରରେ ୬୨ତମ ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚରେ ଯୋଗ ଦେଇ ପ୍ରାୟ ୩ଘଣ୍ଟା ଧରି ଖେଳ ଓ ପୁରସ୍କାର ବିତରଣୀ ସଭାରେ ଉପସ୍ଥିତ ରହି ଅତୀତରେ କେନ୍ଦୁଝରର ଫୁଟବଲ ଖେଳ ତାଙ୍କ ଗାଁ ରାଇକଳାର ରାଇଜିଂଷ୍ଟାର ଫୁଟବଲ ଦଳ କଥାକୁ ଭାଷଣ ମାଧ୍ୟମରେ ସ୍ମରଣ କରିଥିଲେ । ସଂଧ୍ୟାରେ ସର୍କିଟହାଉସରେ ସାଧାରଣ ଲୋକ ଓ ଦଳୀୟ କର୍ମୀମାନଙ୍କ ଗହଣରେ ବିତାଇଥିବା ସହ ସୋମବାର ସକାଳେ ମଧ୍ୟ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୋମବାର ପୂର୍ବାହ୍ନ ସାଢ଼େ୧୧ଟାରେ ସଡକପଥରେ ନିଜ ଗାଁ ରାଇକଳାକୁ ଯାଇ ସେଠାରେ ନିଜ ବାସଭବନର ନବୀକୃତ ଗୃହ ପ୍ରଵେଶ ସହ ଦ୍ରୀଙ୍କ ଯୋଗ ଦେଇଥିଲେ । ସେଠାରେ ମଧ୍ୟ ସାଧାରଣ ଲୋକ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଅପରାହ୍ନ ସାଢ଼େ୩ଟାରେ ରାଇସୁଆଁ ଏଆରଷ୍ଟ୍ରୀପରୁ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ।



## କସ୍ତୁରୀ ପଣ୍ଡା ପାଞ୍ଚପୀଢ ଉପଖଣ୍ଡ ନୂତନ ଉପଜିଲ୍ଲାପାଳ

କରଞ୍ଜିଆ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ପାଞ୍ଚପୀଢ ଉପଖଣ୍ଡ ନୂତନ ଉପଜିଲ୍ଲାପାଳ ଭାବେ କସ୍ତୁରୀ ପଣ୍ଡା (ଆଇଏଏସ) ସୋମବାର ଦିନ ଭାରପ୍ରାପ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାଶଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପାଞ୍ଚପୀଢ ଉପଖଣ୍ଡ ପ୍ରଥମ ଥର ପାଇଁ ଜଣେ ଆଇଏଏସ ଅଧିକାରୀଙ୍କୁ ଉପଜିଲ୍ଲାପାଳ ଭାବେ ପାଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ସୁକତା ଦେଖା ଦେଇଛି । ସେ ପୂର୍ବରୁ କଳାହାଣ୍ଡି ଜିଲାରେ ପ୍ରୋବେସନାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସେ ପୂର୍ବରୁ ୨୦୨୦ ମସିହାରେ ଓଏଏସ ପାଇଥିବା ବେଳେ ୨୦୨୩ ମସିହାରେ ଓଡ଼ିଶା ବ୍ୟାଚ କ୍ୟାଡ଼ର ଆଇଏଏସ ପାଇଥିଲେ । ସୋମବାର ଦିନ କରଞ୍ଜିଆ ସାମ୍ବାଦିକ ସଂଘ ପକ୍ଷରୁ ସାଧାରଣ ସଂପାଦକ କର୍ଣ୍ଣାର୍ଜ୍ଜୁନ ସାହାଙ୍କ ନେତୃତ୍ୱରେ ଉଦିପ୍ତ ବେହେରା, ଟି ବିବେକାନ୍ଦ ଶେଖର, ଦିନେଶ କୁମାର ଦାସ, ଭାରତ ଚନ୍ଦ୍ର ଦାସ, ବିଜେନ୍ଦ୍ର ରାଉ,ବିଦ୍ଧଯାର ଦାଶ,ପାର୍ଥ ପ୍ରଶନ୍ନ ମିଶ୍ର,ଅରୁଣ ବେହେରା ମନୋଜ ମହାନ୍ତି ଉପସ୍ଥିତ ରହି ପରିଚୟ ଆଦାନ ପ୍ରଦାନ କରିଥିଲେ ।



## କେନ୍ଦୁଝରଗଡ ପୌରପାଳିକାର ବିକାଶ ପାଇଁ ଆଲୋଚନା

କେନ୍ଦୁଝର, (ସ୍ୱପ୍ର/ସବ୍ୟୁ): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେନ୍ଦୁଝରଗଡ ପୌରପରିଷଦର ବିଭିନ୍ନ ବିକାଶ ପାଇଁ ସୋମବାର ପୂର୍ବାହ୍ନରେ ଅଧକ୍ଷା ଶ୍ରୀମତୀ ନିକୁ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଆଲୋଚନା କରିଛନ୍ତି । ସହରବାସୀଙ୍କ ବିକାଶ ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଓ ଆଗକୁ ନେବାକୁ ଥିବା ବିଭିନ୍ନ ମେଗା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ । ସହରବାସୀଙ୍କ ମୌଳିକ ସୁବିଧା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକୁ ଅଗ୍ରାଧିକାର ସହକାରେ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଆଗକୁ ପୌରପାଳିକା ତରଫରୁ କେଉଁ କେଉଁ ପ୍ରକଳ୍ପ ହାତକୁ ନେବାକୁ ଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁ ସାହୁଙ୍କ ସହିତ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁଭଦେବ ମହାନ୍ତ,ନଗରର ପୂର୍ବତନ ବିଜେପି ସଭାପତି ବିଶ୍ୱଜିତ ତ୍ରିପାଠୀ,ଅଜୟ କୁମାର ସାହୁ,କାଉନସିଲର ନିହାର ରଞ୍ଜନ ଦାସ,ପଙ୍କଜ କୁମାର ଦ୍ୱିବେଦୀ,କିରଣ କୁମାର ସୋରେନ,ଇନ୍ଦୁମତୀ ମିଶ୍ର,ପୌରପାଳିକାର ସଂସଦଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିପର୍ଯ୍ୟୟ ପ୍ରଶମନ ତାଲିମ

କେନ୍ଦୁଝର, (ସ୍ୱପ୍ର/ସବ୍ୟୁ): ଓଏଡ଼ମା ସହଯୋଗରେ କେନ୍ଦୁଝର ଆପଦକାଳୀନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପଞ୍ଚାୟତରେ ତାଲିମ କେନ୍ଦ୍ରରେ ଦୁଇଦିନିଆ ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସରଙ୍କ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଆୟୋଜିତ ହୋଇଛି,ଅତିରିକ୍ତ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ଓ ସେ ବିପର୍ଯ୍ୟୟ ସମୟରେ ଶୂନ୍ୟ ମନସହନଶୀଳତା, ଶୂନ୍ୟ ଜୀବନହାନି ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ହେଲେ ଅଧିକତ ତାଲିମ ଦରକାର ଓ ଏହାର ସୁବିଧା ଅନେକ ଶୂନ୍ୟ, ଏଥି ଦ୍ୱାରା ବିପର୍ଯ୍ୟୟ ଯୋଗୁଁ ଅନେକ ଧନଜୀବନ ରକ୍ଷା କରାଯାଇପାରିବ, ଆପିଷ୍ଟାନ୍ସ କଲେକ୍ଟର ସରସ୍ୱତୀ ତାଲିମ ଜେନା କହିଲେ ଯେ ଏହି ତାଲିମ ଦ୍ୱାରା ଅନେକ ଅନେକୋଟିତ ଜ୍ଞାନ ଆହରଣ କରାଯାଇ କ୍ଷେତ୍ର ସ୍ତରରେ ଲୋକଙ୍କ ହିତରେ ଉପଯୋଗ କରାଯାଇପାରିବ, ଜିଲ୍ଲା ରେଡ଼କ୍ରସ ଯୁଗ୍ମସମ୍ପାଦକ ତଥା ଜାତୀୟସ୍ତରୀୟ ମାଷ୍ଟର ତାଲିମ ଦାତା ଶ୍ରୀ ଏ ଆର ଖାନ ସ୍ୱାଗତ ସମ୍ଭାଷଣ ପ୍ରଦାନକରି ଆଜିର ତାଲିମ ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ସମସ୍ତ ପିଇଓ ଙ୍କୁ ସ୍ୱାଗତ କରି ଡିଜାଷ୍ଟର ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିବା ସହିତ ଏହାକୁ କିପରି କାର୍ଯ୍ୟ ରେ ଲଗାଯାଇପାରିବ ତଥ୍ୟ ପ୍ରଦାନ କରିଥିଲେ। ଏହି ଦୁଇ ଦିନିଆ ତାଲିମ ଶିବିରରେ ୫୭ ଜଣ ପିଇଓ ଙ୍କୁ ମାଷ୍ଟର ଟ୍ରେନର ରଞ୍ଜନ ପଟ୍ଟନାୟକ, କେଦାରନାଥ ଆରୁକ, ଉତ୍କର ମହାରଣା, ଓ ବିଭିନ୍ନ ବିଭାଗୀୟ ଅଧିକାରୀ ତାଲିମ ପ୍ରଦାନ କରିଥିଲେ, ଝସକେତନ ମହାନ୍ତ, ସେକ ମହମ୍ମଦ ସହନାୱାଜ, ସନ୍ଦୀପ ପଟନାୟକ, ମାନସ ସେଠୀ, ସସ୍ମିତାରାଣୀ ଧର, ଶିବିର ପରିଚାଳନା କରିଥିଲେ

## ଆମ ପରିବାର ଓ ଆମ ପଞ୍ଚାୟତ' ଉନ୍ମୋଚିତ

ଢେଙ୍କାନାଳ, (ସବ୍ୟୁ): ସ୍ୱର୍ଗତଃ ଭଗବାନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆମ ପରିବାର ଓ ଆମ ପଞ୍ଚାୟତ' ପତ୍ରିକାର ଷଷ୍ଠବର୍ଷର ଉଲ୍ଲେଖ ସଂଖ୍ୟାର ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ୱର୍ଗତଃ ମହାପାତ୍ରଙ୍କ ଭଗବାନପୁରସ୍ଥିତ ବୈଠକ ଘରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପତ୍ରିକାର ମୁଖ୍ୟ ସମ୍ପାଦକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ସର୍ବେଶ୍ୱର ଜେନା ସଂଯୋଜନା ଦାୟିତ୍ୱରେ ଥିଲେ । ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ବେଦ ମନ୍ତ୍ର ପାଠ କରିଥିଲେ । ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରି ପରିଡ଼ା, କବି ପ୍ରଭାତ ଆଚାର୍ଯ୍ୟ, ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆର ସଂଚାଳକ ବିଜୟ ଜି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ସାହୁ, ମା'ଦୁର୍ଗା ପ୍ରକାଶନିର ପ୍ରତିଷ୍ଠାତା ତଥା ପତ୍ରିକାର ପ୍ରକାଶକ କିଶୋରଚନ୍ଦ୍ର ମହାପାତ୍ର, ପତ୍ରିକାର ମାର୍ଗଦର୍ଶକ ସୁଧାକର ଗିରି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ମହାନତା, ନିଷ୍ଠାପରତା ଓ ପତ୍ରିକାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ପୁତ୍ର ସୁବର୍ଣ୍ଣନ ମହାପାତ୍ର, ସମାଜସେବୀ ମନୋରଞ୍ଜନ ଉପାଧ୍ୟାୟ, ଚକ୍ରଧର ମହାନ୍ତି, ପୂଜକଚକ୍ରଧର ଆଚାର୍ଯ୍ୟ, ଶିକ୍ଷକବିଶ୍ୱନାଥ ପ୍ରଧାନ, ରାସବିହାରୀ ବାରିକ, ଦିବ୍ୟରଞ୍ଜନ ପ୍ରଧାନ, କୃଷ୍ଣ ପାତ୍ର, ଜୟନ୍ତ ସ, ଶୁଭଙ୍କର ମହାପାତ୍ର, ସଂଯୁକ୍ତା ମହାପାତ୍ର, ସସ୍ମିତା ମହାପାତ୍ର, ଚକ୍ରଧର ମହାପାତ୍ର, ଶୁଭଶ୍ରୀ ମହାପାତ୍ର, ପୁତୁରା ଡାକ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଚୋରା ବାଇକ ଜବତ : ଚାଳକ ଗିରଫ

ବେତନଟୀ ,(ସବ୍ୟୁ): ବୈଶିଙ୍ଗା ଥାନା ଅଧୀନ କଦଳିଆ ଛକ ନିକଟରେ ଏମଭି ଚେକିଂ ସମୟରେ ଗୋଟିଏ ଚୋରା ବାଇକ ଧରାଯିବା ସହ ଚାଳକକୁ ଗିରଫ କଲା ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ କଦଳିଆ ଛକ ନିକଟରେ ବୈଶିଙ୍ଗା ପୁଲିସ ଏବଂ ଏମଭିଆଇ ମୟୂରଭଞ୍ଜ କର୍ମଚାରୀଙ୍କ ସହ ମିଳିତ ଭାବେ ଗାଡି ଚେକିଂ ଚାଲିଥିଲା । ଏହି ସମୟରେ ଏକ ହିରୋ ହୋଣ୍ଡା ସିଡି ଡିଲକ୍ସ ମୋଟର ସାଇକେଲ(ଓ ଆର-୦୧ବି-୭୯୮୧) ଟିକୁ ଅଟକ ରଖି ଚାଳକ ପଡ଼ୋଶୀ ବାଲେଶର ଜିଲା ଜଳେଶ୍ୱର ଥାନା ଅଧୀନ ପଥରପୁରା ଗ୍ରାମର ଏସକେ ଇବ୍ରାହିମକୁ ପଚରାଉଚରା ଜାରି ରଖିଥିଲା ବୈଶିଙ୍ଗା ପୁଲିସ । ଉକ୍ତ ଚାଳକ ଜଣକ ଉପରେ ସନ୍ଦେହ ସୃଷ୍ଟି ହେବାରୁ ଗାଡିରେ ଲାଗିଥିବା ଟିକୁ ନମ୍ବର ଯାଞ୍ଚ କଲା ବେଳକୁ ଏହା ଏକ ମାଲବାହୀ ଅଟୋ ନମ୍ବର ଯାହାକି ବାଲେଶର ଜିଲ୍ଲା ସହଦେବଖୁଣ୍ଟା ଥାନା ଅଧୀନ ନିଳିଆବାଗ ଗ୍ରାମର ଶିରିଶ ଚନ୍ଦ୍ର ଦାସଙ୍କ ନାମରେ ପଞ୍ଜିକୃତ ଥିବାର ଜାଣିବାକୁ ପାଇଥିଲା। ଉକ୍ତ ଯୁବକ ଏହି ଚୋରା ବାଇକଟିର ନମ୍ବର ପ୍ଲେଟ ବଦଳାଇ ଚଲାଉଥିବାର ଦେଖାଯାଇଥିଲା । ମାତ୍ର ଉକ୍ତ ଚୋରା ବାଇକର ଚେଚିସ ନଂ କୁ ନେଇ ଯାଞ୍ଚ କଲା ବେଳକୁ ଏହା ବାଲେଶର ଜିଲ୍ଲା ସିଙ୍ଗଲା ଥାନା ଅଧୀନ ଗୁହାଳିଆପଦା ଗ୍ରାମର ଉପେନ୍ଦ୍ର ବାରିକ ନାମରେ ପଞ୍ଜୀକୃତ ଅଛି । ଏହି ଘଟଣାକୁ ନେଇ ଚାଳକ ଏସକେ ଇବ୍ରାହିମ ଏବଂ ଏହି ଚୋରା ବାଇକ ଟିକୁ ଜବତ କରି ଥାନାକୁ ନେଇ ଆଣିଥିଲେ ବୈଶିଙ୍ଗା ଥାନାର ଏଏସଆଇ ଅଶୋକ କୁମାର ମହାପାତ୍ର। ଏହି ଘଟଣାକୁ ନେଇ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ । ଯଦି ସଠିକ ଭାବେ ତଦନ୍ତ କରାଯାଏ ତାହାଲେ ହୁଏତ ଏଥିରେ ଲିପ୍ତ ଥିବା ଗ୍ୟାଙ୍ଗ ବିଷୟରେ ଅନେକ ତଥ୍ୟ ମିଳିପାରନ୍ତା ବୋଲି ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି

## ଧରାପଡ଼ିଲା ସ୍କୁଟି ଚୋର

ସୋର,(ସବ୍ୟୁ): ସୋର ପୌରପାଳିକା ଅନ୍ତର୍ଗତ କଲେଜଛକ ନିକଟରୁ ଏକ ସ୍କୁଟି ଚୋରି କରି ଫେରାର ହେଇ ଯାଉଥିବା ବେଳେ ଦହିସଡା ଗ୍ରାମରେ ଦୁଇ ବାଇକ ଚୋରଙ୍କୁ ଧରି ସ୍ଥାନୀୟ ଲୋକେ ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁସାରେ ପୌର ପାଳିକା ଅନ୍ତର୍ଗତ ନଛିପୁର ଗଞ୍ଜ ଗ୍ରାମର ହରେକୃଷ୍ଣ ପ୍ରଧାନ କଲେଜ ଛକରେ ଏକ ବେକେରୀ ଦୋକାନ କରିଛନ୍ତି। ମଙ୍ଗଳବାର ସକାଳେ ହରେକୃଷ୍ଣ ନିଜ ଓଡି ୦୧ ଏଜି ୨୮୦୬ ନମ୍ବର ବିଶିଷ୍ଟ ସ୍କୁଟିଟିକୁ ଦୋକାନ ସମ୍ମୁଖରେ ରଖିଥିଲେ।ମଧ୍ୟାହ୍ନରେ ସ୍କୁଟି ଟିକୁ ଦୁଇ ଯୁବକ ଚୋରି କରି ନେଇ ଫେରାର ହେଉଥିବା ବେଳେ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ପିଛା କରିଥିଲେ। ଚୋର ଦ୍ୱୟ କିଛି ଉପାୟ ନ ପାଇ ସ୍କୁଟି ନେଇ ଦହିସଡା ଗ୍ରାମ ମଧ୍ୟକୁ ପଶି ଯାଇଥିଲେ। ଏହା ଜାଣିପାରି ଗ୍ରାମବାସୀ ମାନେ ଚୋର ଦ୍ୱୟଙ୍କୁ ଗୋଡ଼ାଇ ଗୋଡ଼ାଇ ଏକ ନଈ ମଧ୍ୟରୁ ଧରିଥିଲେ। ଉତ୍ତମ ମଧ୍ୟମ ଦେବା ପରେ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚୋର ଦ୍ୱୟଙ୍କୁ ଥାନାକୁ ଆଣି ଅଟକ ରଖିବା ସହିତ ସ୍କୁଟି ଟିକୁ ଜବତ କରି ଥାନାକୁ ଆଣିଛି। ଏ ବାବଦରେ ହରେକୃଷ୍ଣ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଇକ୍ ଡ଼ିକି ଭାଙ୍ଗି ଲୁଟ୍

ସୋର,(ସବ୍ୟୁ): ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ନିକଟରୁ ଦିନ ଦ୍ୱିପ୍ରହରେ ଜଣେ ପ୍ରଧାନଶିକ୍ଷକଙ୍କ ବାଇକ ଡ଼ିକି ଭାଙ୍ଗି ୧୯ ହଜାର ଟଙ୍କା ଲୁଟ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖଇରା ଥାନା ଅଚ୍ୟୁତିପୁର ଗ୍ରାମର ଗୌରାଙ୍ଗ ଚରଣ ବେହେରା ଓହଡ଼ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ। ତେବେ ଶ୍ରୀ ବେହେରା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବା ପାଇଁ ସୋର ଷ୍ଟେସନ ଛକ ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ଆସିଥିଲେ।ସେଠାରୁ ୧୯ ହଜାର ଟଙ୍କା ଉଠାଇ ବାଇକ ଡ଼ିକିରେ ରଖିଥିଲେ। ଉତ୍ତରେଶ୍ୱର ନିକଟରେ ବାଇକକୁ ରଖି ଫଳ ଦୋକାନରୁ ଫଳ କିଣିବା ପାଇଁ ଯାଇଥିବା କେହି ଦୁର୍ବୃତ୍ତ ବାଇକ ଡ଼ିକି ଭାଙ୍ଗି ଟଙ୍କା ନେଇଯାଇଥିଲେ। ଶ୍ରୀ ବେହେରା ସଂଗେ ସଂଗେ ବାଇକ ନିକଟକୁ ଆସି ଡ଼ିକି ଖୋଲା ଥିବା ଏବଂ ସେଥିରେ ଟଙ୍କା ନ ଥିବା ଦେଖି ତୁରନ୍ତ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ସୋର ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବୃଦ୍ଧି ପାଉଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୭ ଚମ୍ପଟ

ମୋରଡା,(ସବ୍ୟୁ): ମଙ୍ଗଳବାର ଭୋରରୁ ୧୦ ରୁ ୧୨ଟି ପିକଅପରେ ବେଆଇନ ଭାବେ ଗୋଚାଲାଣ ହେଉଥିବା ସମୟରେ ଉକ୍ତ ଥାନା ଅଧୀନ ନୂହାଝାଳିଆ ପଞ୍ଚାୟତର ବ୍ରାହ୍ମଣମରା ଗ୍ରାମ ନିକଟରେ ବନବିଭାଗ ଗାଡିକୁ ଦେଖି ପିକଅପଗୁଡିକ ୟୁଟର୍ଣ୍ଣ ମାରିଥିଲେ । ତେବେ ୭ଟି ପିକଅପ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ଗୋଟିଏ ପିକଅପ ଉକ୍ତ ଗ୍ରାମର ଅଜୟ ଦତ୍ତଙ୍କ ଘର ପାଖରେ ଭାରସ୍ୟାମ ହରାଇ ଗୋଟିଏ ପଟକୁ ଢଳି ପଡିଥିଲା। ଗ୍ରାମବାସୀ ଉକ୍ତ ପିକଅପକୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକଅପକୁ ଜବତ କରିଥିବାର ଜଣାପଡଛି। ସୂଚନାଯୋଗ୍ୟ ଯେ, ମୋରଡା ପଶ୍ଚିମବଙ୍ଗ ସୀମାନ୍ତ ହୋଇଥିବାରୁ ଉକ୍ତ ଗୋରୁ ବୋଝେଇ ପିକଅପ ଗୁଡିକ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି ଏବଂ ସପ୍ତାହରେ ଦୁଇରୁ ତିନି ଥର ଚାଲାଣ ହୁଏ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା

## ମୋଡ଼ିଫାଏଡ ସାଇଲେନ୍ସରରେ ଚଢ଼ିଲା ବୁଲଡୁଜର

ଭଦ୍ରକ,(ସବ୍ୟୁ) :ମୋଡ଼ିଫାଏଡ ସାଇଲେନ୍ସର ଲଗାଇ ବିକଟାଳ ଶବ୍ଦ କରୁଥିଲେ ବାଇକ୍। ବାଇକ୍ ଗୁଡ଼ିକରୁ ମୋଡ଼ିଫାଏଡ ସାଇଲେନ୍ସର ଜବତ୍ କରିବା ସହ ଜୋରିମାନା ଲଗାଇଥିଲା ପୋଲିସ। ଏବେ ଜବତ୍ ମୋଡ଼ିଫାଏଡ ସାଇଲେନ୍ସର ଉପରେ ବୁଲଡୁଜର ଚଢାଇ ନଷ୍ଟ କରିଛି ପୋଲିସ। ଭଦ୍ରକ ସହରାଂଚଳ ପୋଲିସ ଭଦ୍ରକ ସହର ଗତ ମାସେ ହେବ ସ୍ୱତନ୍ତ୍ର ଡ୍ରାଇଭ୍ କରି ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାଇକ୍ ଜବତ୍ କରିଥିଲା। ପରେ ଯେଉଁ ଗାଡ଼ି ଗୁଡ଼ିକରେ ଅରିଜିନାଲ ସାଇଲେନ୍ସର ଖୋଲି ମୋଡ଼ିଫାଏଡ ସାଇଲେନ୍ସର ଲଗାଇଥିଲେ ସେହି ଗାଡ଼ି ଗୁଡ଼ିକ ଉପରେ ୧୦ହଜାର ଲେଖାଏଁ ଜୋରିମାନା ଲଗାଇବା ସହ ମୋଡ଼ିଫାଏଡ ସାଇଲେନ୍ସର ଜବତ୍ କରିଥିଲା। ପରେ ପ୍ରାୟ ୨୫୦ରୁ ଅଧିକ ଜବତ୍ ମୋଡ଼ିଫାଏଡ ସାଇଲେନ୍ସର ଉପରେ ବୁଲଡୁଜର ଚଢାଇ ନଷ୍ଟ କରିଛି। ଆଗାମୀ ଦିନରେରେ ମୋଡ଼ିଫାଏଡ ସାଇଲେନ୍ସର ଲଗାଇଥିବା ବାଇକ୍ ଓ ବିକ୍ରି କରୁଥିବା ଦୋକାନ ଉପରେ ମଧ୍ୟ ଆକ୍ସନ ହେବ ବୋଲି କହିଛନ୍ତି ଭଦ୍ରକ ସହରାଂଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ର।

## ଯୁବତୀଙ୍କୁ ଦୁଷ୍କର୍ମ ଯୁବକ ଗିରଫ

କେନ୍ଦୁଝର,(ସ୍ୱପ୍ର): କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ପଚରାଉଚରା କରୁଛି। ଅନ୍ୟପକ୍ଷେ ପୋଲିସ ଯୁବତୀଙ୍କ ଡାକ୍ତରମାଇନା କରିଥିବା ସୂଚନା ମିଳିଛି

## ବଜ୍ରପାତ ଓ ସର୍ପାଘାତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ତିହିଡି,(ସବ୍ୟୁ): :ତିହିଡି ବ୍ଲକ ପ୍ରଶାସନ ପକ୍ଷରୁ ବଜ୍ରପାତ ଓ ସର୍ପାଘାତ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ବାରୋ ପଞ୍ଚାୟତ ଅନ୍ତର୍ଗତ ଦହପାଣିଆ ଏସଏସଡି ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ନିରଞ୍ଜନ ବାରିକ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସନତ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ କାଳୀପଦ ଦାସ, ବ୍ଲକ ମଙ୍ଗଳ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତି, ବାରୋ କମ୍ୟୁନିଟି ହେଲଥ ଅଫିସର ପ୍ରତିଭାରାଣୀ ନାୟକ, ଦହପାଣିଆ ଅଙ୍ଗନୱାଡି କର୍ମୀ ଜେୟାସ୍ମାରାଣୀ ମଲ୍ଲିକ ଓ ସରୋଜିନୀ ବାରିକ ଏବଂ ବାରୋ ଏଏନଏମ ଭାରତୀ ଜେନାଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ । ସଂପ୍ରତି ବଜ୍ରପାତ ଓ ସର୍ପାଘାତ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏଥିରୁ ରକ୍ଷା ପାଇବା ନେଇ କିଭଳି ସତର୍କତା ମୂଳକ ପଦକ୍ଷେପ ନିଆଯାଇ ପାରିବ ସେଥିନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା।

## ଗୋଷ୍ଠୀ ଜଙ୍ଗଲ ଅଧିକାର ଦାବିପତ୍ର ବଣ୍ଟନ

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକରେ ଥିବା ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡିକ ମଧ୍ୟରୁ ୧୫ ଟି ଗ୍ରାମକୁ ଜଙ୍ଗଲର ଉପଯୁକ୍ତ ପରିଚାଳନା ପାଇଁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପତ୍ର ପ୍ରଦାନ କରାଯାଇଛି । ବ୍ଲକ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପରିଚାଳନା କମିଟି ସଭାପତିଙ୍କୁ ମୁଖ୍ୟ ଅତିଥି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁଅଧିକାର ପତ୍ର ହସ୍ତାନ୍ତର କରିଥିଲେ । ଏହି ଅବସରରେ ତହସିଲଦାର ସମ୍ମିତ କର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଏବଂ ଏପିଓ ଧ୍ୟାନଚନ୍ଦ୍ର ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ ୯ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।ଚମକପୁର, ଘୋଡାବିନ୍ଧା, ପାଢୀଆର ସାହି, ରୁଗୁଡ଼ିବେଡା, ବାଉଁଶଡିହା, ନିପାଣିଆ, ବାଉଁଶପାଣି, ବାଘମରା, ଖୁଦିଶିଳା, ଡ଼ଙ୍ଗାଡିହା, କେଶଡିହା, ନନ୍ଦା, ମାଙ୍କଡ଼ବେଡା, ଜଡପଦା, ରୁଗୁଡ଼ିସାହି ଆଦି ୧୫ ଟି ଗ୍ରାମ ଜଙ୍ଗଲ କମିଟିକୁ ଅଧିକାର ପତ୍ର ମୁଖ୍ୟ ଅତିଥି ହସ୍ତାନ୍ତର କରିଥିଲେ।

## ପୂର୍ବତନ କାଉନସିଲର ସାକିର ଖାନ ଉପରେ ଆକ୍ରମଣ : ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲେଶ୍ୱର,(ସବ୍ୟୁ): ସୋମବାର ରାତିରେ ଟାଉନ ଥାନା ସମ୍ମୁଖରେ ପୂର୍ବତନ କାଉନସିଲର ସାକିର ଖାନ ଉପରେ ହୋଇଥିବା ଆକ୍ରମଣକାରୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାପାଳ ଏବଂ ଏସପିଙ୍କ ନିକଟରେ ଦାବି କରିଛନ୍ତି ସହରବାସୀ। ଏ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହ ପୀଡିତ ଏବଂ ପୀଡିତଙ୍କ ପରିବାରକୁ ସୁରକ୍ଷା ଦାବି କରିଛନ୍ତି ସହରବାସୀ। ସେହିପରି ଥାନା ସମ୍ମୁଖରେ ପୋଲିସ ପହରା ବୃଦ୍ଧି କରାଯାଇ ଭବିଷ୍ୟତରେ ଏଭଳି ଘଟଣା ରୋକଯାଇ ପାରିବ ବୋଲି ସେମାନେ ଉଲ୍ଲେଖ କରିଥିଲେ। ତେବେ ଟାଉନ ଥାନା ପୋଲିସ ଅଭିଯୋଗ ପାଇ ଥାନାରେ କେଶ୍ ନମ୍ବର ୧୯୪/୨୦୨୫ ଭାରତୀୟ ନ୍ୟାୟ ସଂହିତା ୧୦୯(୧), ୧୨୬(୨)/୨୯୬,୩(୫) ଦଫା ମୂଳେ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ କରାଯାଇଥିବା ଥାନା ଆଇଆଇସି ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ଖବର ଅନୁଯାୟୀ, ସାକୀର ଏକ ବିବାଦ ସମାଧାନ ପାଇ ଟାଉନ ଥାନାକୁ ଯାଇଥିଲେ। ଥାନାରୁ ବାହାରି ବାଇକରେ ଚଢ଼ିବା ମାତ୍ରେ ପୂର୍ବରୁ ପ୍ରସ୍ତୁତ ଥିବା ବ୍ୟକ୍ତିମାନେ ନୃଶଂସ ଭାବେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ରେମୁଣା ସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ଏବଂ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥିତ ଏସସିବି ଆଇସିୟୁ କୁ ସ୍ଥାନାନ୍ତର କରାଯାଇଛି। ଏଭଳିଘଟଣା ଏକ ପୋଲିସ ଥାନା ନିକଟରେ ଘଟିବା ଲଜ୍ଜାକର ବିଷୟ ବୋଲି କାଉନସିଲର ସେଖ ଆୟୁବ ଶିବୁ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସହର ର ବହୁ ବ୍ୟକ୍ତି ସାମିଲ ହୋଇଥିଲେ ।

## ଦିବ୍ୟାଙ୍ଗଙ୍କୁ ସହାୟତା ସାମଗ୍ରୀ ବଣ୍ଟନ

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକରେ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗଙ୍କୁ ବିଭିନ୍ନ ବର୍ଗରେ ସହାୟତା ସାମଗ୍ରୀ ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଏହି ସାମଗ୍ରୀ ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ୍ୟ ସନ୍ତୋଷ କୁମାର ମହାନ୍ତ, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ତହସିଲଦାର ସମ୍ମିତ କୁମାର କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ୯ ବିଡ଼ିଓ ସପ୍ନେଶର ବେହେରା ସଭାରେ ଅଧକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ୨୨୬ ବରିଷ୍ଠ ନାଗରିକ ଏବଂ ୧୧୩ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ ମୁତାବକ ବିଭିନ୍ନ ସହାୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ଦିବ୍ୟାଙ୍ଗ ମାନଙ୍କ ମଧ୍ୟରୁ ୩ ଜଣଙ୍କୁ ୩ ଟି ବ୍ୟାଟେରୀ ଚାଳିତ ରିକ୍ସା, ୨୦ ଜଣଙ୍କୁ ୩ ଚକିଆ ସାଇକେଲ, ଜଣକୁ ସ୍ମାର୍ଟ ଫୋନ ସହିତ ଡିଜିଟାଲ ବାଡ଼ି, ୬୦ ଜଣଙ୍କୁ ହୁଇଲ ଚେୟାର ଥାଇ କମଡ଼, ୩୦ ଜଣଙ୍କୁ କମଡ଼ ଚେୟାର, ୩ ଜଣଙ୍କୁ ଶୁଣି ପାରିବା ମେସିନ, ୩ ଜଣଙ୍କୁ ସ୍ମାର୍ଟ ବାଡ଼ି, ୩୦ ଟି ୱାକର, ୱାକିଙ୍ଗ ଷ୍ଟିକ ୫୦, ୫୦ ଅଣ୍ଟା ବେଲ୍ଟ ଏବଂ ୧୦୦ ଆଣ୍ଠୁ ବେଲ୍ଟ ବଣ୍ଟନ କରାଯାଇଛି ୯ ଆଲମିକ କମ୍ପାନୀ ଏହି ସାମଗ୍ରୀ ଗୁଡିକ ସରକାରଙ୍କ ତରଫରୁ ଯୋଗାଇ ଦେଇଥିବା ଜଣାପଡିଛି ଏପିଓ ଧ୍ୟାନଚନ୍ଦ୍ର ମହାନ୍ତ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଏସଏସଓ ସହଯୋଗ କରିଥିଲେ ।

## ଚୋରଙ୍କ ମାଡ଼ରେ ଶ୍ରମିକ ଗୁରୁତର

ସୋର,(ସବ୍ୟୁ): ଚୋରି ଉଦ୍ୟମ ବିଫଳ ହେବାରୁ ଚୋରମାନେ ମାଡ ମାରି ଜଣେ ଶ୍ରମିକଙ୍କୁ ଗୁରୁତର ଆହତ କରିବା ସହିତ ଦୁଇଟି ମୋବାଇଲ ଫୋନ ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ଥାନା ଚିତ୍ତୋଳ ଗ୍ରାମର ରବୀନ୍ଦ୍ର ବିଶ୍ୱାଳ ଏକ ଠିକା କମ୍ପାନୀର ସୁପରଭାଇଜର ଭାବେ କାମ କରନ୍ତି। ଉକ୍ତ ଠିକା କମ୍ପାନୀ ସୋର ଥାନା ତଳନଗର ରେଳ ଓଭରବ୍ରିଜ ନିକଟରେ କାମ କରୁଥିବା ବେଳେ ଶ୍ରମିକମାନେ ସୋର କଲେଜ ଛକ ନିକଟସ୍ଥ ଜଗନ୍ନାଥ ଢ଼ାବାରେ ରହୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନରେ ୧୦ ରୁ ଅଧିକ ଲୋକ ସେଠାରେ ପହଂଚି ଚୋରି ଉଦ୍ୟମ କରିଥିଲେ। ଏହି ସମୟରେ ଶ୍ରମିକ ମାନେ ତାଙ୍କୁ ଦେଖିଦେବାରୁ ଚୋର ମାନେ ସେଠାରେ ରହୁଥିବା ସମସ୍ତ ଶ୍ରମିକଙ୍କୁ ମାଡ଼ କରିଥିଲେ। ଏଥିରେ ପଶ୍ଚିମବଙ୍ଗ ଅଂଚଳର ସଞ୍ଜୟ ସରକାର ନାମକ ଜଣେ ଶ୍ରମିକ ଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଆଜି ଏ ବାବଦରେ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସମାଜସେବୀ ଘନଶ୍ୟାମ ବେଜଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,(ସବ୍ୟୁ): ସହଦେବଖୁଣ୍ଟା ଗ୍ରାମର ସମାଜସେବୀ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। କବି ପ୍ରଶାନ୍ତ ଦାସ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ବେଜଙ୍କ ସହିତ ବହୁ ସ୍ମରଣୀୟ ଘଟଣାର ଅବତାରଣା କରିଥିଲେ। ଅତିଥି ଓ ବକ୍ତାଭାବେ ନାରୀନେତ୍ରୀ ସରସ୍ୱତୀ ପଣ୍ଡା, କାଉନ୍‌ସିଲର ଦେବାଶିଷ ସିଂହ ଓ ପ୍ରବଚକ ସୁଶାନ୍ତ ପଣ୍ଡା ପ୍ରମୁଖ ସ୍ୱର୍ଗତ ବେଜଙ୍କୁ ଜଣେ ନିଃସ୍ୱାର୍ଥପର ସମାଜସେବୀ ଓ ସାଧାରଣ ଜନତାର ବନ୍ଧୁ ଥିଲେ ବୋଲି କହିଥିଲେ। ଆଇନଜୀବୀ ନିରଞ୍ଜନ ପରିଡ଼ା, ସୁମତି ନାୟକ, ଯୁବନେତା ଭଗବାନ ମହନୀ, ରଜତ ପରିଡ଼ା, ସଂଜୟ ଚୌଧୁରୀ, ପ୍ରତିମା ପରିଡ଼ା, ସ୍ୱର୍ଗତ ବେଜଙ୍କ ଦୁଇ ପୁତ୍ର ପ୍ରଶାନ୍ତ, ସୁଶାନ୍ତ ଓ ପୁତ୍ରବଧୂମାନେ ଏବଂ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସଭାକାର୍ଯ୍ୟଞ୍ଜ ଶେଷରେ ବିଭିନ୍ନ ଔଷଧୀୟ ବୃକ୍ଷର ଚାରା ଉପସ୍ଥିତମାନଙ୍କୁ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ବେଜଙ୍କ ଜାମାତା ଇଂ. କୁମାର କାର୍ତ୍ତିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା

ଭଦ୍ରକ,(ସବ୍ୟୁ) : ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଭଦ୍ରକ ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଦୁଇଟି ପର୍ଯ୍ୟାୟରେ ସାଳନ୍ଦୀ ନର୍ସିଂ ସ୍କୁଲ, ସାଳନ୍ଦୀ ହସ୍‌ପିଟାଲ, ଭଦ୍ରକ ଓ ଭଦ୍ରକ ରୋଟାରୀ କ୍ଲବ ଆନୁକୁଲ୍ୟରେ ବିଦ୍ୟାଳୟସ୍ତରୀୟ ଲିଖିତ ସାଧାରଣ ଜ୍ଞାନ, ଦେଶାତ୍ମବୋଧକ ସଂଗୀତ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସାଳନ୍ଦୀ ନର୍ସିଂ ସ୍କୁଲ ଆନୁକୁଲ୍ୟରେ ଅନୁଷ୍ଠିତ ଲିଖିତ ସାଧାରଣ ଜ୍ଞାନ ପ୍ରତିଯୋଗୀତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୀତାକାନ୍ତ ଦାସ ଓ ଡାକ୍ତର ପ୍ରଭାସ କୁମାର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଶିଷ୍ଟ ସଂଗୀତ ଗୁରୁ ରାମ ନାରାୟଣ ମହାନ୍ତି, ଜଗନ୍ନାଥ କର, ରମାକାନ୍ତ ଜେନା, ମନୋଜ କୁମାର ପଣ୍ଡା, ରମେଶ ଚନ୍ଦ୍ର ରାୟ, ବିଭୁତି ଶେଖର ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ୪ ତାରିଖ ରୁ ଆରମ୍ଭ କରି ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗୀତା ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଆସୁଅଛି। ୪ ତାରିଖ ଦିନ ରୋଟାରୀ କ୍ଲବ, ଭଦ୍ରକ ଆନୁକୂଲ୍ୟରେ ଦୁଇଟି ବିଭାଗରେ ବକ୍ତୃତା (ଓଡ଼ିଆ ଏବଂ ଇଂରାଜୀ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ 'କ' (ଷଷ୍ଠ, ସପ୍ତମ ଓ ଅଷ୍ଟମ) ଏବଂ 'ଖ'(ନବମ ଓ ଦଶମ) ଶ୍ରେଣୀଭୁକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ସର୍ବଶ୍ରୀ ଗୋଲକ ସାହୁ, ଶଶଧର ଦାସ, ରାମଚନ୍ଦ୍ର ପଣ୍ଡା, ରାଧାରାଣୀ ମହାପାତ୍ର, ଅଟଳ ବିହାରୀ ନାୟକ ଓ ପ୍ରଫୁଲ୍ଲ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତା ଅଗଷ୍ଟ ୧୫ ତାରିଖରେ ଅପରାହ୍ନ ୫ ଘଟିକା ସମୟରେ ସହୀଦ ସ୍ମୃତି ଭବନ (ଟାଉନ ହଲ) ଠାରେ ସ୍ୱାଧୀନତା ଦିବସ ଅବସରରେ ଅନୁଷ୍ଠିତ ଉତ୍ସବରେ ପ୍ରତିଯୋଗୀତାରେ କୃତି ଛାତଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗର ଦାୟିତ୍ୱରେ ଥିବା ସହଯୋଗୀ ଜିଲ୍ଲପାଳ କାର୍ତ୍ତିକନାଥ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସାଳନ୍ଦୀ ହସ୍‌ପିଟାଲ, ଭଦ୍ରକର କର୍ମଚାରୀମାନେ ପ୍ରତିଯୋଗୀତା ପରିଚାଳନାରେ ସମସ୍ତ ସହଯୋଗ ପ୍ରଦାନ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ



କୁଳିଅଣା ,(ସବ୍ୟୁ): ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ସ୍ୱଳ୍ପ ଦୃଷ୍ଟି ବାଧିତ ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଚଷମା ବିତରଣ ଶିବିରି କୁଳିଅଣା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଳି ମୁର୍ମୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ସଭାରେ ଏ ବି ଇଓ , ସି ଆର ସି ସି ସରସ୍ୱତୀ ସିଂ ସଭାପତିତ୍ୱ କରିବା ସହ ସଭା କାରଯ୍ୟ ପରିଚାଳନା କରି ଥିଲେ । ଆର ପି ସି ଡବ୍ଲୁ ଏସ ଏନ ( ସମ୍ବଳ ଶିକ୍ଷକ ଦିବ୍ୟାଙ୍ଗ ବିଭାଗ ) ରୋହିତ କୁମାର ବିଶ୍ୱାଳ , ପ୍ରଭାତୀ ମହାନ୍ତି କାର୍ଯ୍ୟକ୍ରମ ରୂପ ରେଖ ଓ ତତ୍ତ୍ୱାବଧାରକ ଭାବେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଳିଅଣା ସି ଏଚ ସିର ବିପଏମ ଦେବୀ ଅର୍ଚ୍ଚନା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିକ୍ଷା ଓ ସ୍ୱାସ୍ଥ ବିଷୟ ରେ ବିଶେଷ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ଦୃଷ୍ଟି ବାଧିତ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରା ଯିବା ସହ ବଡ ଅକ୍ଷର ଲେଖା ଥିବା ୧୫ ସେଟ ପୁସ୍ତକ ବିଧାଏକ ଓ ଅନ୍ୟ ଅତିଥିମାନେ ବଣ୍ଟନ କରିଥିଲେ ।ଶିକ୍ଷକ ହାଡିବନ୍ଧୁ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରି ଚାଲାଣ କରି ଥିଲେ ଔ ଶେଷରେ ଶିକ୍ଷକ ସଂଘ ର ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରି ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ସ୍ୱାଗତ ସଂଗୀତ ପରିବେଷଣ କରାଯାଇ ଥିଲା ।

## ୪୫ ବର୍ଷରେ ଲାୟଂଶ କ୍ଲବ୍
## ନୂତନ ସଭାପତି, ସମ୍ପାଦକ ଓ କୋଷାଧକ୍ଷ ଚୟନ



ଭଦ୍ରକ,(ସବ୍ୟୁ) :ଭଦ୍ରକ ଲାୟଂଶ କ୍ଲବ ଭଦ୍ରକ ତାର ୪୫ତମ ଅଧିଷ୍ଠାନ ଉତ୍ସବ ଭଦ୍ରକ ସହର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ପାଳନ କରିଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ନୂତନ ସଭାପତି,ସମ୍ପାଦକ ଓ କୋଷାଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ ଜେନା ପରିଚାଳନା କରିଥିବାବେଳେ ସଭାପତି ଗୋବିନ୍ଦ ପ୍ରସାଦ ମୋର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜେଡ୍.ସି ନିରଞ୍ଜନ ଲାଲ ଗୁପ୍ତା,ଆର.ସି ପ୍ରଭାତ ଧଳ,ସେକେଣ୍ଡ ଭି.ଡି.ଜି ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପିଡିଜି ପ୍ରଫୁଲ୍ଲ କୁମାର ସାମଲ,ପିଡିଯି ଶରତଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ଆଇପିଡିଜି ପ୍ରଲୁବ୍ଧ ଜେନା ଯୋଗ ଦେଇଥିଲେ। ଏହି କାୟ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମୋର୍ଙ୍କ ସ୍ଥାନରେ ନୂତନ ସଭାପତି ଭାବେ ସୁରେଶଚନ୍ଦ୍ର ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ। ସେହିଭଳି ସମ୍ପାଦକ ଭାବେ ଦାୟିତ୍ୱ ନେଇଛନ୍ତି ପୂର୍ଣ୍ଣଚନ୍ଦ୍ର ସେନ। କୋଷାଧକ୍ଷ ଭାବେ ପ୍ରକାଶ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷ କରି ଅଧିଷ୍ଠାନ ଉତ୍ସବ ପାଳନ ଓ ନୂତନ୍ ଦାୟିତ୍ୱ ଗ୍ରହଣ କରାଯିବା ସହ ଗରିବ ଓ ଅସହାୟମାନଙ୍କୁ ପୂର୍ବ ଭଳି କିପରି ସାହାଯ୍ୟ ସହଯୋଗ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଶେଷରେ ଭଦ୍ରକ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## କମ୍ୟୁନିଟି ସେଣ୍ଟରର ଅର୍ଥ ଲୁଟ ମାମଲା
## କନିଷ୍ଠ ଯନ୍ତ୍ରୀ ଓ ପିଇଓ ଗିରଫ ନହେଲେ ରାଜରାସ୍ତା ଅବରୋଧ କରିବେ ଗ୍ରାମବାସୀ

ବାସୁଦେବପୁର,(ସବ୍ୟୁ):ସ୍ୱଷ୍ଟ ଦିବା ଲୋକରେ ଲୁଟୁଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଡବଲ କର୍ମଚାରୀ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ। ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଞ୍ଚାୟତର ସରକାରୀ ଅର୍ଥ ଲୁଟ ପ୍ରତି ବର୍ଷ କରିବା ପରେ ନିରବ ଦ୍ରଷ୍ଟା ସାଜିଛି ପ୍ରଶାସନ। ଠୋସ ପ୍ରମାଣ ପରେ ମଧ୍ୟ ଧୃତରାଷ୍ଟ୍ର ସାଜିଛି ପ୍ରଶାସନ। ଲକ୍ଷ ଲକ୍ଷ ଟଙ୍କା ଲୁଟ କରୁଥିବା ଲୁଟେରାଙ୍କୁ ଧରି ଗ୍ରାମବାସୀ ଦେଉଥିବାବେଳେ ପ୍ରଶାସନ ଏତାଲା ଦେଇ ଗିରଫ କରିବ କେବେ ବୋଲି ଗ୍ରାମବାସୀ ଦାବୀ କରୁଛନ୍ତି। କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ଓ ପିଇଓ ଶ୍ରୀ ପଟ୍ଟନାୟକ ସରକାରୀ ଅର୍ଥ ଲୁଟ ମାମଲାରେ ଗିରଫ କରାନଗଲେ ରାଜରାସ୍ତା ଅବରୋଧ କରିବାକୁ ଗ୍ରାମବାସୀ କହିଛନ୍ତି। । ପ୍ରଧାନମନ୍ତ୍ରୀ ଆବାସ ସରକାରୀ ନୀତି ନିୟମକୁ ଫୁଙ୍କରି ଅରଣ୍ଡୁଆ ପଂଚାୟତର ତମ୍ବାଖଣ୍ଡି ଗ୍ରାମର ବିଶାଳ କୋଠାଘର ଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପତ୍ନୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ପ୍ରଦାନ କରାଯାଇଛି। ହିତାଧିକାରୀଙ୍କ ଗୋଟିଏ ପୁଅ ରାଜ୍ୟ ସରକାରଙ୍କ ଚାକିରି କରିଥିବାବେଳେ ଅନ୍ୟ ଜଣେ ପୁଅ ଘରୋଇ କମ୍ପାନୀର ସଫ୍ଟୱେର ଇଞ୍ଜିନିୟର। ଅଯୋଗ୍ୟ ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ବିଲ୍ ପୈଠ କରାଯାଇଛି। ପୁନଶ୍ଚ ସେହି ଘରକୁ କମ୍ୟୁନିଟି ସେଣ୍ଟର ଭାବେ ଫଟୋ ଉଠାଇ ଖାଉଟିଆ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ଫଲ୍ସ ବିଲ କରିଥିବାର ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅରଣ୍ଡୁଆ ପଞ୍ଚାୟତର ପିଇଓ ସର୍ବଶ୍ରୀ ପଟ୍ଟନାୟକ ସରକାର ରାଜକୋଷରୁ ୧ଲକ୍ଷ ୧୩ହଜାର ୪ଶହ ଟଙ୍କା ହଡପ କରିଥିବାର ଅଭିଯୋଗ ହୋଇଛି। ସରପଞ୍ଚ ଏହି ବିଲରେ ଦସ୍ତଖତ କରି ବିଲ ପାସ କରାଇଛନ୍ତି। ପୂର୍ବ ବର୍ଷ ଅରଣ୍ଡୁଆ ପଞ୍ଚାୟତର ଏମଜିଏନଆରଜିଏସର ୩୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ଦୁର୍ନୀତି ଭିଯୋଗ ହେବା ପରେ ତଦନ୍ତ ହୋଇ କିଛି ଅର୍ଥ ଡିପୋଜିଟ ହୋଇଥିଲା। ଆହୁରି କିଛି ଅର୍ଥ ଏପର୍ଯ୍ୟନ୍ତ ମଧ୍ୟ ଡିପୋଜିଟ ହୋଇ ନାହିଁ। ସେହି ପଞ୍ଚାୟତର ସିଏଫସି (ପଂଚଦଶ ଅର୍ଥ କମିଶନ)ଙ୍କ ଅର୍ଥରେ କମ୍ୟୁନିଟି ସେଣ୍ଟର ନାମରେ ଫଲ୍ସ ବିଲ। ଆଗାମୀ ସାତଦିନ ମଧ୍ୟରେ ସରକାରୀ ଅର୍ଥ ଲୁଟ ମାମଲାରେ ପିଇଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରାନଗଲେ ବ୍ଲକ ଘେରାଉ ସହିତ ରାଜରାସ୍ତା ଅବରୋଧ କରିବାକୁ ତମ୍ବାଖଣ୍ଡି ଗ୍ରାମବାସୀ କହିଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୦୮)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଦୁଃଖମିତ୍ୟେବ ଯତ୍ କର୍ମ୍ମ କାୟକ୍ଲେଶଭୟାତ୍ ତ୍ୟଜେତ୍ ।**
**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥ ୮ ॥**

(ରାଜସଂ ତ୍ୟାଗମାହ)–(କର୍ତ୍ତା), (ଆତ୍ମବୋଧ ବିନା କେବଳଂ), ଦୁଃଖଂ ଇତି ଏବ (ମତ୍ୱା) କାୟକ୍ଲେଶଭୟାତ୍ (ଶରୀରାୟାସଭୟାତ୍) ଯତ୍ (ନିତ୍ୟଂ) କର୍ମ୍ମ ତ୍ୟଜେତ୍ ସଃ (ରାଜସଃ ପୁରୁଷଃ) ରାଜସଂ ତ୍ୟାଗଂ କୃତ୍ୱା ତ୍ୟାଗଫଳଂ (ଜ୍ଞାନନିଷ୍ଠଲକ୍ଷଣଂ) ନୈବ ଲଭେତ୍ (ଲଭତେ) ॥ ୮ ॥

# ବଳଙ୍ଗା ବାଳିକା ମୃତ୍ୟୁରୁ ଶିକ୍ଷା

ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀଙ୍କ ଅଗ୍ନାହୁତିର ଦୁଃଖ ନ ସରୁଣୁ ରାଜ୍ୟରେ ପୁରୀ ଜିଲ୍ଲାର ବଳଙ୍ଗା ଅଞ୍ଚଳର ପନ୍ଦର ବର୍ଷ ବୟସ୍କା ବାଳିକାର ପୋଡ଼ି ହୋଇଯିବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା । ମାତ୍ର ଏହି ଅର୍ଦ୍ଧ ଦଗ୍ଧ ବାଳିକାକୁ ଭୁବନେଶ୍ୱରର ଏମ୍ସ୍ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ, ଗୁରୁତର ଅବସ୍ଥାରେ ନୂଆଦିଲ୍ଲୀର ଏମ୍ସ୍ ଚିକିତ୍ସାଳୟକୁ ବିମାନ ଯୋଗେ ନିଆଯାଇ ସର୍ବୋତ୍ତମ ଚିକିତ୍ସାର ବ୍ୟବସ୍ଥା କରାଯାଇଥିଲା । ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ପ୍ରାଣବାୟୁ ଉଡ଼ିଯିବାରୁ ବିମାନ ଯୋଗେ ତାଙ୍କୁ ଭୁବନେଶ୍ୱର ଅଣାଯାଇ ଗତ ତା ୩/୮/୨୫ ରିଖ ରାତିରେ ସ୍ୱଗ୍ରାମ ବଳଙ୍ଗାକୁ ନିଆଯାଇଥିଲା ଓ ତହିଁ ପରଦିନ ମୁସଲମାନମାନଙ୍କ ସମୂହ ନମାଜ ପାଠ ପରେ ତା'ର ମରଶରୀରକୁ କବର ଦିଆଯାଇଥିଲା । ସେହି ନୀରିହ ବାଳିକାଟି ପାଇଁ ରାଜ୍ୟ ସରକାର ବହୁ ଅର୍ଥ ବ୍ୟୟ କରି ତା'ର ଚିକିତ୍ସା କରାଇବା ଓ ତା'ର ମର ଶରୀରକୁ ଆଣି ତା'ର ପରିବାର ଲୋକଙ୍କୁ ତାଙ୍କ ଗ୍ରାମରେ ହସ୍ତାନ୍ତର କରିବା ଓ ତା'ର ଶେଷକୃତ୍ୟ ଯାଏଁ ରାଜ୍ୟ ସରକାର ରହିବା ଓ ପୂର୍ବରୁ ତା'ର ପରିବାରକୁ ଅନୁକମ୍ପାମୂଳକ ଆର୍ଥିକ ସହାୟତା ପ୍ରଦାନ କରିବା ପ୍ରକୃତରେ ରାଜ୍ୟ ସରକାରଙ୍କର ଦୟାଶୀଳତାର ସୂଚନା ଦେଇଥାଏ । ଏହି ଘଟଣାକୁ ନେଇ ଅଯଥା ରାଜନୀତି କରାଯିବା ଉଚିତ ନୁହେଁ ବୋଲି ମୃତ ବାଳିକାର ପିତା ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ କହିଥିବା ପ୍ରକୃତରେ ଦୁଃଖଦାୟକ ଘଟଣା । କାହିଁକି ଏପରି ରାଜନୀତି କରାଯାଉଛି ଏକ ସମ୍ବେଦନଶୀଳ ଘଟଣାରେ ?

ରାଜ୍ୟ ସରକାର କିଛି ଭୁଲ କରିନାହାନ୍ତି ବାଳିକାଟିର ଚିକିତ୍ସା କ୍ଷେତ୍ରରେ । ବିଜୁ ଜନତା ଦଳ ଦାବି କରୁଛି ଯେ ବାଳିକାଟିକୁ ଜାଳି ମାରି ଦିଆଯାଇଛି । ପୋଲିସ୍ ଠିକ୍ ସମୟରେ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଦେଶ ଦେବା ପରେ ପୋଲିସ୍ ତତ୍ପରତାର ସହିତ ତା'ର କର୍ତ୍ତବ୍ୟ କରିଛି । ସମ୍ଭବତଃ ବାଳିକାକୁ ଅନ୍ୟମାନେ ଟେକି ନେଇ ଏପରି ବର୍ବରକାଣ୍ଡ କଲେ ବୋଲି ଅଭିଯୋଗ କରାଗଲା । ମାତ୍ର ଏପରି ଅଭିଯୋଗ ମଧ୍ୟ ଦାନା ବାନ୍ଧିଲା ନାହିଁ । କାରଣ ତଦନ୍ତ କରୁଥିବା ପୋଲିସର ହାତ ଖାଲି । ରାଜ୍ୟର ଉପ–ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯଥାର୍ଥରେ କହିଛନ୍ତି ଯେ ବିରୋଧୀ ଦଳ ଏପରି ଏକ ଦୁଃଖଦାୟକ ଘଟଣାକୁ ନେଇ ରାଜନୀତି ନ କରୁ । ରାଜ୍ୟ ସରକାର ବାଳିକାର ଚିକିତ୍ସା ଲାଗି ଭଲ ଭାବରେ ଯତ୍ନ ନେଇଛନ୍ତି । ଦୁର୍ଭାଗ୍ୟବଶତଃ ଏତେ ଯତ୍ନ ନେବା ପରେ ମଧ୍ୟ ବାଳିକାଟି ବଞ୍ଚି ପାରିଲା ନାହିଁ । ବାଳିକାର ପରିବାର ମଧ୍ୟ ସରକାର ବା ପୋଲିସ ଉପରେ କୌଣସି ଅଭିଯୋଗ ଆରୋପ କରି ନାହାନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

ବାଳିକାଟିର ପିତାଙ୍କ କହିବା କଥା ମାନସିକ କାରଣରୁ ବାଳିକା ଜଣକ ଏପରି ଦୁର୍ଦ୍ଦଶାର ଶିକାର ହୋଇଛି । ଜଣେ ମାନସିକ ରୋଗୀ ନିଜକୁ ନିଜେ ନିଆଁରେ ପୋଡ଼ି ଦେଇ, ଆତ୍ମାହୁତି ଦେବା କିଛି ବିଚିତ୍ର ନୁହେଁ । ରାଜ୍ୟରେ କାହିଁକି ସମଗ୍ର ଦେଶରେ ପିଲାମାନଙ୍କ ମଧ୍ୟରେ ମାନସିକ ରୋଗ ବ୍ୟାପୁଛି । ଏହାର ପ୍ରତିକାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଯତ୍ନବାନ ହେବା ଆବଶ୍ୟକ । ଅଭିଭାବକ ଓ ଶିକ୍ଷକ ବା ଶିକ୍ଷୟତ୍ରୀମାନେ ପିଲାମାନଙ୍କର ପାଠ ପଢ଼ା ପ୍ରତି କେବଳ ଧ୍ୟାନ ଦେଲେ ହେବ ନାହିଁ, ସାମଗ୍ରିକ ଭାବେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେବା ଦରକାର । ଶିକ୍ଷକ ବା ଶିକ୍ଷୟତ୍ରୀମାନେ ପିଲାମାନଙ୍କୁ ପାଠ ପଢ଼େଇ ଦେଲେ ସେମାନଙ୍କ କାମ ସରିଗଲା ବୋଲି ଭାବିବା ଉଚିତ ନୁହେଁ । ବ୍ୟସ୍ତ ଅଭିଭାବକମାନେ ମଧ୍ୟ ପିଲାଙ୍କର ସବୁ କଥା ବୁଝିଦେଇ ପଇସା ଖର୍ଚ୍ଚ କରିଦେଲେ ସବୁକିଛି ଠିକ୍ ହୋଇଗଲା ବୋଲି ଭାବିଦେଲେ ହେବ ନାହିଁ । ଅଭିଭାବକମାନେ ଅବସର ସମୟରେ ମୋବାଇଲ ଫୋନ୍ ବ୍ୟବହାରର ଅଭ୍ୟାସକୁ ହ୍ରାସ କରି ପିଲାମାନଙ୍କ ସହିତ ସମୟ ଦେବା ଉଚିତ । ସାମୟିକ କାର୍ଯ୍ୟ ହାସଲ ଲାଗି ମୋବାଇଲ ଫୋନ ଆବଶ୍ୟକ ହୋଇପାରେ, ମାତ୍ର ପିଲାଙ୍କୁ ଗଢ଼ିବା ପାଇଁ ମୋବାଇଲ ଫୋନ୍‌ର ବ୍ୟବହାର ବହୁ ମାତ୍ରାରେ ବ୍ୟବହାର କରାଯିବା ଅନୁଚିତ ।

କେନ୍ଦ୍ର ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । କେତେକ ତ୍ରୁଟିପୂର୍ଣ୍ଣ ଆଇନକୁ ମଧ୍ୟ ବଦଳାଇଛନ୍ତି । ରାଜ୍ୟ ସରକାରମାନେ କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ କାର୍ଯ୍ୟ ମଧ୍ୟ କରି ଆସୁଛନ୍ତି । ଏପରିକି ସଂସଦ ବା ବିଧାନସଭା ପାଇଁ ୩୩ ପ୍ରତିଶତ ମହିଳାଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଆଇନ ମଧ୍ୟ କରାଯାଉଛି । କିନ୍ତୁ ମହିଳା ବା ବାଳିକାମାନଙ୍କର ସମସ୍ୟାକୁ ସରକାର ଭଲ ଭାବରେ ହୃଦୟଙ୍ଗମ କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପରିବେଶ ସୁରକ୍ଷା ଓ ବିକାଶର ସମନ୍ୱୟ



**ତେଜେଶ୍ୱର ପଟ୍ଟନାୟକ**

ଗତ କିଛି ଦଶନ୍ଧି ଧରି ପରିବେଶ ସୁରକ୍ଷା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟି ଯାଇଛି । ଅନେକ ବୁଦ୍ଧିଜୀବୀ, ପରିବେଶ ଓ ସାମାଜିକ କର୍ମୀ, ସଙ୍ଗଠନ ସବୁ ଜଳବାୟୁ ପରିବର୍ତ୍ତନ, ଜଳ ଓ ବାୟୁ ପ୍ରଦୂଷଣ ବୃଦ୍ଧି ଏବଂ ପରିବେଶର ଦ୍ରୁତ ଅବନତି ଯୋଗୁଁ ବିଭିନ୍ନ ଅଲୋଚନା ଚକ୍ର ମାଧ୍ୟମରେ ଘୋର ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି । ବିଭିନ୍ନ ସଭା ସମିତିରେ ମଧ୍ୟ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି । ଏଇ ପରିପ୍ରେକ୍ଷୀରେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଉକ୍ତିକୁ ଏଠାରେ ଅବତାରଣା କରାଯାଇ ପାରେ । ଯଦିଓ ପରିବେଶ ଶବ୍ଦଟିକୁ ଗାନ୍ଧିଜୀ ବ୍ୟବହାର କରିନଥିଲେ, କିନ୍ତୁ ସେ ପ୍ରକୃତି ସହିତ ସମନ୍ୱୟ ରଖି ସରଳ ଜୀବନଯାପନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

ସେ କହିଥିଲେ–'ପୃଥିବୀରେ ପ୍ରତ୍ୟେକଙ୍କ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ପଦାର୍ଥ ରହିଛି, କିନ୍ତୁ ପ୍ରତ୍ୟେକଙ୍କ ଲୋଭ ପୂରଣ କରିବାକୁ ନୁହେଁ ।' ଆଧୁନିକ ସମାଜରେ, ନିଜର ଆବଶ୍ୟକତା ଠାରୁ ଅଧିକ ହାତେଇବା ପାଇଁ ତୀବ୍ର ପ୍ରତିଯୋଗିତା ଚାଲିଛି । ଗାନ୍ଧିଜୀ ତାଙ୍କ ସ୍ୱାସ୍ଥ୍ୟର କୁଞ୍ଜି (ଅଥବା Key to Health) ନାମକ ଲେଖାରେ ସ୍ୱଚ୍ଛ ବାୟୁ ଉପରେ (clean air) ଗୁରୁତ୍ୱ ଆରୋପ କରିଛନ୍ତି । ତାଙ୍କ ମତରେ, ଯଦିଓ ବାୟୁ, ପାଣି ଏବଂ ଖାଦ୍ୟ ପ୍ରାକୃତିକ ସଂସାଧନ ଭିତରେ ଅତ୍ୟନ୍ତ ଜରୁରୀ, କିନ୍ତୁ ସ୍ୱଚ୍ଛ ବାୟୁ ନିହାତି ଆବଶ୍ୟକ । ଖାଦ୍ୟ ଏବଂ ପ୍ରଦୂଷଣକାରକ ବସ୍ତ୍ରର ବ୍ୟବହାର ହ୍ରାସ କରି ସ୍ୱଦେଶୀ ବସ୍ତ୍ର ଧାରଣ ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ।

ଗାନ୍ଧିଜୀ ଚରଖାରେ ନିଜେ ସୁତା କାଟି ଏବଂ ହାତବୁଣା ବସ୍ତ୍ର ପିନ୍ଧି ଏକ ସରଳ ଜୀବନ ଶୈଳୀ ଆପଣେଇ ପ୍ରତ୍ୟେକ ଭାରତୀୟ ପାଇଁ ଏକ ଉଦାହାରଣ ସାଜିଥିଲେ । ଏହା କେବଳ ବ୍ରିଟିଶ ଔପନିବେଶିକ ଶାସନ ଅମଳରେ ସ୍ୱଦେଶୀ ଆନ୍ଦୋଳନକୁ ଜୋରଦାର କରିବାପାଇଁ ନୁହେଁ, ବରଂ ସୁତା କଳଗୁଡିକରେ ଉତ୍ପାଦନ ହ୍ରାସ କରି ପରିବେଶର ସୁରକ୍ଷା ପାଇଁ ସେ ବିଶେଷ ଯତ୍ନବାନ ଥିଲେ । ଗାନ୍ଧିଜୀଙ୍କ ସେ ସମୟରେ ପରିବେଶ ଉପରେ ଏକ ସ୍ପଷ୍ଟ ଦୂରଦୃଷ୍ଟି ରହିଥିଲା । ଅବଶ୍ୟ, ସେ ପରିବେଶ ସୁରକ୍ଷା ଏବଂ ଏହାର ଉନ୍ନତି ପାଇଁ କୌଣସି ନୂଆ ଯୋଜନା ପ୍ରସ୍ତୁତ କରି ନଥିଲେ, କିନ୍ତୁ ସେ ଆମକୁ ସେ ବିଷୟରେ ସଚେତନ ହେବା ପାଇଁ ପ୍ରେରଣା ଯୋଗାଇ ଥିଲେ । ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ନୈତିକ ଦୃଷ୍ଟିଭଙ୍ଗୀ ଉପରେ ଆଧାରିତ ଥିଲା, ଯେଉଁଥିରେ ବ୍ୟକ୍ତି, ସମାଜ ଏବଂ ପ୍ରକୃତିର ବିକାଶକୁ ଗୁରୁତ୍ୱ ଦିଆ ଯାଇଥିଲା ।

ପ୍ରତ୍ୟେକ ମଣିଷ ନିଜର ଲୋଭକୁ ନିୟନ୍ତ୍ରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ପୃଥିବୀ କ୍ରମଶଃ ଉତ୍ତପ୍ତ ହେଉଛି । ବିଶ୍ୱବାସୀ ଓ ସମସ୍ତ ପ୍ରାଣୀଜଗତ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମ୍ମୁଖୀନ ହେଲେଣି । ଆଣ୍ଟାର୍କଟିକା–ବିଶ୍ୱର ସବୁଠାରୁ ବଡ଼ ତୁଷାର ଅଞ୍ଚଳରେ ଗ୍ଲାସିଏର (glacier) ବା ବରଫର ସ୍ରୋତଗୁଡିକ ତରଳିବା ପଛରେ ଉଷ୍ଣତା ବୃଦ୍ଧି ଓ ଗ୍ରୀନହାଉସ ଗ୍ୟାସର ଅତି ପ୍ରଚୁର ବିକୀରଣ ଦାୟୀ ଅଟେ । ଏହାର ପ୍ରଭାବରେ ବିଶ୍ୱର ସମୁଦ୍ର ଜଳସ୍ତରର ଉଚ୍ଚତା ବୃଦ୍ଧି ପାଇଲାଣି । ବିଶେଷତଃ ଉପକୂଳୀୟ ଅଞ୍ଚଳରେ ବନ୍ୟା, ଜଳ ପ୍ଲାବନ ଓ ଭୂମି ହ୍ରାସର ଆଶଙ୍କା ବଢ଼ିଛି । ଏହା ଏକ ପ୍ରାକୃତିକ ଦୁର୍ଘଟଣା ନୁହେଁ, ଏହା ମାନବକୃତ ଅବହେଳାର ଫଳ । ଅନ୍ୟ ଏକ ଦିଗକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ପରିବେଶ ସହ ରାଜନୀତି ବି କିଛି ମାତ୍ରାରେ ପରୋକ୍ଷ ଭାବେ ଜଡିତ ହେଇଗଲାଣି । କ୍ଷୋଭର ବିଷୟ ଯେ କ୍ଷମତାସୀନ ରାଜନୈତିକ ଦଳମାନେ ପରିବେଶଜନିତ ସମସ୍ୟାଗୁଡ଼ିକ,ଯଥା ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ଦୃଢ଼ ମୁକାବିଲା କରିବା ବିଷୟରେ ବିଶେଷ ଚିନ୍ତିତ ନୁହଁନ୍ତି । ପରିବେଶର ସୁରକ୍ଷା ପାଇଁ ଆନ୍ତର୍ଜାତିକ ଚୁକ୍ତିପତ୍ର, ଅନ୍ୟାନ୍ୟ ନିୟମାବଳୀ ଏବଂ ଏହା ସହିତ ଜଡ଼ିତ ସାମାଜିକ ଅନ୍ଦୋଳନଗୁଡ଼ିକୁ ବିଶ୍ୱର ସମସ୍ତ ରାଷ୍ଟ୍ର ନେତାମାନେ ଅକୁଣ୍ଠଭାବେ ସମର୍ଥନ ଦେବା ଦରକାର ।

**ଅନ୍ୟ ଏକ ଦିଗକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ପରିବେଶ ସହ ରାଜନୀତି ବି କିଛି ମାତ୍ରାରେ ପରୋକ୍ଷ ଭାବେ ଜଡିତ ହେଇଗଲାଣି । କ୍ଷୋଭର ବିଷୟ ଯେ କ୍ଷମତାସୀନ ରାଜନୈତିକ ଦଳମାନେ ପରିବେଶଜନିତ ସମସ୍ୟାଗୁଡ଼ିକ,ଯଥା ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ଦୃଢ଼ ମୁକାବିଲା କରିବା ବିଷୟରେ ବିଶେଷ ଚିନ୍ତିତ ନୁହଁନ୍ତି ।**

ପରିବେଶୀୟ ସମସ୍ୟାଗୁଡ଼ିକ –ଯଥା ପ୍ରଦୂଷଣ, ସଂସାଧନ କ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ , ଏକ ରାଜନୈତିକ ଚର୍ଚ୍ଚାର ବିଷୟ ବି ହେଲାଣି । ଅବଶ୍ୟ, ଅନେକ ଦେଶ ଏହି ବିଷୟରେ ନୂଆ ନୀତି ଓ ଆଇନ ପ୍ରଣୟନ କରିଛନ୍ତି । ପରିବେଶ ଓ ବିକାଶ ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରଖିବା ପାଇଁ ବିଭିନ୍ନ ରଣନୀତି ତିଆରି କରୁଛନ୍ତି । ଆନ୍ତର୍ଜାତିକ ସ୍ତରରେ ପରିବେଶ ସମସ୍ୟାର ମୁକାବିଲା କରିବା ନିମନ୍ତେ ଯଥେଷ୍ଟ ଆଇନ ପ୍ରଣୟନ ହୋଇଛି । ଆନ୍ତର୍ଜାତିକ ଚୁକ୍ତିପତ୍ରରେ ପ୍ରଦୂଷଣ ହ୍ରାସ, ସଂସାଧନ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ କରିବା ପାଇଁ ପ୍ରସ୍ତାବ ମଧ୍ୟ ଗ୍ରହଣ କରାଯାଇଛି ।

ଉଦାହରଣ ସ୍ୱରୂପ, ଜଳବାୟୁ ପରିବର୍ତ୍ତନକୁ ନେଇ ୨୦୧୫ ମସିହାରେ ପ୍ୟାରିସ୍ ରାଜିନାମା (the Paris Agreement on climate change -୨୦୧୫) ନାମକ ଏକ ଚୁକ୍ତିନାମାରେ ବିଶ୍ୱରେ ଉତ୍ତାପ ୨H ସେଲସିଅସ ରୁ ୧.୫H ସେଲସିୟସକୁ ହ୍ରାସ କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ବିଶ୍ୱର ପ୍ରାୟ ୧୯୬ ରାଷ୍ଟ୍ରର ନେତାମାନେ ଡିସେମ୍ବର ୧୨ ତାରିଖ ୨୦୧୫ ମସିହାରେ ଉପରୋକ୍ତ ଆନ୍ତର୍ଜାତିକ ଚୁକ୍ତି ନାମାରେ ସ୍ୱାକ୍ଷର କରିଛନ୍ତି । ସେମାନେ ବିଷାକ୍ତ ଗ୍ୟାସର ନିର୍ଗତକୁ ରୋକିବା ପାଇଁ ପ୍ୟାରିସ ସମ୍ମିଳନୀରେ ସଂକଳ୍ପ କରିଛନ୍ତି । ବୈଶ୍ୱିକ ପରିବେଶ ନୀତି (Global Environmental Policy)ରେ ପ୍ରଦୂଷଣ ହ୍ରାସ ପରିଚାଳନା ଏବଂ ଶକ୍ତି ନବୀକରଣ ବ୍ୟବସ୍ଥା ଓ ସବୁଜ ଶକ୍ତିର ବ୍ୟବହାର ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଜାତିସଂଘ ଦ୍ୱାରା ପ୍ରସ୍ତୁତ ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs), ମାନବ ଜାତିର ଉନ୍ନତି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ଏକ ପ୍ରକାର ସନ୍ତୁଳନ ରଖିବାକୁ ଲକ୍ଷ୍ୟ ରଖିଛି । ଏହି ଲକ୍ଷ୍ୟଗୁଡ଼ିକ ମଧ୍ୟରେ ଅନେକ ପରିବେଶଜନିତ ସମସ୍ୟାଗୁଡ଼ିକର ନିରାକରଣ କରିବାକୁ ଉଦ୍ଦିଷ୍ଟ । ତନ୍ମଧ୍ୟରୁ ଏସଡିଜି (SDG ୧୩),ରେ ଜଳବାୟୁ ପରିବର୍ତ୍ତନ ଏବଂ ଏହାର କୁପ୍ରଭାବକୁ ହ୍ରାସ କରିବା ପାଇଁ ଉଲ୍ଲେଖ କରାଯାଇଛି । ପୃଥିବୀର ବାୟୁମଣ୍ଡଳରେ ଥିବା ଗ୍ୟାସଗୁଡ଼ିକ, ଯେପରିକି କାର୍ବନ ଡାଇଅକ୍ସାଇଡ୍, ଏକ ଗ୍ରୀନହାଉସର କାଚ ଛାତ ପରି ଉତ୍ତାପକୁ ଧରି ରଖେ । ଏହି ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସଗୁଡ଼ିକୁ ଗ୍ରୀନହାଉସ ଗ୍ୟାସ କୁହାଯାଏ ।

ଏହି ଗ୍ୟାସ୍‌କୁ ହ୍ରାସ କରିବା ଉପରେ ଅଧିକ ଜୋର ଦିଆଯାଇଛି । ଏସ ଡି ଜି– ୧୪ (SDG୧୪,) ଜଳ ତଳେ ଜୀବନ (Life Below Water) ଉପରେ ଆଧାରିତ । ସମୁଦ୍ର, ନଦୀ ଏବଂ ହ୍ରଦଗୁଡିକୁ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ଏବଂ ପ୍ରଦୂଷଣ ବୃଦ୍ଧିକୁ ହ୍ରାସ କରିବା ଉପରେ ମଧ୍ୟ ଏଥିରେ ଜୋର୍ ଦିଆଯାଇଛି । ପ୍ଲାଷ୍ଟିକ ଆବର୍ଜନାର ପ୍ରଦୂଷଣ କମାଇବା ଓ ସାମୁଦ୍ରିକ ପରିବେଶର ସୁରକ୍ଷା ଇତ୍ୟାଦି କାର୍ଯ୍ୟଗୁଡିକ ଅନ୍ତର୍ଭୁକ୍ତ । ଭୂମି ଉପରେ ଜୀବନ (Life on Land) ବିଷୟରେ ଏସ ଡି ଜି –୧୫(SDG ୧୫) ରେ ଉଲ୍ଲେଖ ଅଛି । ପ୍ରାକୃତିକ ଅଭୟାରଣ୍ୟ, ଜୈବ ବିବିଧତାର ସୁରକ୍ଷା ଏବଂ ଜଙ୍ଗଲ ସଂରକ୍ଷଣ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ମରୁଭୂମିକରଣ ଏବଂ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସକୁ ବନ୍ଦ କରିବା ପାଇଁ ଉଦ୍ୟମ ହେବା ଜରୁରୀ । ଜଙ୍ଗଲର ଅବକ୍ଷୟକୁ ବନ୍ଦ କରିବାକୁ ହେଲେ ଅଧିକରୁ ଅଧିକ ଗଛ ଲଗାଇବା ଉଚିତ ।

ଏସଡିଜି ୧୬ (SDG ୧୬):ନିର୍ମଳ ପାଣି ଏବଂ ସ୍ୱଚ୍ଛତା (Clean Water and Sanitation)ଉପରେ ଆଧାରିତ । ସ୍ୱଚ୍ଛ ପାଣି ଉପଲବ୍ଧ କରିବା ଏବଂ ଗାଁ ଏବଂ ସହରମାନଙ୍କରେ ସ୍ୱଚ୍ଛତା ବ୍ୟବସ୍ଥାରେ ଉନ୍ନତି ଆଣିବା, ଜଳ ପ୍ରଦୂଷଣ ହ୍ରାସ କରିବା,ସହର ଏବଂ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଓ ବ୍ୟବହୃତ ଜଳର ପୁନଃଚକ୍ରଣ କରିବା (recycling ) ବିଷୟବସ୍ତୁ ଉପରେ ଧ୍ୟାନ ଦିଆଯାଇଛି । ଏସଡିଜି ୧୧(SDG ୧୧)ସ୍ଥାୟୀ ସହର (Sustainable Cities ) ରେ ପରିବେଶ ପ୍ରଦୂଷଣ ଉପରେ ଉଲ୍ଲେଖ ରହିଛି । ପରିବେଶକୁ ସୁହାଇଲା ଭଳି ଭିତ୍ତିଭୂମି ସୃଷ୍ଟି କରିବା, ଘର ଏବଂ ସ୍ୱଚ୍ଛ ସହର ବିକାଶ ଅଭିଯାନ, ପରିବହନ ବ୍ୟବସ୍ଥାର ପରିବର୍ତ୍ତନ ଏବଂ ନବୀକରଣ ଉର୍ଜ୍ଜା ଉପରେ ଦୃଷ୍ଟି ଦେବା ମଧ୍ୟ ଜରୁରୀ । ଏସଡିଜି ୧୨ (SDG ୧୨ ) ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଉତ୍ପାଦନ (Responsible Consumption and Production) ଉପରେ ଜୋର ଦେଇଛି । ଏହି ଲକ୍ଷ୍ୟ ଦର୍ଶାଏ, ଆମେ ଖାଦ୍ୟର ଅଯଥା ଅପଚୟ କମାଇବା ଏବଂ ଦାୟିତ୍ୱପୂର୍ଣ୍ଣ ଭାବେ ଉତ୍ପାଦନ ବୃଦ୍ଧି କରିବା । ଏହାର ନିରାକରଣ ପାଇଁ ପରିବେଶବିତ୍‌ମାନେ ସୁଚିନ୍ତିତ ମତ ଦେଇଛନ୍ତି । ଏହାକୁ କୁହାଯାଏ 3R ଅଭିଯାନ ଅର୍ଥାତ୍ ହ୍ରାସ କରନ୍ତୁ (Reduce) । ଅଧିକ ପ୍ୟାକେଜିଂ ଦ୍ରବ୍ୟ ବ୍ୟବହାର ନ କରି, ସଂସାଧନ ସଞ୍ଚୟ କରିବା ଓ ଏ ଦିଗରେ ଅଯଥା ଖର୍ଚ୍ଚ ନକରି କେତେକ ଦ୍ରବ୍ୟର ପୁନଃବ୍ୟବହାର କରନ୍ତୁ । ଅନ୍ୟଟି ହେଲା (Reuse): କୌଣସି ଜିନିଷକୁ ନଷ୍ଟ କରିବା ପରିବର୍ତ୍ତେ ତାକୁ ପୁନଃ ବ୍ୟବହାରଯୋଗ୍ୟ କରନ୍ତୁ, ଯେପରିକି ବୋତଲ ଓ ବ୍ୟାଗଗୁଡିକ ପୁନଃବ୍ୟବହାରଯୋଗ୍ୟ ହେଇପାରିବ । ପୁନଃଚକ୍ରଣ (Recycle) ମଧ୍ୟ କରନ୍ତୁ । ବ୍ୟବହୃତ ସାମଗ୍ରୀକୁ ନୂତନ ପ୍ରକ୍ରିୟା ମାଧ୍ୟମରେ ବ୍ୟବହାର କରନ୍ତୁ ଏବଂ ସଂସାଧନ ଉପରେ ଚାପ କମାନ୍ତୁ ।

*କ୍ରମଶଃ...*

**ପୂର୍ବତନ ଉପ ମହାପ୍ରବନ୍ଧକ**
**ବ୍ୟାଙ୍କ ଅଫ ଇଣ୍ଡିଆ,କଳିଙ୍ଗ ବିହାର,**
**ଭୁବନେଶ୍ୱର,ମୋ–୯୨୬୨୨ ୯୬୨୯୨**

# ଶ୍ରାବଣରେ ଶିବ ଉପାସନା ଓ ବୋଲବମ୍ ଯାତ୍ରା କାହିଁକି ?

**ବିକ୍ରମ କେଶରୀ ବିଶ୍ୱାଳ**

ପ୍ରାଚୀନ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ଦିନ ପବିତ୍ର । ଏହି ମାସରେ ଭଗବାନ ଶିବ, ଗୌରୀ, କୃଷ୍ଣ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ବିଶେଷତଃ, ଶିବ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାପାଠ କରାଯାଏ । ଏହି ମାସର ସୋମବାରଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ହୋଇଥିଲେ ହେଁ ସମସ୍ତେ ପ୍ରତ୍ୟେକ ଦିନ ସାୟଂକାଳରେ ଶିବ ମନ୍ଦିର ଦର୍ଶନ କରିବା ସହ ଜଳାଭିଷେକ କରିବା ଉଚିତ । ଶ୍ରାବଣ ମାସର ଜଳାଭିଷେକକୁ ରୁଦ୍ରାଭିଷେକ କୁହାଯାଏ ।

ଏହି ମାସରେ ଶିବଙ୍କର ରୁଦ୍ର ଅବତାରଙ୍କୁ ପୂଜା କରିବା ବିଧି । ଏହା ଦ୍ୱାରା ସମସ୍ତ ଦୁଷ୍ଟ–ଶିବଶକ୍ତିଙ୍କ କବଳରୁ ମୁକ୍ତି ମିଳେ । କାମନା ପୂରଣ ହୁଏ ଏବଂ ସମୃଦ୍ଧି ପ୍ରାପ୍ତ ହୁଏ । ନିଜର ସମସ୍ତ ପାପ ଧୋଇବା ଲାଗି ଏହି ମାସରେ ରୁଦ୍ରାଭିଷେକ କରାଯାଏ । ଦୁଗ୍ଧ ମହୁ, ବେଲପତ୍ର, ଦଧି, ଶର୍କରା, ଘୃତ ଓ ପୁଷ୍ପ ଅର୍ପଣ କରାଯାଏ । ସର୍ବଦା ପ୍ରଦୋଷ ବା ସାୟଂକାଳରେ ରୁଦ୍ରାଭିଷେକ କରଣୀୟ । ଶ୍ରାବଣ ମାସର ଶନିବାରଗୁଡ଼ିକ ମଧ୍ୟ ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଏହି ଶନିବାରଗୁଡ଼ିକରେ ଶନିଦେବଙ୍କୁ ପୂଜା କଲେ ଶନିଦଶାରୁ ମୁକ୍ତି ମିଳେ । ଶ୍ରାବଣରେ ଶନି–ପୂଜା କରି ରାଜା ଦଶରଥ ଶନି–ଦୋଷ ମୁକ୍ତ ହୋଇଥିବା ପୁରାଣରେ ଉଲ୍ଲେଖ କରାଯାଇଛି ।

ପୁରାଣରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ ମାତା ପାର୍ବତୀ ଏହି ବ୍ରତ ପାଳିଥିଲେ । ହିନ୍ଦୁ ପଞ୍ଜାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ । ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ । ଏହି ପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି । ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ । ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ ପ୍ରିୟ । କୁହାଯାଏ ଏହି ମାସରେ ମାତା ପାର୍ବତୀ ବର ରୂପେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖି ତପସ୍ୟା ବି କରିଥିଲେ । ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ । ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ, ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଗଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ ।

ଏହାଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା । ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ । ଏ ହେଉଛି ହେଉଛି ଭଗବାନ ଶିବଙ୍କ ପ୍ରିୟ । ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି । ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି । ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ । ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ । ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର । ସୋମବାର ବ୍ରତ ରଖିବା ପାଇଁ ଉତ୍ତମ ବାର । ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ । ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ । ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି । ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ କାଉଡିଆ କୁହାଯାଏ । ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି । ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରିମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି ।

କାଉଡିଆ ଯାତ୍ରାରେ ନିତ୍ୟ କର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାକୁ ପୂଜନ କରି ଜଳକୁ ତମ୍ବା, ପିତ୍ତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ । ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି । କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ । ଜଳସ୍ରୋତରୁ ଥରେ ଜଳ ଭର୍ତ୍ତିକରି ତାକୁ ଅଭିଷ୍ଟ କର୍ମ ପୂର୍ବକ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ ।

ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଜାଗାରେ ରଖିବା ଉଚିତ । ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ । ଯଦି କୌଣସି କାରଣବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭର୍ତ୍ତି କରି ଯାତ୍ରା କରିବା ଉଚିତ । ସୂର୍ଯ୍ୟୋଦୟର ଦୁଇ ଘଣ୍ଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି ।

ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟସ୍ଥ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ । ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ । ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ । ସେ ମଧ୍ୟ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ । ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ, ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ ।

ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ । ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ । ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇଥାଏ । ଅନେକ ବ୍ୟକ୍ତିବିଶେଷ ଓ ଆଧ୍ୟାତ୍ମିକ ସଂଗଠନମାନେ ଏହି କାଉଡିଆଙ୍କ ସେବା କାର୍ଯ୍ୟ ନିମନ୍ତେ ରାସ୍ତା କଡ଼ରେ ବିଭିନ୍ନ ଆନୁଷ୍ଠାନିକ ସେବା ସମ୍ପାଦନ କରୁଛନ୍ତି । ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ । ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ । ସର୍ବପ୍ରଥମେ ମାନସିକ ଓ ଆଧ୍ୟାତ୍ମିକ ଭାବରେ ନିଜକୁ ପବିତ୍ର କଲାପରେ ଭଗବାନଙ୍କୁ ନାମ ସ୍ମରଣ ଦ୍ୱାରା ବୋଲବମ୍ ଯାତ୍ରା ସଫଳ ହୋଇଥାଏ । ବିଶ୍ୱାସ ରହିଛି ଧର୍ମ–ଅର୍ଥ–କାମ–ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ ।

**ଯାଜପୁର ରୋଡ୍, ଯାଜପୁର,**
**ମୋ–୯୯୩୮୫୩୬୦୭୬**

# ହଜିଗଲେଣି ଲାଲ ଟୁକୁ ଟୁକୁ ସାଧବ ବୋହୂ

**ସନ୍ତୋଷ କୁମାର ଦାଶ**

ମୌସୁମୀ ଆସିଲେ ବର୍ଷାର ପରଶ ପାଇ ଧରିତ୍ରୀ ମା' ସବୁଜ ରଙ୍ଗର ଶାଢ଼ି ପିନ୍ଧେ । ବର୍ଷା ଋତୁର ଆଗମନରେ ସବୁଜ ପଡ଼ିଆର ଅନେକ ସ୍ଥାନରେ ଦେଖାଯାଆନ୍ତି ଲାଲ ଟୁକୁ ଟୁକୁ ସାଧବ ବୋହୂ । ପ୍ରକୃତିର ଅନନ୍ୟ ଆକର୍ଷଣ ଏହି କୀଟ । ତାକୁ ଦେଖି ପିଲା ଠାରୁ ବୟସ୍କ ସମସ୍ତେ ଖୁସି ହୁଅନ୍ତ । ଏହି କୁନି କୀଟର ରଙ୍ଗ ଲାଲ ମଖ ମଲ ମଲ ହୋଇଥିବାବେଳେ ଏହାର ଧୀର ଚାଲିରୁ ତାକୁ ଲୋକେ କହିଥାନ୍ତି ସାଧବ ବୋହୂ । ନୀରିହ ସାଧାରଣ କୀଟଟି କାହାରି କିଛି ଅନିଷ୍ଟ କରି ନଥାଏ । ତେଣୁ ତାର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକର୍ଷଣ କରିଥାଏ । ସାଧବ ବୋହୂ ସାଧାରଣତଃ ସବୁଜ ଘାସ ପଡ଼ିଆରେ ଦେଖାଯାଆନ୍ତି । ଏହା ବର୍ଷାଋତୁରେ ପ୍ରକୃତି ପକ୍ଷରୁ ସୃଷ୍ଟି ଏହା ଏକ ଅନନ୍ୟ ଆକର୍ଷଣ । ବର୍ଷାଋତୁ ଆରମ୍ଭ ହେବା ମାତ୍ରେ ଏମାନେ ଦଳ ଦଳ ହୋଇ ଗାଆଁ ଗଣ୍ଡାର ପଡ଼ିଆରେ ଦେଖାଯାଆନ୍ତି । ଏବେ ବଦଳି ଯାଇଛି ପରିବେଶ । ବାୟୁମଣ୍ଡଳ ପ୍ରଦୂଷଣ କାରଣରୁ ମାଟି, ପାଣି,ପବନ ସବୁ ଏକରକମ ବିଷାକ୍ତ ହୋଇଯାଇଛି ।

ଅତ୍ୟଧିକ ରାସାୟନିକ ସାର, ତୀବ୍ର ଗନ୍ଧ ଯୁକ୍ତ କୀଟନାଶକ, ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ପ୍ରଭୃତି ବ୍ୟବହାର କାରଣରୁ ମାଟି ତାର ପ୍ରାକୃତିକ ଉର୍ବରତା ହରାଇ ବସୁଛି । ରାସାୟନିକ ସାର ବ୍ୟବହାର ନ କଲେ ଆଉ ଫସଲ, ପନିପରିବା ଯଥେଷ୍ଟ ପରିମାଣରେ ଫଳୁନାହିଁ । ଏଣୁ ମାଟିର ପ୍ରାକୃତିକ ଗୁଣ ଲୋପ ପାଉଛି । ମାଟି ସବୁ ବିଷାକ୍ତ ଆଉ ଅତ୍ୟଧିକ ଲବଣାକ୍ତ ହୋଇପଡୁଥିବାରୁ ଆଗଭଳି ଆଉ ସେହି କୀଟକୁ ଦେଖିବାକୁ ମିଳୁନାହିଁ ।

ଜୈବିକ ପଦ୍ଧତିରେ ଚାଷ କରାନ ଗଲେ ଏହି କୀଟ ପରି ଅନେକ କୀଟ, ପତଙ୍ଗ, ଛୋଟ ଜୀବ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଇ ଆସୁଛନ୍ତି । ଆମେ ସଚେତନ ହେଲେ ମାଟିର ଉର୍ବରତା ବଜାୟ ରୁହନ୍ତା । ବେଳ ହୁଁ ସଚେତନ ନହେଲେ ବର୍ଷା ଋତୁର ଏହି ସୁନ୍ଦର କୀଟ ସାଧବ ବୋହୂ ପରି ଅନେକ ଉପକାରୀ ଜୀବ ଆସ୍ତେ ଆସ୍ତେ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ଏଥିରେ ସନ୍ଦେହ ନାହିଁ ।

**ତୁଳସୀପୁର, ପୁରୀ**
**ମୋ–୯୪୩୯୩୬୧୮୮୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ମୃତ...

ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହୋଇଛି । ତଥାପି ନିଖୋଜଙ୍କୁ ଠାବ କରିବା ଓ ପ୍ରଭାବିତଙ୍କୁ ସାହାଯ୍ୟ ଯୋଗାଇବା ପାଇଁ ଚେଷ୍ଟା ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ଧାମୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ କେନ୍ଦ୍ର ସମସ୍ତ ସହଯୋଗ କରିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ମୁତୟନ ଅଛନ୍ତି । ଆଇଟିବିପିର ୩ ଟିମ୍ ଓ ୪ ଏନ୍‌ଡିଆରଏଫ୍ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତରକାଶୀର ଏହି ଛାତିଥରା ଘଟଣା ଲାଗି ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ମହାପ୍ରଭୁଙ୍କ ନିକଟରେ କ୍ଷତିଗ୍ରସ୍ତ ପରିବାର ସୁରକ୍ଷିତ ରହିବାକୁ ପ୍ରାର୍ଥନା କରିଛନ୍ତି । ଉତ୍ତରାଖଣ୍ଡର ଏଭଳି ସମୟରେ ଓଡ଼ିଶାବାସୀ ସେମାନଙ୍କ ସହ ଅଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏଭଳି ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏଭଳି ଅକଳ୍ପନୀୟ ବିପର୍ଯ୍ୟୟ ସମୟରେ ମୋର ଭାବନା ଏହି ପରିବାରମାନଙ୍କ ସହ ରହିଛି ।

## ପୁଣି...

ଅର୍ଥରେ ୟୁକ୍ରେନ୍ ସହ ଲଢ଼େଇ ଚାଲିଛି । ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଋଷରୁ ଶସ୍ତାରେ ତେଲ କିଣି ଭାରତ ଖୋଲା ବଜାରରେ ତାକୁ ବିକ୍ରି କରି ଅଧିକ ଲାଭ କରୁଛି । ୟୁକ୍ରେନ୍‌ରେ କେତେ ଲୋକ ମରୁଛନ୍ତି ସେଥିପ୍ରତି ତାଙ୍କର ଚିନ୍ତା ନାହିଁ । ଧୀରେ ଧୀରେ ମୁଁ ଶୁଳ୍କ ବଢ଼ାଇବି ବୋଲି ଟ୍ରମ୍ପ କହିଛନ୍ତି । ତେବେ ଟ୍ରମ୍ପଙ୍କର ଏଭଳି ଧମକର ଜବାବ ଭାରତ ପକ୍ଷରୁ ଦିଆଯାଇଛି । ଆମେରିକା ଏବଂ ୟୁରୋପୀୟ ସମୁହ ଋଷରୁ ତେଲ କିଣା ଉପରେ ଅନ୍ୟାୟ ଭାବେ ପ୍ରତିବନ୍ଧକ ଲଗାଇଛନ୍ତି । ଋଷ୍ ସହ ଆମର ବ୍ୟବସାୟିକ ସମ୍ପର୍କ ଦୀର୍ଘ ଦିନରୁ ରହିଛି । ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ମଧ୍ୟ ଏହା ଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ବୈଦେଶିକ ମନ୍ତ୍ରଣାଳୟ ଏକ ୬ ସୂତ୍ରୀୟ ବିବୃତ୍ତି ଜାରି କରି ଆମେରିକା ଓ ୟୁରୋପ ସମୁହର ଦୋମୁହାଁ ନୀତିକୁ ପଦାରେ ପକାଇଛି । ଜାତୀୟ ସ୍ୱାର୍ଥ ସହ କୌଣସି ବୁଝାମଣା କରାଯିବ ନାହିଁ ବା କୌଣସି ଦେଶର ଦବ୍‌ଦବା ବା ଦାଦାଗିରିକୁ ବରଦାସ୍ତ କରାଯିବନାହିଁ ବୋଲି କୁହାଯାଇଛି । ଋଷ୍ ୬ ସୂତ୍ରୀୟ ବିବୃତ୍ତିରେ ଋଷରୁ ତେଲ ଆମଦାନୀର କାରଣ ସମ୍ପର୍କରେ ଉଲ୍ଲେଖ କରାଯିବା ସହ ଭାରତୀୟ ଉପଭୋକ୍ତାଙ୍କ ସ୍ୱାର୍ଥ, ଅନ୍ୟ ସାମଗ୍ରୀର ଆମଦାନୀ ଉପରେ ଆଲୋକପାତ କରାଯାଇଛି । ଆମେରିକା ଋଷରୁ ଆମଦାନୀ ଜାରି ରଖିଛି । ଏଥିରେ ପରମାଣୁ ଶିଳ୍ପ ପାଇଁ ୟୁରାନିୟମ୍ ହେକ୍ସା ଫୋଲାରାଇଡ, ଇଭି ଶିଳ୍ପ ପାଇଁ ପାଲାଡିୟମ, ସାର ଓ ରାସାୟନିକ ଦ୍ରବ୍ୟ ଅନ୍ତର୍ଭୁକ୍ତ । ଏହା ଆମେରିକାର ଦୋମୁହାଁ ନୀତିକୁ ସ୍ପଷ୍ଟ କରୁଛି । ଭାରତ ନିଜର ଜାତୀୟ ସ୍ୱାର୍ଥ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ଋଷ୍ ମଧ୍ୟ ଭାରତର ଅଧିକାରକୁ ସମର୍ଥନ କରିଛି । ଋଷ୍ ପକ୍ଷରୁ କୁହାଯାଇଛି ଯେ ନିଜର ବ୍ୟବସାୟିକ ଅଂଶୀଦାର କିଏ ହେବ ତାହା ବାଛିବାର ଅଧିକାର ଭାରତର ରହିଛି । ଆମେ ଅନେକ ବକ୍ତବ୍ୟ ଶୁଣୁଛୁ, ଯାହା ବାସ୍ତବରେ ଏକ ଚେତାବନୀ । ଋଷ୍ ସହ ବାଣିଜ୍ୟିକ ସମ୍ପର୍କକୁ ବନ୍ଦ କରିବାକୁ ଚାପ ପଡୁଛି । ଆମେ ଏହି ମନ୍ତବ୍ୟକୁ ଆଇନ୍‌ଗତ ବୋଲି ଭାବୁନାହୁଁ ।

## ବଦଳିବ...

ସଂଶୋଧନ କରି ଦଣ୍ଡବିଧାନ ପ୍ରସ୍ତାବ ଦିଆଯାଇଛି । ସଂଶୋଧନ ପରେ ଖିଲାପକାରୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି । ଏହାଛଡା ମହାପ୍ରସାଦର ରେଟ୍‌ଚାର୍ଟ ଲାଗିବ । ଖଜା ଗୋଟିଏ ପାର୍ଶ୍ୱରେ ଓ ମହାପ୍ରସାଦ ପାଇଁ ଅଲଗା ପାର୍ଶ୍ୱର ବ୍ୟବସ୍ଥା ହେବ । କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି । ଯଦି କିଛି ବ୍ୟତିକ୍ରମ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି ।

## ଦୁର୍ନୀତିରୁ...

ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନ ଚାଷ କରିବା ପାଇଁ ବିଭାଗକୁ ସେ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ । ବୃକ୍ଷରୋପଣ ସହିତ ତା'ର ସୁରକ୍ଷା, ପରିଚାଳନା ଓ ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ । ଏଥିସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି । ତଥାପି ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ପଡିବ । ଆବଶ୍ୟକ ସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସୁରକ୍ଷା ମଞ୍ଚ ଇତ୍ୟାଦିର ସହଯୋଗ କାମନା କରିଥିଲେ । ଏଥିସହିତ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡିଶା ଗଠନର ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହିତ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ ।

ଦୁର୍ନୀତି ବିରୋଧରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି । ତେଣୁ, ଅଧିକାରୀ ମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଦେଇଥିଲେ ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନ ରେଖା । ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି । ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି । ଆଜି ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର । ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ଆମ ରାଜ୍ୟ ହେଉଛି ଏକ ଜୈବ ବିବିଧତା ପୂର୍ଣ୍ଣ ରାଜ୍ୟ । ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ସହିତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା । ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ । ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବିଭାଗର ସଫଳତା ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ । ରାଜ୍ୟର ସମସ୍ତ ବନଖଣ୍ଡର ବନ ସଂରକ୍ଷକ, ଡିଏଫ୍‌ଓ, ଏସିଏଫଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଯୁକ୍ତିକ...

ଦେବାରେ ବିଫଳ ରହିବେ, ପ୍ରତି ନାଗରିକର ନୈତିକ ଦାୟିତ୍ୱ ହେଉଛି ଉତ୍ତରଦାୟିତ୍ୱ ସ୍ଥିର କରିବା । ସୂଚନାଯୋଗ୍ୟ ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଏଜି ମାସିସ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତକାଲି ରାହୁଲ ଗାନ୍ଧି ଭାରତ ଯୋଡ ଯାତ୍ରା ସମୟରେ ଦେଇଥିବା ଏକ ମନ୍ତବ୍ୟ ସମ୍ପର୍କରେ ତାଙ୍କ ଟିପ୍ପଣୀ ରଖିଥିଲେ । ପ୍ରକୃତ ଭାରତୀୟ ଏଭଳି ମନ୍ତବ୍ୟ ଦେବେନାହିଁ ବୋଲି ସେ କହିଥିଲେ । ରାହୁଲଙ୍କୁ ସମର୍ଥନ କରି ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ସୁପ୍ରିମ୍‌କୋର୍ଟ ଜଜ୍‌ମାନଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି । ମାତ୍ର କିଏ ପ୍ରକୃତ ଭାରତୀୟ ସେମାନେ ନିଷ୍ପତ୍ତି ନେବାକୁ କିଏ । ବିରୋଧୀ ଦଳର ନେତାଙ୍କର କର୍ତ୍ତବ୍ୟ ହେଉଛି ସେମାନେ ସରକାରଙ୍କୁ ପ୍ରଶ୍ନ ପଚାରିବେ । ରାହୁଲ ସେନା ଉପରେ କୌଣସି ମନ୍ତବ୍ୟ ଦେଇନାହାନ୍ତି । ସେନା ପ୍ରତି ତାଙ୍କର ଗଭୀର ସମ୍ମାନ ରହିଛି । ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି ।

ତେବେ ବିଜେପିର ରବିଶଙ୍କର ପ୍ରସାଦ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟ ପରାମର୍ଶ ଦେଇଛନ୍ତି ଯେ ଜଣେ ଭାରତୀୟ ଦେଶ ସମ୍ପର୍କରେ ଏଭଳି କହିପାରିବ ନାହିଁ । ମାତ୍ର ରାହୁଲ ଗାନ୍ଧି ତାହା ବୁଝିପାରୁନାହାନ୍ତି । ଏହା ପ୍ରଥମ ଥର ନୁହେଁ, ସୁପ୍ରିମ୍‌କୋର୍ଟ ବହୁବାର ରାହୁଲ ଗାନ୍ଧିଙ୍କ ଉପରେ ଟିପ୍ପଣୀ ଦେଇଛନ୍ତି । ବିରୋଧୀ ଦଳ ନେତାର ଦାୟିତ୍ୱ କ'ଣ ତାହା ବୁଝିବା ଦରକାର । କଂଗ୍ରେସ ବାରମ୍ବାର ସରକାରଙ୍କୁ ଜାତୀୟ ସୁରକ୍ଷା ବିପଦରେ ନେଇ ପ୍ରଶ୍ନ ପଚାରୁଛି ।

## ସୋଭନା...

ନ୍ୟାୟ ପାଇଁ ସବୁବେଳେ ଲଢ଼ିବି । ନିଜ ଦଳ ହେଉ କିମ୍ବା ଅନ୍ୟ କେଉଁ ଦଳର ହୁଅନ୍ତୁ, ଦୋଷୀକୁ ଛଡାଯିବନାହିଁ । ସେହିଭଳି ଶିଶୁ ସୁରକ୍ଷା ଆୟୋଗରେ ମଧ୍ୟ ୬ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି । କେନ୍ଦୁଝର ଜିଲ୍ଲାର ସୁକେଶି ଓ ରାଉରକେଲାର କଳ୍ପନା ଲେଙ୍କା, ଭୁବନେଶ୍ୱରର ଚନ୍ଦନା ଦାଶ, କସ୍ତୁରୀ ମିଶ୍ର, ସୁଜାତା ନାୟକ ଓ ଭଦ୍ରକ ଜିଲ୍ଲାର ମନସ୍ମିତା ଖୁଣ୍ଟିଆଙ୍କୁ ନିଯୁକ୍ତି ମିଳିଛି । ଶିଶୁ ସୁରକ୍ଷା ଅଧକ୍ଷତା ବବିତା ପାତ୍ର କହିଛନ୍ତି ଯେ ତାଙ୍କ ଉପରେ ବିଶ୍ୱାସ ରଖିଥିବାରୁ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି । ଶିଶୁ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହେବ । ଶିଶୁ ନିର୍ଯାତନା କମାଇବାକୁ ରୋଡ୍‌ମ୍ୟାପ୍ କରିବୁ । ଶିଶୁ ସୁରକ୍ଷା ଅଧକ୍ଷ ଭାବେ ସେ ୫ ବର୍ଷ କାର୍ଯ୍ୟ କରିବେ । ୫ ବର୍ଷ କିମ୍ବା ୬୦ ବର୍ଷ ଯାହା ଆଗ ଆସିବ ତାହାପରେ ଅବସର ଗ୍ରହଣ କରିବେ । ସେହିପରି ମହିଳା କମିଶନ ଅଧକ୍ଷାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଛି । ୬୦ ବର୍ଷ କିମ୍ବା ୩ ବର୍ଷ ଯାହା ପ୍ରଥମେ ଆସିବ ତଦନୁଯାୟୀ ତାଙ୍କ କାର୍ଯ୍ୟକାଳର ହିସାବ କରାଯିବ ।

## ଅଗଷ୍ଟ...

ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଝାରସୁଗୁଡ଼ା...

ପିଠି ଓ ଛାତିରେ ଗୁରୁତର ଆଘାତ ଲାଗିଛି । କର୍ମଚାରୀ ସଂଘ ସଭାପତି ସେଠାରୁ ସିଧା ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ବିମାନ ବନ୍ଦର ନିର୍ଦ୍ଦେଶକ ଶ୍ରୀ ତିୱାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ତାଙ୍କ ଏଫଆଇଆରରେ ଦାବି କରିଛନ୍ତି ଶ୍ରୀ ମିଞ୍ଜ । ଅନ୍ୟପକ୍ଷରେ ଏହି ଘଟଣା ନେଇ ଶ୍ରୀ ତିୱାରୀ କିମ୍ବା ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

## ୭ରୁ...

ଯୋଗ ଦେବେ । ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ଓ "ଏକତା' ଉତ୍ସବ ଆୟୋଜନ ଉପଲକ୍ଷେ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଙ୍ଗଳବାର ଏହା କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ । ସେ କହିଛନ୍ତି, ଓଡ଼ିଶାର ବୁଣାକାରମାନେ ଆମ ସାଂସ୍କୃତିକ ଐତିହ୍ୟର ଆତ୍ମା । ହସ୍ତତନ୍ତ କେବଳ ଖଣ୍ଡେ କପଡ଼ା ନୁହେଁ, ଏହା ଆମ ଐତିହ୍ୟ ।

ଭାରତ ସରକାରଙ୍କ ବୟନ ମନ୍ତ୍ରାଳୟର ପ୍ରମୁଖ ପଦକ୍ଷେପ ଏକତା କାର୍ଯ୍ୟକ୍ରମ (ଇକେଟିଏ- ଏକ୍ସିବିସନ କମ୍ ନଲେଜ ସେୟାରିଂ ଫର ଟେକ୍ସଟାଇଲ ଆଡଭେଣ୍ଟେଜ) ଅର୍ଥାତ (ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ) ଓଡ଼ିଶା ଶାଖାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ବଳସାମନ୍ତ ୮ ତାରିଖରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ । ୭ରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯେଉଁଥିରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ସମସାମୟିକ ନୃତ୍ୟ ପ୍ରଦର୍ଶନ ସହ ଫ୍ୟାଶନ୍ ଶୋ, ଲେଜର୍ ଶୋ କାର୍ଯ୍ୟକ୍ରମ ଆୟୋଜନ ହେବ ।

୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଏକ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ ହେବ । ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ ରହିବ । ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିବେ । ରାଜ୍ୟର ବିଭିନ୍ନ ହସ୍ତତନ୍ତ ଅସ୍ମିତା ସହ ବୟନ ମନ୍ତ୍ରାଳୟ ସହଯୋଗରେ ୮ ରୁ ଅଧିକ ରାଜ୍ୟର ବୁଣାକାରମାନେ ସେମାନଙ୍କ ହସ୍ତତନ୍ତ ପ୍ରଦର୍ଶନ କରିବେ । ଏହାସହ ଫୁଡ୍ କୋର୍ଟ, ପ୍ଲେ ଜୋନ୍, ଆଦିର ବ୍ୟବସ୍ଥା ହୋଇଛ । ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଫଳପ୍ରଦ ଫଳାଫଳ ପାଇବା ପାଇଁ ବିଭିନ୍ନ କର୍ମଶାଳା, କ୍ରେତା-ବିକ୍ରେତା-ନିର୍ମାତା ସମ୍ମିଳନୀ, ଡିଜାଇନର ଓ କାରିଗରଙ୍କ ସହ ବିଶେଷ ଅଧିବେଶନ ଆୟୋଜନ କରାଯିବ । ଯୋଗ୍ୟ ବୁଣାକାରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବ ।

ଏହି ସାମ୍ବାଦିକ ସମ୍ମିଳନୀରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ୭ରୁ ୧୩ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ପାଇଁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଟିପି ଓଡ଼ିଶା ଡିସ୍‌କମ୍ ପକ୍ଷରୁ "ମେକ୍ ଇନ୍ ଓଡ଼ିଶା'କୁ ସମର୍ଥନ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶାସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକ ଗତ ଚାରି -ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପାୢୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି । ଏହିବରାଦଗୁଡ଼ିକ

**ସ୍ଥାନୀୟ ଭେଣ୍ଡରଙ୍କୁ ୧୬,୦୦୦ କୋଟିର ବରାଦ ପ୍ରଦାନ**

ଟିପି ସେଂଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦ୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବା । ବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନକରିଛି । ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହାସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଂଟ୍ ଓ ସେବାପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି । ବିଦ୍ୟୁତ୍ ଭିତିଭୂମି ଆବଶ୍ୟକତା ପାଇଁ ପୁଞ୍ଜି ବ୍ୟୟ (କ୍ୟାପେକ୍ସ), ପରିଚାଳନା ବ୍ୟୟ (ଓପେକ୍ସ), ସରକାରୀ ପାଣ୍ଠି ପ୍ରକଳ୍ପ ଏବଂବାଣିଜ୍ୟିକ ଓ ଶିଳ୍ପ (ସିଆଣ୍ଡଆଇ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି କାମ ପାଇଁ ଏହି ବରାଦଗୁଡ଼ିକ ଦିଆଯାଇଛି । ବଂଟନ ଟ୍ରାନ୍ସଫର୍ମର,ତାର, ଖୁଂଟ, ଏଲଟି ଓ ଏଚ୍‌ଟି ହାର୍ଡୱେୟାର, ଲାପଟପ, ଡେସ୍କଟପ ଓ ଅନ୍ୟାନ୍ୟ ପ୍ରମୁଖ ଉପକରଣ ଯୋଗାଣ କ୍ଷେତ୍ରରେ ପ୍ରାୟ୨୫୦୦ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି । ଏହିସହଯୋଗିତା ସ୍ଥାନୀୟ ଦକ୍ଷତା ବିକାଶ ଗଠନ ଓ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ସ୍ଥାନୀୟସମୁଦାୟରୁ ନିଯୁକ୍ତି ଦେବାକୁ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଉଛି, ଯାହା ଫଳରେ ସ୍ଥାନୀୟ ସ୍ତରରେ ପ୍ରତ୍ୟକ୍ଷ ନିଯୁକ୍ତି ଉତ୍ସ ସୃଷ୍ଟିହେବ ଏବଂ ଦକ୍ଷତା ବିକାଶରେ ଉନ୍ନତି ହୋଇପାରିବ । ଏହି ଅଭିଯାନ ଓଡ଼ିଶା ସରକାରଙ୍କ "ମେକ୍ ଇନ୍ ଓଡ଼ିଶା' ଲକ୍ଷ୍ୟ ସହିତସମନ୍ୱିତ ରହିଛି ଯେଉଁଥିରେ ଏକ ସ୍ୱାବଲମ୍ବୀ, ଦୃଢ଼ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି ।


# ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ

ଗୁରୁଜଙ୍ଗ (ଖୋର୍ଦ୍ଧା) : ଖୋର୍ଦ୍ଧାର ଜନପ୍ରିୟ ତଥା ସ୍ୱନାମଧନ୍ୟ ଡାକ୍ତର ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟ ଓ ତାଙ୍କର ଧର୍ମପତ୍ନୀ ଶୈବାଳିନୀ ଦେବୀଙ୍କର ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ଯଥାକ୍ରମେ ତା.୬.୮.୨୫ ଏବଂ ୧୨.୮.୨୫ ରିଖରେ ଗୁରୁଜଙ୍ଗସ୍ଥିତ ରାଜପ୍ରାସାଦ ରାମକୃଷ୍ଣ-ଶୈବାଳିନୀ ସଦନରେ ମହାସମାରୋହରେ ପାଳିତ ହେବ । ଏହି ଅବସରରେ ନାମ ସଂକୀର୍ତ୍ତନ, ଗୀତାପାଠ ଓ ପୁଷ୍ପାଞ୍ଜଳି, ସ୍ମୃତିସଭା ତଥା ମଧ୍ୟାହ୍ନ ୨ ଘଟିକା ସମୟରେ ପ୍ରସାଦ ସେବନର ଆୟୋଜନ କରାଯାଇଛି । ସମସ୍ତ ଶୁଭାକାଂକ୍ଷୀ ଜନତାଙ୍କୁ ତାଙ୍କର ଜ୍ୟେଷ୍ଠପୁତ୍ର ଉଚ୍ଚନ୍ୟାୟାଳୟର ଆଇନଜୀବୀ ରାଧାକୃଷ୍ଣ ସାମନ୍ତରାୟ ଉକ୍ତ ଉତ୍ସବରେ ଯୋଗଦାନ ପାଇଁ ଅନୁରୋଧ କରିଅଛନ୍ତି ।

# ୩ ବାଲି ଗାଡି ଜବତ

ସୋର, (ସବ୍ୟୁ): ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ବାଲି ବୋଝେଇ ହାଇଓ୍ୱା ଏବଂ ଖଣି ବିଭାଗ ତରଫରୁ ଏକ ବାଲି ବୋଝେଇ ହାଇଓ୍ୱା ଜବତ କରାଯାଇଛି । ସୂଚନା ଅନୁସାରେ ମଙ୍ଗଳବାର ସକାଳ ସମୟରେ ସୋର ତହସିଲଦାର ଦୈତାରି ମଲ୍ଲିକ ଏକ ଟିମ ସହ କଲେଜ ଛକ ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ଗାଡିର କାଗଜପତ୍ର ଯାଞ୍ଚ କରିବା ବେଳେ ଦୁଇଟି ଗାଡିର କାଗଜପତ୍ର ନଥାଇ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜାଣିବାକୁ ପାଇ ଗାଡ଼ିକି ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିବା ସହିତ ତହସିଲ ପରିସରରେ ରଖାଯାଇଥିବା ଜଣାପଡିଛି ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗୀୟା ଶୈବାଳିନୀ ଦେବୀ**
ସ୍ୱାମୀ ସ୍ୱର୍ଗୀୟ ଡାକ୍ତର
ରାମକୃଷ୍ଣ ସାମନ୍ତରାୟ
ଗୁରୁଜଙ୍ଗ, ଖୋରଧା
ଧରାବତରଣ : ୩୦.୧୨.୧୯୨୭
ତିରୋଧାନ : ୭.୮.୧୯୫୭

ଅଦ୍ୟ ଶ୍ରାବଣମାସ ପବିତ୍ର ଦ୍ୱାଦଶୀତିଥି ବୁଧବାର ତା.୦୬.୦୮.୨୦୨୫ ରିଖରେ ତୋର ୬୮ ତମ ଶ୍ରାଦ୍ଧଦିବସ । ଏହି ଅବସରରେ ତୋର ଆରାଧ ଦେବତା ଗୁରୁଜଙ୍ଗ ଗ୍ରାମେ ବିଜେ ପ୍ରଭୁ ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ଠାରେ ମୁଁ ପ୍ରାର୍ଥନା କରୁଛି ତୋର ଅମରଆତ୍ମା ଚିରଶାନ୍ତିଲାଭ କରୁ । ମୁଁ ଏହି ପବିତ୍ର ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ତୋତେ ଜ୍ଞାପନ କରୁଛି ।

ତୋର ଜ୍ୟେଷ୍ଠ ପୁତ୍ର
ରାଧାକୃଷ୍ଣ (ରାଧୁଆ)

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NABARANGPUR**

**Tender Call Notice No. 7851 Date : 06.08.2025**

**Outsourcing of Selection of agency for Techno managerial services for ZSS NHM, Nabarangpur**

E-292 : Sealed tenders are invited from eligible Bidders for selection of agency to undertake paramedics, Nursing & other Techno Managerial Services at Govt. Health Institutions. The Request for proposal (RFP) is available at **www.nabarangpur.odihsa.gov.in** the website. The interested bidders can download the RFP from district website and submit the proposal by 29.08.2025, 5.30p.m by speed/Register post. The undersigned reserves the right to reject any or all the tender without assigning any reason thereof.

Sd/- CDM&PHO CUM District Mission Director, Nabarangpur

OIPR : 10164/11/0007/2526

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated. 04.08.2025. I, SRUTIMAYEE SWAIN of Village-Oranal, Po-Nimol, Ps-Erasama, Dist-Jagatsinghpur declare that I have changed my name from SMRUTIMAYEE SWAIN to SRUTIMAYEE SWAIN. Henceforth I shall be known as SRUTIMAYEE SWAIN for all pruposes.

Srutimayee Swain
(New Name)

**କର୍ଣ୍ଣାଟକ ବ୍ୟାଙ୍କ ଲିଃ.**
ଭାରତରେ ସର୍ବତ୍ର ଆପଣଙ୍କ ପରିବାର ବ୍ୟାଙ୍କ

ଭୁବନେଶ୍ୱର ଶାଖା, ପ୍ଲଟ୍ ନଂ.: ୬୯୮, ଶହୀଦ ନଗର, ବିଏମ୍‌ସି ଭବାନୀ ମଲ ବିପରୀତ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭, ଫୋନ୍: ୦୬୭୪ – ୨୫୪୪୩୩୭, ୨୫୪୦୧୭୪, ୨୫୪୬୬୭୪, ଇ-ମେଲ: bhubaneswar@ktkbank.com, ୱେବସାଇଟ: www.karnatakabank.com, CIN: L85110KA1924PLC001128

**ଲକର୍ ଭଙ୍ଗା ସର୍ବସାଧାରଣ ନୋଟିସ୍**

ଏତଦ୍‌ଦ୍ୱାରା ନିମ୍ନଦର୍ଶିତ ଲକରଧାରୀମାନଙ୍କୁ ଜଣାଇ ଦିଆଯାଉଛି କି, ଆମେ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ମଧ୍ୟ ସେମାନେ ୩ବର୍ଷରୁ ଅଧିକ ସମୟ ଧରି ଲକର ଭଡା ପଇଠ କରିବାରେ ବିଫଳ ହୋଇଛନ୍ତି । ତେଣୁ ଲକରଧାରୀମାନଙ୍କୁ ଅବଗତ କରାଇ ଦିଆଯାଉଛି କି, ଯଦି ସେମାନେ ତା.୨୦.୦୮.୨୦୨୫ରିଖ ପୂର୍ବରୁ ଲକର ଭଡା ପୈଠ ନକରନ୍ତି ତେବେ ବ୍ୟାଙ୍କ ନିମ୍ନଦର୍ଶିତ ତାରିଖରେ ବ୍ୟାଙ୍କର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଅପରାହ୍ନ ୩.୦୦ ଘଟିକାରେ ଲକର ଭାଙ୍ଗିବାକୁ ବାଧ୍ୟ ହେବ । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ, କୌଣସି ପରବର୍ତ୍ତୀ ନୋଟିସ ନଦେଇ କୌଣସି ସୁବିଧାଜନକ ତାରିଖରେ ଲକର ଭାଙ୍ଗି ଖୋଲିବାକୁ ସ୍ଥଗିତ/ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛି ।

| କ୍ର.ସଂ | ଲକର ନଂ. | ଲକରଧାରୀଙ୍କ ନାମ | ବାକି ଥିବା ଲକର ଭଡା | ଲକର ଖୋଲିବା ସ୍ଥାନ |
|---|---|---|---|---|
| ୧ | ଏସ୍୧-୪ | ସଞ୍ଜିବ ଭଗତ | ଟ. ୫୦୭୪/- | ପ୍ଲଟ୍ ନଂ.: ୬୯୮, ଶହୀଦ ନଗର, ବିଏମ୍‌ସି ଭବାନୀ ମଲ ବିପରୀତ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭ |
| ୨ | ଏସ୍୧-୫୦ | ଇନ୍‌ଫରମେସନ ଟେକ୍ନୋଲୋଜୀ ଆସୋସିଏସନ୍ | ଟ. ୪୩୦୭/- | |
| ୩ | ଏସ୍୧-୬୫ | ଦୁର୍ଗା ମାଧବ ପାତ୍ର | ଟ. ୪୩୦୭/- | |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୦୮.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

**ଦ.ପୂ. ରେଳପଥ-ଟେଣ୍ଡର**

ଆଇଆରଇପିଏସ ଟେଣ୍ଡର ନଂ. : ଡିଆରଏସ-ଆରଓଇ-୦୨-୨୦୨୫-୨୬, ତାରିଖ : ୦୨.୦୮.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକଟ୍ରିକାଲ ଇଞ୍ଜିନିୟର, ଇଲେକଟ୍ରିକ ଲୋକୋ ସେଡ୍, ରାଉରକେଲା, ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ସୂଚିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ବିବରଣୀ : ଇଏଲଏସ୍/ରାଉରକେଲାଠାରେ ୦୨ ବର୍ଷ ଅବଧି ପାଇଁ ୩ ପର୍ଯ୍ୟାୟ ଲୋକ ମୋଟିଭସ୍‌ର ମାଇନର ଯାଞ୍ଚ ଓ ବୃହତ ଅନୁସୂଚୀ ସକାଶେ ବ୍ଲୁପ୍ ମାଉଣ୍ଟ ସିଏଚି ଏସି ୟୁନିଟ୍‌ର ମରାମତି ଓ ରକ୍ଷଣାବେକ୍ଷଣ । କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୫୯,୬୬,୫୨୫.୦୧, ଅମାନତ ଅର୍ଥ : ଟ. ୧,୧୯,୩୦୦/- । ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୬.୦୮.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା । ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ : http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପର ସୂଚିତ ୱେବସାଇଟ୍‌ରେ ଉପଲବ୍ଧ ହେବ । (PR-479)

**IDBI BANK** ଚନ୍ଦ୍ରଶେଖରପୁର ଶାଖା (୧୧୬୦), ଭୁବନେଶ୍ୱର, ପିନ୍-୭୫୧୦୧୬

**ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ଆଇଡିବିଆଇ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା (୧୧୬୦) ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୦୮.୦୮.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଆରମ୍ଭ କରାଯିବ ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାରଗୁଡିକର ବିବରଣୀ | ନେଟ୍ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧୧୬୦୬୭୧୧୦୦୦୧୭୯୪୯ / ବବି କର, ପିତା: ନିରଞ୍ଜନ କର, ଠିକଣା-୧: ପ୍ଲଟ୍ ନଂ.: ଏମ୍‌ଆଇଜି-ଏସ୍୯, ପ୍ରଗତୀ ଏନ୍‌କ୍ଲେଭ୍, ଆଚାର୍ଯ୍ୟ ହରିହର କଲେଜ୍ ନିକଟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୧୬ ଠିକଣା-୨: ପ୍ଲଟ୍ ନଂ.: ୨୧୧, ଫେଜ୍-୨, ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର, ଖୋର୍ଦ୍ଧା, ଭୁବନେଶ୍ୱର - ୭୫୧୦୧୬ | କ) ଲକେଟ୍ - ୦୭ ଟି ଖ) ଚେନ୍ ସହିତ ଲକେଟ୍ (ବିଡ୍ ସହିତ) - ୦୧ ଟି | କ) ୩.୦୦ ଖ) ୧୧.୦୦ | କ) ଟ.୨୭,୦୦୦/- ଖ) ଟ.୯୯,୦୦୦/- | କ) ଟ.୨,୭୦୦/- ଖ) ଟ.୯,୯୦୦/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) ଚନ୍ଦ୍ରଶେଖରପୁର ଶାଖା (୧୧୬୦) କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୦୬.୦୮.୨୦୨୫ ରିଖ ଏବଂ ତା.୦୭.୦୮.୨୦୨୫ ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ । ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୭.୦୮.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୫.୦୮.୨୦୨୫ ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲି.

**GOVERNMENT OF ODISHA : OFFICE OF THE CONSTRUCTION ENGINEER RURAL WORKS CIRCLE : SUNDARGARH**
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online - RWCCESNG - 06 of 2025-26, Letter No. 1884 / Dtd. 30.07.2025

O-525

**e-Procurement NOTICE**

1. Type of the Work : Building (PHC Building)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last Date & Time of Seeking Tender Clarification | Date & Time of openign of tender: Technical Bid | Date & Time of openign of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-06 of 2025-26 | 12.08.2025 11.00 AM | 25.08.2025 5.00 PM | 22.08.2025 5.00 PM | 26.08.2025 11.00 AM | Will be intimated separately |

Further details can be seen from the website **www.tendersodisha.gov.in**

OIPR : 25133/11/0056/2526

Sd/- Chief Construction Engineer
Burla Works Circle, Sundargarh

**ଦସ୍ତାବିଜ ହଜିଛି**

ମୁଁ ସୁଶାନ୍ତ ପ୍ରଧାନ, ବାପା– ସ୍ୱର୍ଗତ ବେଲାଳ ପ୍ରଧାନ, ଭାଟକୁମରଡା (ମେନ୍ ରୋଡ୍), ଥାନା– ପୁରୁଷୋତ୍ତମପୁର, ଜିଲ୍ଲା–ଗଞ୍ଜାମ, ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଛି ଯେ, ପୁରୁଷୋତ୍ତମପୁର ସବ୍–ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରଦତ୍ତ SALE DEED No ଯାହାର ନମ୍ବର ୧୦୫୧/୨୦୧୦ ଏବଂ ତାରିଖ ୨୪/୦୭/୨୦୨୫ରେ ମୁଁ ବାଇକ୍ ଯୋଗେ ପୁରୁଷୋତ୍ତମପୁର ପରିବା ବଜାରକୁ ଯାଇଥିଲି । ଘରକୁ ଫେରିବା ବାଟରେ କେଉଁଠାରେ ପଡିଯାଇଛି । ବହୁ ଖୋଜାଖୋଜି ସତ୍ତ୍ୱେ ତାହା ନମିଳିବାରୁ ପୁରୁଷୋତ୍ତମପୁର ପୋଲିସ୍ ଥାନାରେ GD ନମ୍ବର ୨୨/୨୫ ପ୍ରକାରେ ଅବଗତ କରାଇଛି । ତେଣୁ ଯଦି କୌଣସି ସହୃଦୟ ବ୍ୟକ୍ତି ତାହା ପାଇଥାନ୍ତି, ତେବେ ମୋତେ ୬୩୭୦୨୮୬୫୭୫ ନମ୍ବରରେ କିମ୍ବା ନିକଟସ୍ଥ ପୋଲିସ୍ ଥାନାରେ ଜଣାଇବା ପାଇଁ ଅନୁରୋଧ ।

ସୁଶାନ୍ତ ପ୍ରଧାନ

**OFFICE OF THE CHILD DEVELOPMENT PROJECT OFFICER, TELKOI, KEONJHAR**
E-mail :telkoiicds@gmail.com

**NOTICE**

g-77

No. 1830/ Dt. 04.08.2025

Child Development Project OfficerTelkoi.Keonjhar Invites Quotations in sealed cover from the intending Agencies/Registered Firms/ Co-Operative Societies for wall paintings Anganwadi Centers under this I.C.D.S. Project The quotation should be subscribed "Quotation for wall painting at AWC level & Pusti Kantha at village level under ICDS Project Office.Telkoi "

The details of Quotations are available with the Child Development Project Office. Telkoi. The same can be downloaded from the District Website https://kendujhar.odisha.gov,in. The Quotations complete in all respect along with all required documents in sealed covers should be dropped in tender box of this office or send through registered post and should reach to this office by 5.30 P.M. of dt. 19.08.2024 in a sealed envelope clearly mention on the top of it **"QUOTATION FOR WALL PAINTINGS AT AWC LEVEL & PUSTI KANTHA AT VILLAGE LEVEL UNDER I.C.D.S.PROJECT OFFICE, TELKOI"**. The same will be opened on 25.08.2025 at 3.00 P.M. in the Office Chamber of BDO. Telkoi. Keonjhar in presence of the Quotationers or their authorized Agents along with the Samples of the Quoted paintings mentioned in the quotation paper. Quotations received beyond the scheduled date and time shall not be taken in to consideration. After approval of tender by the Purchase Committee, the sample of the paintings will be handed over to the C.D.P.O. Telkoi for subsequent verification. The Quotationers or their authorized agents/ representatives are requested to remain present at 03 P.M. on dt. 25.08.2024 at the time of opening of the Tender Box in the chamber of BDO Telkoi.

The Child Development Project Officer. Telkoi reserves all the rights to reject/cancel any or all the Quotations without assigning any reasons thereof and shall bear no liability what so ever consequent upon such decision.

The specification/colour etc. of the paintings and Terms and Conditions can be obtained from the office of the undersigned on any working day from dt. 05.08.2025 to 19.08.2025. upto 5.30 P.M.

The paintings should be completed within 2 months of receipt of order.

Sd/- Child Development Project Officer, Telkoi

OIPR : 33068/11/0001/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବ୍ରୋଞ୍ଜ ବିଜେତା ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଶ୍ୱେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ ବ୍ରୋଞ୍ଜ ମେଡାଲ ଜିତି ଦେଶ ପାଇଁ ଗୌରବ ଆଣିଥିବା ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦୁଝରର ଷ୍ଟାଡିୟମରେ ଅନୁଷ୍ଠିତ ସାହାଣୀ କପ୍ ଫାଇନାଲ ମ୍ୟାଚ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ୱେତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସି ବ୍ୟକ୍ତ କରିବା ସହ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅଟିଏ ବିଶ୍ୱସ୍ତରରେ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଜିଲ୍ଲାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି।

ଏହି ସମ୍ବର୍ଦ୍ଧନା ପାଇବା ପରେ ଶ୍ୱେତା ଆନନ୍ଦିତ ହେବା ସହ ଜିନ୍ଦଲ ଫାଉଣ୍ଡେସନ ଓ ଏହାର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି ସଫଳତା



ପଛରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଅବଦାନ ପାଇଁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି।

ଏହି ସଫଳତାରେ ଶ୍ରୀମତୀ ଜିନ୍ଦଲ ଖୁସି ପ୍ରକାଶ କରିବା ସହ କହିଛନ୍ତି, "ଏସୀୟ ଜୁନିୟର ଉସୁ ଚାମ୍ପିଅନସିପରେ ଶ୍ୱେତାଙ୍କ ସଫଳତା ପାଇଁ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ତାଙ୍କ ସଫଳତାରେ ଆମ ସ୍ପୋର୍ଟସ ହଷ୍ଟେଲର ଉଦ୍ୟମ ଓ ଗ୍ରାମୀଣ ଆଦିବାସୀ ପ୍ରତିଭାଙ୍କ ଦକ୍ଷତା ପ୍ରତିଫଳିତ ହେଉଛି। ତାଲିମ, ଶିକ୍ଷା ଓ ସୁଯୋଗ ପ୍ରଦାନ ଦ୍ୱାରା ଯୁବ କ୍ରୀଡ଼ାବିତଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିନ୍ଦଲ ଫାଉଣ୍ଡେସନ ସର୍ବଦା ପ୍ରତିଶ୍ରୁତିବଦ୍ଧ"। ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ ଶ୍ୱେତାରାଣୀ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ଚୀନ, ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମୁଦାୟ ୧୦ଟି ମେଡାଲ ଜିତିଛନ୍ତି। ଏହି ମେଡାଲ ଶ୍ୱେତାରାଣୀଙ୍କର ଚତୁର୍ଥ ଅନ୍ତର୍ଜାତୀୟ ମେଡାଲ।

ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ ମୁଖ୍ୟ(ସିଏସଆର) ପ୍ରଶାନ୍ତ ହୋତା କହିଛନ୍ତି, "ଜଣେ ସମର୍ପିତ କ୍ରୀଡ଼ାପ୍ରେମୀ ତଥା ଆମ ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟି ଆଧାରରେ ଏବଂ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ, ଜିନ୍ଦଲ ଫାଉଣ୍ଡେସନ ତୃଣମୂଳସ୍ତରର କ୍ରୀଡ଼ାବିତଙ୍କୁ ଭବିଷ୍ୟତରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଅଲିମ୍ପିକ ପାଇଁ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ କେନ୍ଦୁଝରର ଆଦିବାସୀ ପ୍ରତିଭାମାନେ ଦେଶକୁ ଗର୍ବିତ କରୁଥିବାରୁ ଆମେ ବହୁତ ଖୁସି। ଏହାସହିତ କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ସମସ୍ତ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ"। ଫାଉଣ୍ଡେସନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି

# ପ୍ରଫୁଲ୍ଲ ସିଂହ କଟକ ଜିଲ୍ଲା ବିଜେଡି ସଭାପତି, ଆଗରେ ବହୁତ ଚାଲେଞ୍ଜ

କଟକ, (ସ୍ୱପ୍ର) : ପୂର୍ବତନ କଟକ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଛନ୍ତି । ରେଭେନ୍ସା ଛାତ୍ର ରାଜନିତୀରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ପ୍ରଫୁଲ୍ଲ ସିଂହଙ୍କୁ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ତାଙ୍କ ପାଇଁ ଚାଲେଞ୍ଜ ସଦୃଶ୍ୟ ହୋଇଛି । କଟକ ଜିଲ୍ଲାର ୯ ବିଧାନସଭା କ୍ଷେତ୍ରରୁ ଗତ ନିର୍ବାଚନରେ ଦଳ ହାତରୁ ୫ଟି ବିଧାନସଭା ଓ ଲୋକସଭା ଆସନ ଚାଲିଯାଇଛି । ବିରୋଧି ଆସନରେ ବସି ବିଜୁ ଜନତାଦଳ ଏବେ ରାଜ୍ୟରେ ସାଙ୍ଗଠନିକ ସ୍ଥିତି ଦ୍ୱରାନିତ୍ୱ କରୁଥିବା ବେଳେ କଟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ସଭାପତି ଦାୟିତ୍ୱ ପ୍ରଫୁଲ୍ଲଙ୍କ ଉପରେ ନ୍ୟସ୍ତ କରିଛି । ଦଳ



ଯେଉଁ ଭରସା କରିଛି ତାକୁ ସେ କେତେଦୂର ସଫଳତାର ସହ ମୁକାବିଲା କରି ଦଳକୁ ଆଗକୁ ନେବେ ତାହା ବର୍ତ୍ତମାନ ପ୍ରଫୁଲଙ୍କ ପାଇଁ ଚାଲେଞ୍ଜ ହୋଇଛି । ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ । ତେଣୁ ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ଶାସନଭାର ସମ୍ଭାଳିଥିବା ବିଜେଡି କଟକ ଜିଲ୍ଲାରେ ତାର ସାଙ୍ଗଠନିକ ସ୍ଥିତି ମଜଭୁତ କରି ୮ ବିଧାନସଭା, ଲୋକସଭା ସହିତ ୯୦ ପ୍ରତିଶତ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ଜିତାଇ ନିଜର ଦୃଢ ସାଙ୍ଗଠନିକ ସ୍ଥିତିର ପ୍ରମାଣ ଦେଇ ସାରିଛି । ହେଲେ ଏବେ ପରିସ୍ଥିତ ପୁରା ବଦଳି ଯାଇଛି । ବିଜେପି ହାତରେ ଏବେ ରାଜ୍ୟ ଶାସନ ଦାୟିତ୍ୱ । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପ୍ରଫୁଲ୍ଲ ସିଂହଙ୍କୁ ଦଳ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ଯେଉଁ ଚାଲେଞ୍ଜ ଛିଡା କରିଛି ତାକୁ ସେ କେତେଦୁର ସଫଳତାର ସହିତ ସମ୍ପନ୍ନ କରିବେ ତାହା ତାଙ୍କ ପାଇଁ ଏସିଡ ଟେଷ୍ଟ ସଦୃଶ୍ୟ ହୋଇଛି ।

# ଏସସିବିରେ ବନ୍ଦଥିବା ଯକୃତ ଓ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି

କଟକ, (ସବ୍ୟୁ) ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଯକୃତ ପ୍ରତ୍ୟାରୋପଣ ଓ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ କାର୍ଯ୍ୟ ବନ୍ଦ ହୋଇଥିବାରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ଦାବି କରିଛି। ମଞ୍ଚର ପ୍ରତିଷ୍ଠାତା ସଭାପତି ଆଡ୍‌ଭୋକେଟ୍ ଅମୀୟ ଭୂଷଣ ବିଶ୍ୱାଳ ଙ୍କ ନେତୃତ୍ୱରେ ଏକ ଦଳ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର. ଡା. ଗୌତମ କୁମାର ଶତପଥୀ ଓ ରେଜିଷ୍ଟ୍ରାର ପ୍ରଶାସକ ସୁବାସ ଚନ୍ଦ୍ର ରାୟ ଙ୍କ ସହ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ଆଲୋଚନା ପରେ ସରକାର ଉଭୟ ବିଭାଗକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି । ସବୁ ବ୍ୟବସ୍ଥା ସତ୍ତ୍ୱେ ତାଲିମପ୍ରାପ୍ତ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ପାଇଁ ଦୁଇଟିଯାକ ବିଭାଗ ବନ୍ଦ ରହିଥିବା ସ୍ପଷ୍ଟ ହୋଇଛି ।ତୁରନ୍ତ ଖାଲିପଡିଥିବା ପଦବୀ ଗୁଡିକ ପୂରଣ କରିବା ସହିତ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ଡାକ୍ତର ଙ୍କୁ କିମ୍ବା ବାହାରୁ ଚିକିତ୍ସକ ଦଳକୁ ନିଯୁକ୍ତି ଦେଲେ ଏହି ସମସ୍ୟା ଦୂର କରାଯାଇପାରିବ ବୋଲି ମଞ୍ଚ ମତବ୍ୟକ୍ତ କରିଛି । ଏଥିସହିତ ସରକାର ଏସ୍‌ସିବି ରେ ତୁରନ୍ତ ହୃଦ୍‌ରୋପଣ କାର୍ଯ୍ୟ ଆରମ୍ଭ କରିବାକୁ ମଞ୍ଚ ଦାବି କରିଛି । ଏହି ଦାବିପତ୍ର ଓ ବିଚାର ଆଲୋଚନାରେ ମଞ୍ଚର ସଭାପତି ଆଡ୍‌ଭୋକେଟ୍ ଅମୀୟ ଭୂଷଣ ବିଶ୍ୱାଳ ଙ୍କ ସହିତ ସଂପାଦକ ଆଇନଜୀବି କମଳାକାନ୍ତ ମହାନ୍ତି, କର୍ମକର୍ତ୍ତା ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ସଭ୍ୟ ବୃନ୍ଦାବନ ଦାସ ଆଜାଦ୍, ଆଇନଜୀବି ଚିତ୍ତ ରଂଜନ ମହାନ୍ତି, ମଳୟ କୁମାର ଷଡଙ୍ଗୀ, ପ୍ରଦୀପ କୁମାର ପଣ୍ଡା, ଇଂ ଅନ୍ୱୟ ଅଭିନବ, ସୁଶ୍ରୀ ସୂର୍ଯ୍ୟସ୍ନାତା ଓ ଲିସା ମହାରଣା ପ୍ରମୁଖ ଯୋଗଦେଇଥିଲେ ।

## ହତ୍ୟାକାଣ୍ଡରେ ସମ୍ପୃକ୍ତ ସୁଲେମାନ ସହଯୋଗୀ ଗିରଫ

ଆଠଗଡ଼, (ସବ୍ୟୁ) : ହତ୍ୟାକାଣ୍ଡରେ ସମ୍ପୃକ୍ତ ସୁଲେମାନ ସହଯୋଗୀକୁ ଗିରଫ କରିଛି ଆଠଗଡ଼ ପୋଲିସ ।୨୦୦୯ ମସିହା କେନ୍ଦ୍ରାପଡ଼ାରେ ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସୁଲେମାନ ସହଯୋଗୀ ଶ୍ରୀନିବାସ ଦାସ ଦୀର୍ଘ ଦିନ ଧରି ଫେରାର ଥିଲା । ଏବିଷୟରେ କେନ୍ଦ୍ରାପଡା ଥାନା ପକ୍ଷରୁ ଆଠଗଡ଼ ଥାନାୁ ଅବଗତ କରାଯାଇଥିଲା । ଆଠଗଡ଼ ପୋଲିସ ଢେଙ୍କାନାଳ ପୋଲିସ ସହାୟତାରେ ଢେଙ୍କାନାଳ ବାଲିମି ଥାନା ଅଞ୍ଚଳରୁ ଗିରଫ କରିଛି । ଶ୍ରୀନିବାସ ଙ୍କର ଆଠଗଡ଼ ଥାନାରେ ଏକାଧିକ ମାମଲା ରହିଛି । ଆଠଗଡ଼ ଥାନା ଅର୍ନ୍ତଗତ ବଡ଼ ଭୂଇଁ ଗ୍ରାମର ଶ୍ରୀନିବାସ ଦାସ ( ଭିମ) କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଠଗଡ଼ ଥାନା ଅଧିକାରୀଣି ସୁମନ୍ତି ମହାନ୍ତି ସୂଚନା ଦେଇଛନ୍ତି ।

### ବିରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟ ପରିସରରେ

# ତମାଖୁ ଦ୍ରବ୍ୟ ବ୍ୟବହାରକୁ ନେଇ ସଚେତନତା ସଭା

କଟକ (ସବ୍ୟୁ)କଟକ ସ୍ଥିତ ବିରେନ୍ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟ ପରିସରରେ ନିଶା ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ" ନିଶାମୁକ୍ତି ସମାଜ ଏକ ଲକ୍ଷ୍ୟ" ଅନୁଷ୍ଠିତ ହୋଇଥିଲା ।ମହାବିଦ୍ୟାଳୟର +୩ ଏନ୍ ଏସ୍ ଏସ୍ ( ଜାତୀୟ ସେବା ସଂଗଠନ)ର ସଂଯୋଜିକା କେ ବର୍ଷାରାଣୀ ମୁର୍ମୁଙ୍କ ଦ୍ୱାରା ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରହଲ୍ଲାଦ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିବା ସହିତ ସୁଚାରୁ ରୂପେ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚୌଦ୍ୱାର କଲେଜର ବାଣିଜ୍ୟ ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ ପ୍ରଭାକର ମିଶ୍ର ନିଶା ନିବାରଣ ନିମନ୍ତେ ଛାତ୍ରୀମାନଙ୍କୁ ସଚେତନ କରାଇବା ସହିତ ଏଥିନିମନ୍ତେ କାର୍ଯ୍ୟକ୍ଷମ ଥିବା ବିଭିନ୍ନ ଆଇନ ବିଷୟରେ( ଏନ୍‌ସିଓଆରଡି, ସିଓଟିପିଏ, ଏନ୍‌ଡିପିଏସ୍) ଅବଗତ କରାଇଥିଲେ। ତମାଖୁ



ସେବନ କେବଳ ଯେ ଏକ ବ୍ୟକ୍ତିଗତ ସମସ୍ୟା ତାହା ନୁହେଁ—ବରଂ ଏହା ଏକ ସାମାଜିକ ବ୍ୟାଧି। ଏହା ପରିବାର ଭାଙ୍ଗିଦିଏ, କ୍ୟାରିଅର ଧ୍ୱଂସ କରେ ଓ ଜୀବନକୁ ଅନ୍ଧକାର ଆଡକୁ ନେଇଯାଏ ,ତେଣୁ ଏହା ସହିତ ଲଢ଼ିବାର ସର୍ବୋତ୍ତମ ଉପାୟ ହେଉଛି ସଚେତନତା, ସତର୍କତା ଓ ସମୟୋପଯୋଗୀ ହସ୍ତକ୍ଷେପ ବୋଲି ଶ୍ରୀ ମିଶ୍ର ମନ୍ତବ୍ୟରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଶ୍ୱାଳ ନିଶା କିଭଳି ଯୁବ ସମାଜକୁ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଦୁର୍ବଳ କରିଦିଏ, ସେ ବିଷୟରେ ଉଦାହରଣ ସହ ନିଜସ୍ୱ ଅନୁଭବ ଗୁଡ଼ିକୁ ବଖାଣିଥିଲେ। ଛାତ୍ରଛାତ୍ରୀମାନଙ୍କର ଏହି ସମୟ ହେଉଛି ବଢ଼ିବା, ଶିଖିବା ଓ ସ୍ୱପ୍ନ ଦେଖିବାର ସୁନେଲି ସମୟ। ତେଣୁ ନିଜ ଭବିଷ୍ୟତକୁ ତମାକୁ, ମାଦକ ବା ଅନ୍ୟ କୌଣସି ହାନିକାରକ ଦ୍ରବ୍ୟ ପାଖରେ ବନ୍ଧକ ନ ରଖି ନଷ୍ଟ କରିବାକୁ ନ ଦେବାକୁ ସେ ପରାମର୍ଶ ଦେଇଥିଲେ।ଏହି ସଭାରେ ଉଭୟ +୨ ଓ +୩ ର ଛାତ୍ରୀମାନେ ତଥା କଲେଜର ଅଧ୍ୟାପକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଜିଠୁ ତମାକୁ କୁ ସମସ୍ତେ "ନାଁ" କୁହନ୍ତୁ, ଏହା କେବଳ ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟ ପାଇଁ ଅଭିପ୍ରେତ ନୁହେଁ, ବରଂ ସମଗ୍ର ପରିବାର,ବନ୍ଧୁ ବାନ୍ଧବ, ମିତ୍ର,ସହୋଦର ଓ ସମାଜ ପାଇଁ ମଧ୍ୟ ଏହା ମହତ୍ତ୍ୱପୂର୍ଣ୍ଣ ବୋଲି ସଭାରେ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ଶେଷରେ +୩ ଏନ୍ ଏସ୍ ଏସ୍ ର ସଂଯୋଜିକା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁର ଶିଶୁ ମଙ୍ଗଳ ସମିତିର ବେଆଇନ ଓ ଭ୍ରମାତ୍ମକ ଆଦେଶକୁ ବିରୋଧ

ଭୁବନେଶ୍ୱର, (ସବ୍ୟୁ) : ଗତ ଅଗଷ୍ଟ ୨ ତାରିଖ ଦିନ ରୁଚିକାର ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହେବା ପରେ ଜଗତସିଂହପୁର ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିବେକାନନ୍ଦ ବଳଙ୍କୁ ଗିରଫ କରାଯାଇଥିଲା । ଅଗଷ୍ଟ ୩ ତାରିଖ ଦିନ ସମିତିର ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଜଗତସିଂହପୁର ଶିଶୁ ମଙ୍ଗଳ ସମିତି ବାଲ୍ୟବିବାହ ରୋକିବା ବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ସିଡବ୍ଲ୍ୟୁସି କୌଣସି ବ୍ୟକ୍ତି ବା ସଙ୍ଗଠନକୁ ଅଧିକୃତ କରିନଥିବା କହି ସେମାନଙ୍କୁ ପୋଲିସ କର୍ତ୍ତୃପକ୍ଷ ଓ ବାଲ୍ୟବିବାହ ବିରୋଧ ଅଧିକାରୀ ସାହାଯ୍ୟ କରିବେ ନାହିଁ ବୋଲି ଏକ ନିର୍ଦ୍ଦେଶନାମା ତାଙ୍କ ଚିଠି ସଂଖ୍ୟା ୬୪୮ରେ ଜାରି କରାଯାଇଛି । ଏହି ନିର୍ଦ୍ଦେଶନାମା ଏକ ବେଆଇନ ଓ ଭ୍ରମାତ୍ମକ ଅନଅଧିକାର ନିର୍ଦ୍ଦେଶନାମା ବୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ବେଣୁଧର ସେନାପତି ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ମର୍ମରେ ସେ ସିଡବ୍ଲ୍ୟୁସିର ଭ୍ରମାତ୍ମକ ତଥା ବେଆଇନ ନିର୍ଦ୍ଦେଶନାମାକୁ ରଦ୍ଦ କରିବା ପାଇଁ ଜଗତସିଂହପୁର ଜିଲ୍ଲା ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷାଙ୍କୁ ନିବେଦନ କରିଛନ୍ତି ।

ସେ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଯେଭଳି ଭାରତ ପାର୍ଲାମେଣ୍ଟର ଏକ ଆଇନ ଅନୁସାରେ ସୃଷ୍ଟି ହୋଇଛି । ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକ ମଧ୍ୟ ସେହିଭଳି ପାର୍ଲାମେଣ୍ଟର ଆଇନ ଅନୁସାରେ ସୃଷ୍ଟି ହୋଇଛନ୍ତି । ତେଣୁ ସିଡବ୍ଲ୍ୟୁସି କର୍ତ୍ତୃପକ୍ଷଙ୍କର ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାର ଅଧିକାର ନାହିଁ । ଦେଶର ଆଇନ ଅନୁସାରେ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ସମାଜସେବା କାର୍ଯ୍ୟ ଯେକୌଣସି ସ୍ଥାନରେ କରିପାରିବେ । କିଶୋର ନ୍ୟାୟ ଆଇନର ଧାରା ୨୯ ଓ ୩୦ରେ ଉଲ୍ଲେଖ ଥିବା କ୍ଷମତା ଓ କାର୍ଯ୍ୟ ବ୍ୟତୀତ ସିଡବ୍ଲ୍ୟୁସି ଅନ୍ୟ କୌଣସି କାର୍ଯ୍ୟ କରିବାର ଅଧିକାର ନାହିଁ । ଏହି ଆଇନର ଧାରା ୩୧ ଓ ୩୨ ଅନୁସାରେ ଯେକୌଣସି ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନ, ସରକାର କର୍ମଚାରୀ, ପୋଲିସ, ଚାଇଲ୍ଡ ହେଲ୍ପ ଲାଇନ ଯଦି କୌଣସି ଯନି ଓ ସୁରକ୍ଷା ଆବଶ୍ୟକ ପଡୁଥିବା ଶିଶୁକୁ ପାଆନ୍ତି ତେବେ ସେମାନେ ଆଣି ଶିଶୁ ମଙ୍ଗଳ ସମିତିରେ ୨୪ଘଣ୍ଟା ମଧ୍ୟରେ ହାଜର କରାଇବେ । ଶିଶୁ ମଙ୍ଗଳ ସମିତି ଶିଶୁଟିକୁ ତୁରନ୍ତ ଗ୍ରହଣ କରି ତା'ବିଷୟରେ ଅନୁସନ୍ଧାନ କରି ସୁରକ୍ଷା ଓ ଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବେ । ଅନୁସନ୍ଧାନ ପରେ ଶିଶୁଟିକୁ ଯନି ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ବୋଲି ଘୋଷଣା କରିବାକୁ କେବଳ ଶିଶୁ ମଙ୍ଗଳ ସମିତିକୁ ଅଧିକାର ଦିଆଯାଇଛି । ଏହି ଆଇନର ଧାରା ୨(୧୪) ଅନୁସାରେ ୧୮ ବର୍ଷରୁ କମ୍ ସମସ୍ତ ଶିଶୁ ଶ୍ରମିକ ଓ ବାଲ୍ୟବିବାହ ପାଇଁ ଯାଉଥିବା ସମସ୍ତ ଶିଶୁ ଯନି ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଭାବେ ପରିଗଣିତ ହେବେ ।

### ହିମାଳୟ ୱେଲନେସ୍ ନୂଆ ୫-ପାର୍ଟ ଅଫ୍ ନିମ ଫର୍ମୁଲା

# ଭାରତର ୧ ନମ୍ବର ଫେସ୍ ୱାଶ୍ ପୁନଃ ଉଦ୍ଭାବିତ

ଭୁବନେଶ୍ୱର (ସବ୍ୟୁ) ପ୍ରାକୃତିକ ବ୍ୟକ୍ତିଗତ ଯତ୍ନ କ୍ଷେତ୍ରରେ ଅଗ୍ରଣୀ ହିମାଳୟ ୱେଲନେସ୍‌ବ୍ର ଣର ଯତ୍ନ ପଦ୍ଧତିକୁ ଏବେ ପୁନଃଲିଖନ କରିଛି। ବ୍ରଣ-ପ୍ରବଣ ତ୍ୱଚା ନିମନ୍ତେ ରାଷ୍ଟ୍ରର ସମାଧାନ ହେବାର ୨୫ ବର୍ଷ ପରେ ପ୍ରମୁଖ ହିମାଳୟ ପିୟୋରିଫାଙ୍ଗି ନିମ ଫେସ୍ ୱାଶ୍ ସମ୍ପ୍ରତି ପୁନଃପ୍ରସ୍ତୁତ, ପୁନଃପରିକଳ୍ପିତ ଏବଂ ବ୍ରଣ ସୃଷ୍ଟି ଧାରା ଭାଙ୍ଗିବାକୁ ପ୍ରସ୍ତୁତ। ଏବେ ୫-ପାର୍ଟ ଅଫ୍ ନିମ ଫର୍ମୁଲେସନ ସହିତ ଉନ୍ନୀତ ହୋଇଥିବା ବ୍ରାଣ୍ଡର ଅଗ୍ରଣୀ ଫେଓ ୱାଶ୍ ବାରମ୍ବାର ବ୍ରଣ ସୃଷ୍ଟି ହେବାଭଳି ତ୍ୱଚାଯତ୍ନ କ୍ଷେତ୍ରରେ ସର୍ବାଧିକ ବିରକ୍ତିକର ଆହ୍ୱାନଗୁଡିକ ପ୍ରତି ଦୃଷ୍ଟିଦେବାକୁ ଏକ ଦମ୍‌ଦାର ଲମ୍ଫ ପ୍ରଦାନ କରିଛି। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ହିମାଳୟ ନିମ ଫେସ୍ ୱାଶ୍ ବ୍ରଣ-ପ୍ରବଣ ତ୍ୱଚା ନିମନ୍ତେ ସର୍ବାଧିକ ପସନ୍ଦ ହୋଇ ରହିଆସିଛି। ତେବେ ଅଧିକାଂଶ ଫେସ୍ ୱାଶ୍ ବ୍ରଣ ସୃଷ୍ଟି ହେବାର ଚିକିତ୍ସା ଉପରେ ଦୃଷ୍ଟିନିବଦ୍ଧ କରୁଥିବାବେଳେ ବାରମ୍ବାର ବ୍ରଣ ସୃଷ୍ଟି ହେବା ଏକ ଅସମାହିତ ଚିନ୍ତାର ବିଷୟ ହୋଇଛି- ଯାହାକୁ ଅନେକ ସମୟରେ ଅନିବାର୍ଯ୍ୟ ବୋଲି ଧରିନିଆଯାଉଛି। ନୂଆକରି ଉନ୍ନୀତ କରାଯାଇଥିବା ହିମାଳୟ ନିମ ଫେସ୍ ୱାଶ୍ ସେଥିରେ ପରିବର୍ତ୍ତନ ଆଣିବାକୁ ଡିଜାଇନ କରାଯାଇଛି। ପାକଳ ପତ୍ର, କଅଁଳିଆ ପତ୍ର, ଫୁଲ, ଫଳ ଏବଂ କାଣ୍ଡ ଆଦି ନିମ ବୃକ୍ଷର ଫାଇଭ ପାୱରଫୁଲ ପାର୍ଟରେ ସମୃଦ୍ଧ ନୂତନ ଫର୍ମୁଲା ବ୍ରଣ ସୃଷ୍ଟି ହେବାର ଚକ୍ରକୁ ଭାଙ୍ଗିବାରେ ସହାୟକ ହେବା ସହିତ ତାହା ପୁନଃ ସୃଷ୍ଟି ହେବାରୁ ରୋକିଥାଏ।

### ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ

# ସ୍ୱର୍ଗତ ସଂଗ୍ରାମ ଜେନାଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର ସଭାପତି ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ଜନ୍ମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ପରେ ଶ୍ରଦ୍ଧା ଭୋଜନ କାର୍ଯ୍ୟକ୍ରମ ହୋଇଥିଲା । କଂଗ୍ରେସ ଭବନ ପରିସରରେ ଦରିଦ୍ର ନାରାୟଣ ସେବା କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ଜେନା ଜଣେ ସଂଗ୍ରାମୀ ଯୁବ ନେତା ଥିଲେ ବୋଲି ସ୍ମରଣ କରିଥିଲେ । ସେ ପ୍ରଦେଶ ଯୁବ କଂଗ୍ରେସର ପ୍ରଥମ ନିର୍ବାଚିତ ସଭାପତି । ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ଏଆଇସିସି ସଭ୍ୟ ଭାବରେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୪ ମସିହାରେ ଭଦ୍ରକ ଲୋକସଭା ଆସନରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦିତା କରି ୩ ଲକ୍ଷ ୨୨ ହଜାର ୯୯୭ ଖଣ୍ଡ ଭୋଟ ପାଇଥିଲେ । ବିଜେବି କଲେଜ ଏବଂ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ଜଣେ ପ୍ରତିଭାବାନ ଛାତ୍ର ନେତା ଭାବରେ ନିଜର



ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, କରୋନା ମହାମାରି ଆମ ନିକଟରୁ ଜଣେ ମହାନ ଯୋଦ୍ଧା ଛଡେଇ ନେଲା । ତାଙ୍କର ମାର୍ଜିତ ଆଚରଣ ଓ ଉଚ୍ଚାରଣ, ସରଳତା ଏବଂ ଦଳ ପ୍ରତି ସମର୍ପଣ ଭାବ ରହିଥିଲା । ତାଙ୍କ ପରି ଯୁବ ପ୍ରତିଭାର ଅନୁପସ୍ଥିତିକୁ ଦଳ ଉପଲବ୍ଧି କରୁଛି । ସେ ତାଙ୍କର କୃତି ଓ କୀର୍ତ୍ତି ବଳରେ ଆମ ହୃଦୟରେ ବଞ୍ଚି ରହିଛନ୍ତି ।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ତାରା ପ୍ରସାଦ ବାହିନିପତି, ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ, ଶିବାନନ୍ଦ ରାୟ, ରମେଶ ଜେନା, ସମୀର ରାଉତରାୟ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜଗନ୍ନାଥ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ବିଶ୍ୱଜିତ ଦାସ, ମନୋଜ ରାଉତ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋଜ ଜେନା,ୟାସିର ନଓ୍ୱାଜ, ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆରୋହଣ ଟ୍ରଷ୍ଟ ଓ ଶହୀଦ ଭଗତ ସିଂହ ଯୁବ ପରିଷଦ ପକ୍ଷରୁ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର

ଭୁବନେଶ୍ୱର, (ସବ୍ୟୁ): ଜୟଦେବ ବିହାର, ୱାର୍ଡ ନଂ ୨୭ , ଭୁବନେଶ୍ୱରରେ ଆରୋହଣ ଟ୍ରଷ୍ଟ ଓ ଶହୀଦ ଭଗତ ସିଂହ ଯୁବ ପରିଷଦଙ୍କ ମିଳିତ ଉଦ୍ୟମରେ ଏକ ନି:ଶୁଳ୍କ ଦନ୍ତ ଚିକିତ୍ସା ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ଶିବିରରେ ସ୍ଥାନୀୟ ବାସିନ୍ଦାମାନେ ବୃହତ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ଶିବିରକୁ ବହୁ ଗଣମାନ୍ୟ ବ୍ୟକ୍ତି ଉଦ୍ଘାଟନ କରିଥିଲେ ଜିଲ୍ଲା ବିଜେପି ଅଧ୍ୟକ୍ଷ ଶ୍ରୀଯୁକ୍ତ ନିରଞ୍ଜନ ମିଶ୍ର, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର ଓ ପ୍ରଫେସର (ଡ଼.) ସୁଚେତା ପ୍ରିୟବାଦିନୀ ସମସ୍ତ ଅତିଥିମାନେ ଏହି ସୁନ୍ଦର ଉଦ୍ୟମକୁ ସ୍ଥାନୀୟ ମାନବ ସେବା ଓ ସ୍ୱାସ୍ଥ୍ୟ ଜାଗୃତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିବ୍ୟକ୍ତ କରିଥିଲେ। ଏହି ଅବସରରେ ଆରୋହଣ ଟ୍ରଷ୍ଟର



ଅଧ୍ୟକ୍ଷ ଶ୍ରୀ ସ୍ୱପ୍ନେନ୍ଦୁ ମହାନ୍ତି କହିଛନ୍ତି "ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ନାଗରିକଙ୍କ ଅଧିକାର। ଆମେ ଆରୋହଣ ଟ୍ରଷ୍ଟ ମାଧ୍ୟମରେ ଏହି ସେବାକୁ ଲୋକଙ୍କ ଦ୍ୱାରକୁ ନେଇଯିବା ପାଇଁ ଉଦ୍ୟମ କରୁଛୁ। ଏହି ଦନ୍ତ ଶିବିର ହେଉଛି ଆଗାମୀ ପିଢ଼ି ପାଇଁ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ପ୍ରବନ୍ଧନର ଏକ ଛୋଟ ଚେଷ୍ଟା। । ମୁଁ ଶହୀଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ସହଯୋଗ, ନିଷ୍ଠା ଓ ସ୍ୱେଚ୍ଛାସେବା ଭାବକୁ ଅତ୍ୟନ୍ତ ସ୍ନେହ ଓ ସମ୍ମାନର ସହିତ ସ୍ୱାଗତ କରୁଛି ।ଦ୍ଧ ଏହି ଦନ୍ତ ଶିବିରରେ ପ୍ରାୟ ୧୩୫ ଜଣ ରୋଗୀ ନି:ଶୁଳ୍କ ଚିକିତ୍ସା, ଦନ୍ତ ସ୍ୱାସ୍ଥ୍ୟ ଶିକ୍ଷା ଓ ପ୍ରାଥମିକ ଚିକିତ୍ସା ସୁବିଧା ଉପଲବ୍ଧ କରାଇଥିଲେ। ଚିକିତ୍ସା ଦଳରେ ଡକ୍ଟର ସ୍ୱାତୀ ମହାନ୍ତି, ଦନ୍ତ ଚିକିତ୍ସକ ସ୍ୱେଚ୍ଛାରେ ଅଂଶଗ୍ରହଣ କରି ସେବା ପ୍ରଦାନ କରିଥିଲେ। ଏହି ଶିବିରର ସଫଳତା ପଛରେ ଥିଲା ଶହୀଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ଏକତାବଦ୍ଧ ଉଦ୍ୟମ, ସଚେତନତା ଓ ଶ୍ରମ, ଯାହାକି ସେମାନଙ୍କର ଜନସେବା ଓ ଉଦ୍ୟମଶୀଳତାକୁ ସ୍ପଷ୍ଟ ଭାବରେ ପ୍ରକାଶ କରେ। ଏହି ଉଦ୍ୟମ ଦନ୍ତ ସ୍ୱାସ୍ଥ୍ୟ ପ୍ରତି ଜଣସାଧାରଣଙ୍କ ଜ୍ଞାନ ବୃଦ୍ଧି ଓ ନିୟମିତ ଚିକିତ୍ସା ଆବଶ୍ୟକତାକୁ ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି।

## ଶକ୍ତି ପମ୍ପସ୍ ଚାଳିତ ଆର୍ଥିକ ବର୍ଷ ୨୬ ପାଇଁ ଦୃଢ଼ ଶୁଭାରମ୍ଭ କରିଛି

ଭୁବନେଶ୍ୱର (ସବ୍ୟୁ): ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍, ୩୦ ଜୁନ ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରିଛି। ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପାଟିଦାର କମ୍ପାନୀର ପ୍ରଦର୍ଶନ ଉପରେ ମତବ୍ୟକ୍ତ କରି କହିଛନ୍ତି, "ଆମେ ଆର୍ଥିକ ବର୍ଷ ୨୬ ପାଇଁ ଏକ ଦୃଢ଼ ଆରମ୍ଭ ରିପୋର୍ଟ କରି ଆନନ୍ଦିତ, ଯାହା ଆମର ବିବିଧ ବ୍ୟବସାୟ ମଡେଲର ଶକ୍ତିକୁ ପ୍ରତିଫଳିତ କରେ। ଏହି ତ୍ରୈମାସିକରେ ଆମର ପ୍ରଦର୍ଶନ ସୌର ପମ୍ପ ସେଗମେଣ୍ଟରେ ଦୃଢ଼ କାର୍ଯ୍ୟକାରିତା, ସ୍ଥିର ରପ୍ତାନି ଗତି ଏବଂ କ୍ଷମତା ଏବଂ ପ୍ରଯୁକ୍ତିବିଦ୍ୟାରେ ରଣନୈତିକ ନିବେଶ ଦ୍ୱାରା ପରିଚାଳିତ ହୋଇଥିଲା।

# ଆମାଜନର ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲରେ ଆକର୍ଷଣୀୟ ଡିଲ୍

ଭୁବନେଶ୍ୱର, (ସବ୍ୟୁ) : ଆମାଜନ.ଇନର ବହୁ ପ୍ରତୀକ୍ଷିତ ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ ଜୁଲାଇ ୩୧, ୨୦୨୫ ମଧ୍ୟାହ୍ନ ୧୨ ଟାରୁ ଆରମ୍ଭ ହୋଇଯାଇଛି। ଆପଣ ଆପଣଙ୍କର ଟେକ୍ନୋଲୋଜିକୁ ଅପଗ୍ରେଡ୍ କରିବାକୁ, ଆପଣଙ୍କ ଘରକୁ ସୁନ୍ଦର କରିବାକୁ କିମ୍ବା ଆପଣଙ୍କ ପୋଷାକକୁ ସତେଜ କରିବାକୁ ଚାହୁଁଥିଲେ, ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ ସେଲ୍ ଆପଣଙ୍କ ପାଇଁ ଉପଯୁକ୍ତ। ଏହି ସମୟରେ ଲିଭାଇସ୍, ୟୁଏସପିଏ, ଜିଭା, ଆପଲ୍, ଏଚପି, ଡେଲ୍ ଓ ଲେନୋଭୋ ପରି ଭାରତର ସବୁଠାରୁ ପ୍ରିୟ ବ୍ରାଣ୍ଡଗୁଡ଼ିକରୁ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଗ୍ରୋସେରୀ, ଘରୋଇ ଆବଶ୍ୟକୀୟ ସାମଗ୍ରୀ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆକର୍ଷଣୀୟ ନୂତନ ଶୁଭାରମ୍ଭ ଏବଂ ଆକର୍ଷଣୀୟ ଡିଲ୍ ରହିଛି। ଆପଣ ସ୍ଥାନୀୟ କାରିଗର, ଉଦୀୟମାନ ଷ୍ଟାର୍ଟଅପ୍ ଏବଂ ମହିଳା ନେତୃତ୍ୱାଧୀନ ବ୍ୟବସାୟଗୁଡ଼ିକରୁ ବିଭିନ୍ନ ପ୍ରକାରର ଉତ୍ପାଦ ମଧ୍ୟ ପାଇପାରିବେ। ଗ୍ରାହକମାନେ ଏସବିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏବଂ ଇଏମଆଇ ବ୍ୟବହାର କରି ୧୦% ତୁରନ୍ତ ରିହାତି ପାଇପାରିବେ। ପ୍ରାଇମ୍ ସଦସ୍ୟମାନେ ସେମାନଙ୍କର ଆମାଜନ୍ ପେ ଆଇସିଆଇସିଆଇ କ୍ରେଡିଟ୍ କାର୍ଡ ବ୍ୟବହାର କରି ଅସୀମିତ ୫% କ୍ୟାସବ୍ୟାକ୍ ଏବଂ ଟ.୨,୫୦୦ ମୂଲ୍ୟର ସ୍ୱାଗତ ପୁରସ୍କାର ପାଇପାରିବେ।

# ଭାରତ -ଫିଲିପାଇନ୍ସ କୂଟନୈତିକ ସମ୍ପର୍କ ଦୃଢ

## ଦ୍ୱିପାକ୍ଷିକ ରଣନୀତିକ ଭାଗିଦାରୀ ପ୍ରତିଷ୍ଠା ଉପରେ ଘୋଷଣାନାମା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫିଲିପାଇନ୍ସ ରାଷ୍ଟ୍ରପତି ଓ ତାଙ୍କ ପ୍ରତିନିଧିମଣ୍ଡଳଙ୍କୁ ଭାରତକୁ ହାର୍ଦ୍ଦିକ ସ୍ୱାଗତ ଜଣାଇଛନ୍ତି । ଏହି ବର୍ଷ ଭାରତ ଏବଂ ଫିଲିପାଇନ୍ସ ସେମାନଙ୍କର କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଛନ୍ତି ଏବଂ ଏହି ପରିପ୍ରେକ୍ଷୀରେ, ତାଙ୍କର ଗସ୍ତର ବିଶେଷ ଗୁରୁତ୍ୱ ରହିଛି । ଆମର କୂଟନୈତିକ ସମ୍ପର୍କ ନୂତନ ହୋଇପାରେ, କିନ୍ତୁ ଆମର ସଭ୍ୟତାଗତ ସମ୍ପର୍କ ପ୍ରାଚୀନ ସମୟରୁ ରହିଆସିଛି । ଫିଲିପାଇନ୍ସର ରାମାୟଣ - ମହାରାଦିଆ ଲୱାନା - ଆମର ଶତାବ୍ଦୀ ପୁରୁଣା ସାଂସ୍କୃତିକ ସମ୍ପର୍କର ଏକ ଜୀବନ୍ତ ସାକ୍ଷ୍ୟ । ଉଭୟ ଦେଶର ଜାତୀୟ ଫୁଲକୁ ନେଇ ସଦ୍ୟ ଉନ୍ମୋଚିତ ଡାକଟିକଟ, ଆମ ବନ୍ଧୁତାର ସୁଗନ୍ଧକୁ ଦର୍ଶାଏ । ପ୍ରତ୍ୟେକ ସ୍ତରରେ ଆଲୋଚନା, ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ, ଦୀର୍ଘ ଦିନ ଧରି ଆମ ସମ୍ପର୍କର ପ୍ରମୁଖ ପରିଚୟ ହୋଇଆସିଛି । ଆଜି, ରାଷ୍ଟ୍ରପତି ଏବଂ ମୁଁ ପାରସ୍ପରିକ ସହଯୋଗ, ଆଞ୍ଚଳିକ ପ୍ରସଙ୍ଗ ଏବଂ ଅନ୍ତର୍ଜାତୀୟ ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିଛୁ । ଏହା ଖୁସିର ବିଷୟ ଯେ ଆଜି ଆମେ ଆମର ସମ୍ପର୍କକୁ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛୁ । ଏହି ସହଭାଗୀତାର ସମ୍ଭାବନାକୁ ଫଳାଫଳରେ ପରିଣତ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି ।ଆମର ଦ୍ୱିପାକ୍ଷିକ ବାଣିଜ୍ୟ ନିରନ୍ତର ବୃଦ୍ଧି ପାଉଛି ଏବଂ ଏହା ୩ ବିଲିୟନ ଡଲାର ଅତିକ୍ରମ କରିଛି । ଏହାକୁ ଆହୁରି ମଜବୁତ କରିବା ପାଇଁ, ଭାରତ-ଆସିଆନ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସମୀକ୍ଷା ଯଥାଶୀଘ୍ର ସମାପ୍ତ କରିବା ଆମର ପ୍ରାଥମିକତା । ଏହା ସହିତ, ଆମେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛୁ ।ଆମର କମ୍ପାନୀଗୁଡ଼ିକ ପ୍ରତ୍ୟେକ କ୍ଷେତ୍ରରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି - ସୂଚନା ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଅଟୋମୋବାଇଲ୍, ଭିତ୍ତିଭୂମି, ଖଣିଜ ପଦାର୍ଥ । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ, ଭାଇରୋଲୋଜି ଠାରୁ ଆରମ୍ଭ କରି ଏଆଇ ଏବଂ ଆଡିଟିଭ୍ ମାନୁଫାକଚରିଂ ପର୍ଯ୍ୟନ୍ତ ମିଳିତ ଗବେଷଣା ଚାଲିଛି । ଆଜି ସମାପ୍ତ ହୋଇଥିବା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗ ଯୋଜନା ଏହାକୁ ଆହୁରି ତ୍ୱରାନ୍ୱିତ କରିବ ।ବାରାଣସୀର ଅନ୍ତର୍ଜାତୀୟ ଚାଉଳ ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ଅଲଟ୍ରା ଲୋ ଗ୍ଲାଇସେମିକ୍ ଇଣ୍ଡେକ୍ସ ସହିତ ଚାଉଳର ବିକାଶ ଉପରେ କାମ କରୁଛି । ଅର୍ଥାତ୍, ଆମେ ସ୍ୱାଦ ଏବଂ ସ୍ୱାସ୍ଥ୍ୟ ଉଭୟ ଉପରେ ଏକାଠି କାମ କରୁଛୁ! ମୁଁ ଖୁସି ଯେ ବିକାଶ ସହଭାଗୀତା ଅଧୀନରେ, ଆମେ ଫିଲିପାଇନ୍ସରେ କ୍ୱିକ୍ ଇମ୍ପାକଟ ପ୍ରୋଜେକଟ ସଂଖ୍ୟା ବୃଦ୍ଧି କରିବୁ ଏବଂ, ଆମେ ଫିଲିପାଇନ୍ସରେ ସାର୍ବଭୌମ ଡାଟା କ୍ଲାଉଡ୍ ଭିତ୍ତିଭୂମି ବିକାଶରେ ମଧ୍ୟ ସହାୟତା କରିବୁ ।ଆମର ସହଭାଗୀତା ଭୂପୃଷ୍ଠରେ ତ ଦୃଢ ଏବଂ ଏବେ ଆମେ ମହାକାଶ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛୁ । ଏଥିପାଇଁ ଆଜି ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି ।



ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଭାରତ ଓ ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଜୟପୁରରେ ୟୁକ୍ରେନ ବିମାନର ଜରୁରୀ ଅବତରଣ

ଜୟପୁର(ରାଜସ୍ଥାନ): ୟୁକ୍ରେନର ରାଷ୍ଟ୍ରପତି ଭ୍ଲୋଡୋମିର ଜେଲେନସ୍କିଙ୍କ ପନି ଓଲେନାଙ୍କୁ ନେଇ ଜାପାନ ଯାଉଥିବା ଗୋଟିଏ ବିମାନ ରାଜସ୍ଥାନର ଜୟପୁର ସ୍ଥିତ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରିଥିଲା । ରବିବାର ବିମାନଟିୟୁକ୍ରେନର ପ୍ରଥମ ମହିଳା ଓଲେନାଙ୍କ ସମେତ ବରିଷ୍ଠ ଅଧିକାରୀଙ୍କୁ ନେଇ ଜାପାନ ଯାଉଥିବା ବେଳେ ଇନ୍ଧନ ଭର୍ତ୍ତି ପାଇଁ ଜୟପୁରରେ ଅବତରଣ କରିଥିବା ରିପୋର୍ଟ ପ୍ରକାଶ ପାଇଛି ।ବିମାନରେ ଓଲେନା,ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସୟବିହା ଓ ଜେଲେନସ୍କିଙ୍କ ସରକାରଙ୍କ ଅନେକ ବରିଷ୍ଠ ଅଧିକାରୀ ରହିଥିଲେ । ସେମାନେ ଟୋକିଓ ଯାଉଥିବା ବେଳେ ବିମାନରେ ଇନ୍ଧନ ଶେଷ ହେବାର ଆଶଙ୍କା ପ୍ରକାଶ ପାଇଥିଲା । ଏଥିପାଇଁ ବିମାନଟି ଜୟପୁରରେ ଅବତରଣ କରି ଇନ୍ଧନ ଭର୍ତ୍ତି କରିଥିଲା । ଏହାପରେ ଏହା ଜାପାନର ଟୋକିଓ ଅଭିମୁଖେ ଉଡ଼ାଣ ଭରିଥିଲା ।ଇନ୍ଧନ ଭର୍ତ୍ତିରେ ସହାୟତା କରିବାକୁ ପ୍ରଥମେ ବୈଦେଶିକ ମନ୍ତ୍ରଣାଳୟକୁୟୁକ୍ରେନ ପକ୍ଷରୁ ଅନୁରୋଧ ଆସିଥିଲା । ଏହାକୁ ଗ୍ରହଣ କରି ମନ୍ତ୍ରଣାଳୟ ପକ୍ଷରୁ ବ୍ୟୁରୋ ଅଫ ସିଭିଲ ଆଭିଏସନ ସିକ୍ୟୁରିଟୀକୁ ଆବଶ୍ୟକ ପ୍ରୋଟୋକଲ ସହ ଇନ୍ଧନ ଭର୍ତ୍ତିରେ ସହାୟତା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ୟୁକ୍ରେନ ପ୍ରତିନିଧିଙ୍କୁ ନେଇ ଯାଉଥିବା ବିମାନ ରବିବାର ସକାଳ ୬.୩୦ରେ ଜୟପୁର ଏୟାରପୋର୍ଟରେ ଅବତରଣ କରିଥିଲା ।

ଏହାପରେ ପ୍ରୋଟୋକଲ ଅନୁସାରେୟୁକ୍ରେନର ୨୩ ଜଣିଆ ପ୍ରତିନିଧି ମଣ୍ଡଳୀଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଇଥିଲା । ବିମାନରେ ଇନ୍ଧନ ଭର୍ତ୍ତି ହେବା ଯାଏ ସମସ୍ତେ ଏୟାରପୋର୍ଟର ଭିଆଇପି ଲାଉଞ୍ଜରେ ରହିଥିଲେ । ସେମାନଙ୍କୁ ହାଲୁକା ଖାଦ୍ୟ ପରସା ଯାଇଥିଲା । ଦିଲ୍ଲୀ ସ୍ଥିତୟୁକ୍ରେନ ଦୂତାବାସର କର୍ମଚାରୀ ମଧ୍ୟ ସେମାନଙ୍କୁ ଜୟପୁର ଏୟାରପୋର୍ଟରେ ଭେଟିଥିଲେ । ପ୍ରତିନିଧିମଣ୍ଡଳୀଙ୍କୁ ଇମିଗ୍ରେସନ କ୍ଲିୟରାନ୍ସର ଆବଶ୍ୟକତା ନଥିଲା । ସେମାନେ ସକାଳ ୮.୧୫ରେ ଜୟପୁର ଏୟାରପୋର୍ଟରୁ ପୁଣି ଉଡ଼ାଣ ଭରିଥିଲେ ।

# ପରଲୋକରେ ସତ୍ୟପାଲ ମଲିକ୍

ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ୍‌ଙ୍କର ପରଲୋକ ହୋଇଯାଇଛି । ଦୀର୍ଘ ଦିନ ଧରି ସେ ଅସୁସ୍ଥ ରହିବା ପରେ ଆଜି ଦିନ ପ୍ରାୟ ୧ଟା ସମୟରେ ତାଙ୍କର ଦେହାନ୍ତ ହୋଇଥିବା ଜଣାଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା ।ନୂଆଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ସେଠାରେ ସେ ଆଜି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସୂଚନା ମୁତାବକ, ସେ ଦୀର୍ଘ ଦିନ ଧରି କିଡନୀ ରୋଗରେ ପୀଡିତ ଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମେ' ୧୧ ତାରିଖରେ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଦୀର୍ଘ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଆଜି ସେ ହାରିଯାଇଛନ୍ତ । ଉଲ୍ଲେଖଯୋଗ୍ୟ, ସତ୍ୟପାଲ ମାଲିକ ଅଗଷ୍ଟ ୨୦୧୮ରୁ ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀର ରାଜ୍ୟର ଶେଷ ରାଜ୍ୟପାଳ ଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ୫ଅଗଷ୍ଟ, ୨୦୧୯ରେ ଧାରା ୩୭୦ରଦ୍ଦ କରାଯାଇଥିଲା । ଏହା ସହ ଜମ୍ମୁ ଓ କଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ କରାଯାଇ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ - ଜମ୍ମୁ ଓ କାଶ୍ମୀର ଏବଂ ଲଦାଖରେ ବିଭକ୍ତ କରାଯାଇଥିଲା । ସଂଯୋଗବଶତଃ, ଆଜି ଏହି ନିଷ୍ପତ୍ତିର ଷଷ୍ଠ ବାର୍ଷିକୀ ଏବଂ ଏହି ଦିନ ସତ୍ୟପାଲ ମଲିକ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।


ଜମ୍ମୁ ଓ କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ସତ୍ୟପାଲ ମଲିକଙ୍କୁ ଗୋଆର ୧୮ତମ ରାଜ୍ୟପାଳ ଭାବରେ ନିଯୁକ୍ତ କରାଯାଇଥିଲା । ସେ ଅକ୍ଟୋବର ୨୦୨୨ପର୍ଯ୍ୟନ୍ତ ମେଘାଳୟର ୨୧ତମ ରାଜ୍ୟପାଳ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ ।ସତ୍ୟପାଲ ମଲିକ ୨୪ ଜୁଲାଇ ୧୯୪୬ରେ ଉତ୍ତରପ୍ରଦେଶର ବାଗପତ ଜିଲ୍ଲାର ହିସାବଦା ଗାଁରେ ଏକ ଜାଟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ମିରଟ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଏବଂ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ୧୯୬୮-୬୯ ମସିହାରେ, ସେ ମିରଟ ବିଶ୍ୱବିଦ୍ୟାଳୟର ଛାତ୍ର ସଂଘ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ, ଯାହା ତାଙ୍କ ରାଜନୈତିକ ଜୀବନର ଆରମ୍ଭ ଥିଲା । ରାଜନେତା ଭାବରେ ତାଙ୍କର ପ୍ରଥମ ପ୍ରମୁଖ କାର୍ଯ୍ୟକାଳ ୧୯୭୪-୭୭ ମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭାର ସଦସ୍ୟ ଭାବରେ ଥିଲା । ସେ ୧୯୮୦ ରୁ ୧୯୮୬ ଏବଂ ୧୯୮୬-୮୯ ପର୍ଯ୍ୟନ୍ତ ରାଜ୍ୟସଭାରେ ଉତ୍ତରପ୍ରଦେଶର ପ୍ରତିନିଧିତ୍ୱ କରିଥିଲେ । ଏହା ପରେ ସେ ୧୯୮୯ ରୁ ୧୯୯୧ ପର୍ଯ୍ୟନ୍ତ ଜନତା ଦଳର ସଦସ୍ୟ ଭାବରେ ଅଲିଗଡ଼ରୁ ଲୋକସଭାର ସଦସ୍ୟ ଥିଲେ ।୨୧ ମାର୍ଚ୍ଚ ୨୦୧୮ରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ଏବଂ ୨୮ ମେ' ୨୦୧୮ ପର୍ଯ୍ୟନ୍ତ ସେ ଓଡ଼ିଶାର ରାଜ୍ୟପାଳ ଭାବରେ କାର୍ଯ୍ୟ କରିଥିଲେ ।



## ରାମରହିମଙ୍କୁ ପୁଣି ୪୦ ଦିନିଆ ପାରୋଲ୍

ରୋହତକ: ସିର୍ସାସ୍ଥିତ ଆଶ୍ରମରେ ଦୁଇଜଣ ଶିଷ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ରୋହତକର ସୁନାରିୟା ଜେଲରେ ୨୦ ବର୍ଷର ସଜା କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମ୍‌ଙ୍କୁ ହରିୟାଣା ସରକାର ପୁଣିଥରେ ୪୦ଦିନିଆ ପାରୋଲ ମଞ୍ଜୁର କରିଛନ୍ତି । ସେ ଆଜି ସକାଳ ସାଢେ ୬ଟା ସମୟରେ ଜେଲରୁ ବାହାରିଥିବା ଜଣାଯାଇଛି । ସେ ସିର୍ସାସ୍ଥିତ ନିଜର ଡେରା ଅଭିମୁଖେ ଯାଇଥିବାର ସୂଚନା ରହିଛି । ଏହା ପୂର୍ବରୁ ଗତ ଏପ୍ରିଲ୍ ମାସରେ ମଧ୍ୟ ତାଙ୍କୁ ୨୧ ଦିନିଆ ପାରୋଲ ମିଳିଥିଲା । ପଞ୍ଚକୁଲା (ହରିୟାଣା) ର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିବାଦୀୟ ଧର୍ମଗୁରୁ ଗୁରୁମିତ ରାମରହିମଙ୍କୁ ୨୦୦୨ ମସିହାରେ ହୋଇଥିବା ସମ୍ବାଦିକ ରାମ ଚନ୍ଦର ଛତ୍ରପତିଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଗତ ୧୧ ତାରିଖରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

# ସ୍ୱରାଷ୍ଟ୍ର ମନ୍ତ୍ରୀଭାବେ ରେକର୍ଡ କଲେ ଶାହ



ନୂଆଦିଲ୍ଲୀ: ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ସବୁଠାରୁ ଅଧିକ ସମୟ ଧରି କାର୍ଯ୍ୟ କରିବାର ରେକର୍ଡ ଅମିତ ଶାହଙ୍କ ନାଁରେ ଯୋଡ଼ି ହୋଇଯାଇଛ । ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ୨୨୫୮ ଦିନ ହେଲା କାର୍ଯ୍ୟ କରୁଛନ୍ତି । ୨୦୧୯ ମେ' ୩୦ରେ ସେ ପ୍ରଥମଥର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଶପଥ ନେଇଥିଲେ । ସେବେଠାରୁ ସେ ଏହି ପଦରେ ରହିଛନ୍ତି ।ତାଙ୍କ ଠାରୁ ଅଧିକ ଦିନ ଦେଶର କୌଣସି ରାଜନେତା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାମ କରି ନାହାନ୍ତ । ପୂର୍ବରୁ ସର୍ବାଧିକ ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାମ କରିବାର ରେକର୍ଡ ବିଜେପି ଭେଟରାନ ଲାଲ କୃଷ୍ଣ ଆଡଭାନୀଙ୍କ ନାଁରେ ଥିଲା । ଏବେ ଆଡଭାନୀଙ୍କୁ ପଛରେ ପକାଇ ଦେଇଛନ୍ତି ଅମିତ ଶାହ । ସବୁଠାରୁ କୌତୁହଳର ବିଷୟ ହେଲା, ଏହି କୀର୍ତ୍ତିମାନ ଅଗଷ୍ଟ ୫ରେ ଅମିତ ଶାହଙ୍କ ନାଁରେ ଯୋଡ଼ି ହୋଇଛି । ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ସମ୍ପର୍କରେ ଅମିତ ଶାହ ସଂସଦରେ ଘୋଷଣା କରିଥିଲେ । ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ହରାଇଥିଲା । ଆଜି ଏହାକୁ ୬ ବର୍ଷ ପୂରିଥିବା ବେଳେ ଅମିତ ଶାହ ମଧ୍ୟ ଆଜିର ଦିନରେ ସର୍ବାଧିକ ସମୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି । ଅମିତ ଶାହଙ୍କ ପୂର୍ବରୁ ଦେଶରେ ଗୃହ ମନ୍ତ୍ରୀ ଭାବେ ୨ ଜଣ ସର୍ବାଧିକ ସମୟ ଧରି କାର୍ଯ୍ୟ କରିଥିଲେ । ଜଣେ ହେଲେ କଂଗ୍ରେସ ନେତା ଗୋବିନ୍ଦ ବଲ୍ଲଭ ପନ୍ତ ଓ ଆଉ ଜଣେ ହେଲେ ବିଜେପିର ଲାଲ କୃଷ୍ଣ ଆଡଭାନୀ ।

## ୨୦୨୬ ଫେବୃଆରୀରେ ବାଂଲାଦେଶ ନିର୍ବାଚନ

ଢାକା : ବାଂଲାଦେଶର ତ୍ରୟଦଶ ସଂସଦୀୟ ନିର୍ବାଚନ ଆସନ୍ତା ବର୍ଷ ଫେବୃଆରୀରେ ଅନୁଷ୍ଠିତ ହେବ । ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦ ଇନୁସ ଏହା ଘୋଷଣା କରିଛନ୍ତି । ଦେଶରେ ସେକ୍ ଆସିନାଙ୍କ ଶାସନର ପତନ ଘଟିବାର ଏକ ବର୍ଷ ପୂରଣ ହେବାକୁ ଯାଉଛି । ଏହି ଅବସରରେ ଇନୁସ କହିଛନ୍ତି ଯେ, ନିର୍ବାଚନ କମିଶନ ଆସନ୍ତା ବର୍ଷ ରମ୍‌ଜାନ୍ ଆରମ୍ଭ ହେବା ପୂର୍ବରୁ ପାର୍ଲିଆମେଣ୍ଟରେ ନିର୍ବାଚନ କରିପାରିବେ । ଏହି ନିର୍ବାଚନକୁ ମୁକ୍ତ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ଉତ୍ସବମୁଖୀ ମନୋଭାବରେ ସମ୍ପର୍ଣ୍ଣ କରିବାକୁ କମିଶନରଙ୍କୁ ସବୁ ପ୍ରକାର ସମର୍ଥନ ଯୋଗାଇବ ।

## କାନାଡାରେ ଖଲିସ୍ଥାନୀ ଖୋଲିଲେ ନକଲି ଦୂତାବାସ

ସରେ : କାନାଡାର ସରେରେ ଖଲିସ୍ତାନୀମାନେ ତଥାକଥିତ ରିପବ୍ଲିକ୍ ଅଫ୍ ଖଲିସ୍ତାନର ଏକ ଦୂତାବାସ ସ୍ଥାପନ କରିଛନ୍ତି । ନକଲି ଦୂତାବାସର ଖବର ଆସିବା ମାତ୍ରେ ଭାରତର ତଦନ୍ତ ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି । ଏହି ଘଟଣା ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କକୁ ସୁଧାରିବା ପାଇଁ ପ୍ରୟାସ କରାଯାଉଛି ।





ଭାରତୀୟ ଏଜେନ୍ସିଗୁଡ଼ିକ ସରେରେ ଖଲିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି । ସେଠାରୁ ଆସିଥିବା ରିପୋର୍ଟରେ କୁହାଯାଇଛି ଯେ ହରଦୀପ ସିଂହ ନିଜ୍ଜରର ସମର୍ଥନରେ ସରେରେ ଏହି ଦୂତାବାସ ସ୍ଥାପନ କରାଯାଇଛି । ଭାରତ ଦ୍ୱାରା ନିଜ୍ଜରକୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା । ସରେରେ ଖୋଲାଯାଇଥିବା ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରର ପୋଷ୍ଟର ଲାଗିଛି । କେବଳ ଏତିକି ନୁହେଁ, କାନାଡାର ଖଲିସ୍ତାନି ସଂଗଠନ ଏସଏଫଜେ (ଶିଖ ଫର୍ ଜଷ୍ଟିସ୍) ଆଗାମୀ ଦିନରେ ଆଉ ଏକ କଥିତ ଶିଖ ଜନମତ ସଂଗ୍ରହ କରିବାକୁ ଘୋଷଣା କରିଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ଭୟ କରୁଛନ୍ତି ଯେ ଏହା କେବଳ ଭାରତ ବିରୋଧୀ ଭାବନାକୁ ଉସୁକାଇ ଦେଉନାହିଁ, ବରଂ ଭାରତର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିବା ପାଇଁ ବିଦେଶୀ ଭୂମିକୁ ମଧ୍ୟ ବ୍ୟବହାର କରାଯାଉଛି ।

## ଆମେରିକା ଦାବିକୁ ଚୀନର ପ୍ରତ୍ୟାଖାନ

ବେଜିଂ : ରୁଷିଆ ଓ ଇରାନରୁ ତେଲ କିଣିବା ବନ୍ଦ କରିବାକୁ ଟ୍ରମ୍ପ ପ୍ରଶାସନ କରିଥିବା ଦାବିକୁ ଚୀନ ପ୍ରତ୍ୟାଖାନ କରିଦେଇଛି । ଚୀନ ଓ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ ଏହି ତେଲ କିଣା ପ୍ରସଙ୍ଗ ଉଠାଇଥିଲେ । କିନ୍ତୁ ଚୀନ ଏହାକୁ ରୋକଠୋକ୍ ଭାବେ ପ୍ରତ୍ୟାଖାନ କରିଦେଇଛି । ଦେଶର ସାର୍ବଭୌମତ୍ୱ, ନିରାପତ୍ତା ଏବଂ ବିକାଶର ସ୍ୱାର୍ଥ ଦୃଷ୍ଟିରୁ ଚୀନ କଦାପି ତେଲ କିଣା ବନ୍ଦ କରିପାରିବ ନାହିଁ ବୋଲି କହିଛି । ସୂଚନା ଥାଉ କି, ଚୀନ ଉପରେ ଶହେ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଆମେରିକା ଧମକ ଦେଇଛି ।

## ଦେଶରେ ବିଶ୍ୱସ୍ତରୀୟ ଚଳଚ୍ଚିତ୍ର ନିର୍ମାଣ

# ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ବ୍ୟବହାର କରିବାକୁ ପରାମର୍ଶ

ନୂଆଦିଲ୍ଲୀ: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସୂଚନା ଓ ଲୋକସମ୍ପର୍କ (ଆଇ ଆଣ୍ଡ ପିଆର) ସଚିବମାନଙ୍କର ଏକ ଉଚ୍ଚସ୍ତରୀୟ ସମ୍ମିଳନୀର ଆୟୋଜନ କରିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକଟର ଏଲ୍. ମୁରୁଗନ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଉଦବୋଧନ ଦେଇଛନ୍ତି । ଗଣ ଯୋଗାଯୋଗ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରେସ୍ ସେବା ପୋର୍ଟାଲ୍ ଏବଂ ଇଣ୍ଡିଆ ସିନେ ହବ୍ ର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ତଥା ଚଳଚ୍ଚିତ୍ର ଭିତ୍ତିଭୂମି ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ସହଯୋଗୀ ସୁଯୋଗ ଅନୁସନ୍ଧାନ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ।ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକଟର ଏଲ୍. ମୁରୁଗନ କହିଥିଲେ, ଇଣ୍ଡିଆନ୍ ସିନେମା ହବ୍ ପୋର୍ଟାଲକୁ ଏକକ ସିଙ୍ଗଲ୍-ଓ୍ୱିଣ୍ଡୋ ସିଷ୍ଟମ ରୂପେ ପୁନଃନିର୍ମାଣ କରାଯାଇଛି । ଏହା ସାରା ଭାରତରେ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ମଞ୍ଜୁରି ଏବଂ ସେବାଗୁଡ଼ିକୁ ସୁଗମ ଉପଲବ୍ଧତା ପ୍ରଦାନ କରୁଛି । ଜିଆଇଏସ ବୈଶିଷ୍ଟ୍ୟ ଏବଂ ସାଧାରଣ ଫର୍ମ ସହିତ, ଏହା ବ୍ୟବସାୟିକ ସୁଗମତାକୁ ସମର୍ଥନ କରିଥାଏ । ଏହା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଚଳଚ୍ଚିତ୍ର-ଅନୁକୂଳ ନୀତିଗୁଡ଼ିକୁ ପ୍ରଦର୍ଶନ କରେ ।ମନ୍ତ୍ରୀ କମ ମୂଲ୍ୟର ଥିଏଟର ମାଧ୍ୟମରେ ମହିଳା ଏବଂ ସ୍ଥାନୀୟ ସମାଜକୁ ସଶକ୍ତ କରୁଥିବା ତୃଣମୂଳ ସ୍ତରର ସିନେମା ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେ ଓ୍ୱେଭ୍ସ ୨୦୨୫ ଏବଂ ଆଇଏଫଏଫଆଇ ଗୋଆ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ମନ୍ତ୍ରୀ କହିଥିଲେ, ଏହା ବିଶ୍ୱ ପ୍ରତିଭାକୁ ଆକର୍ଷିତ କରିବ, ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ବୃଦ୍ଧି କରିବ, ବିଶ୍ୱବ୍ୟାପୀ ସାଂସ୍କୃତିକ କୂଟନୀତିକୁ ପ୍ରୋତ୍ସାହିତ କରିବ ଏବଂ ଆଗାମୀ ଦିନର ସୃଜନଶୀଳ ପ୍ରତିଭାଙ୍କୁ ସଶକ୍ତ କରିବ ।

ଏହି କାର୍ଯ୍ୟକ୍ରମ ସମୟରେ, ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ସଞ୍ଜୟ ଜାଜୁ ପ୍ରଭାବଶାଳୀ ଯୋଗାଯୋଗ ଏବଂ ଗଣମାଧ୍ୟମ ବିକାଶରେ କେନ୍ଦ୍ର-ରାଜ୍ୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଡିଜିଟାଲ କ୍ରିଏଟର, ସ୍ଥାନୀୟ ଗଣମାଧ୍ୟମର ବିକାଶ ଏବଂ ଜିଲ୍ଲାସ୍ତରୀୟ ସୂଚନା ଓ ଲୋକସଂପର୍କ ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ସମସ୍ତ ରାଜ୍ୟକୁ ସୁଗମ ପ୍ରକାଶନ ପ୍ରକ୍ରିୟା ପାଇଁ ପ୍ରେସ୍ ସେବା ପୋର୍ଟାଲ୍ ସହିତ ଯୋଡ଼ି ହେବାକୁ ଅନୁରୋଧ କରିଥିଲେ ।ସମ୍ମିଳନୀର ପ୍ରମୁଖ କେନ୍ଦ୍ରବିନ୍ଦୁ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରେସ୍ ସେବା ପୋର୍ଟାଲ ସମ୍ପର୍କରେ ସଚେତନ ଏବଂ ଅନବୋର୍ଡିଂ କରିବା । ପ୍ରେସ୍ ଏବଂ ପଞ୍ଜୀକରଣ ଆଇନ (ପିଆରପି ଆଇନ), ୨୦୨୩ ଅଧୀନରେ ଭାରତର ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ବିକଶିତ, ଏହି ପୋର୍ଟାଲ୍ ଏକ ସିଙ୍ଗଲ୍-ଓ୍ୱିଣ୍ଡୋ ଡିଜିଟାଲ୍ ପ୍ଲାଟଫର୍ମ ଯାହା ପତ୍ରିକା ଓ ଖବରକାଗଜ ସମ୍ବନ୍ଧୀୟ ପଞ୍ଜୀକରଣ ଏବଂ ଅନୁପାଳନ ପ୍ରକ୍ରିୟାକୁ ସହଜ କରିଛି ।ସେହିପରି ପୁନଃନିର୍ମିତ ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ଉପରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପୋର୍ଟାଲ ୨୮ ଜୁନ୍ ୨୦୨୪ରେ ଲାଇଭ୍ ହୋଇଥିଲା । ଏହି ପୋର୍ଟାଲ୍ ବର୍ତ୍ତମାନ ସାରା ଭାରତରେ ଫିଲ୍ମ ସମ୍ବନ୍ଧୀୟ ସୁବିଧା ପାଇଁ ଏକ ସିଙ୍ଗଲ୍-ଓ୍ୱିଣ୍ଡୋ ସିଷ୍ଟମ୍ ଭାବରେ କାର୍ଯ୍ୟ କରୁଛି ।ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ଜିଆଇଏସ୍ ଆଧାରିତ ସ୍ଥାନ ମ୍ୟାପିଂ, ଶିଳ୍ପ ପେସାଦାରଙ୍କ ଠାରୁ ଆରମ୍ଭ କରି କ୍ରାଉଡସୋର୍ସ କଣ୍ଟେଣ୍ଟ ଏବଂ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରୋତ୍ସାହନ ସହ ଜଡ଼ିତ ବିଭିନ୍ନ ଭିନ୍ନ କାର୍ଯ୍ୟପ୍ରବାହକୁ ସମର୍ଥନ କରିଛି ।

# ସଂସଦ ଭବନରେ ଏନଡିଏ ସଂସଦୀୟ ଦଳ ବୈଠକ

## ପ୍ରଧାନମନ୍ତ୍ରୀଙ୍କୁ କରାଗଲା ସ୍ୱାଗତ

ନୂଆଦିଲ୍ଲୀ: ସଂସଦ ଭବନରେ ଆଜି ବିଜେପି ନେତୃତ୍ୱାଧୀନ ଏନଡିଏ ସଂସଦୀୟ ଦଳର ବୈଠକ ଆରମ୍ଭ ହୋଇଛି । ଏହି ବୈଠକ ସଂସଦ ଭବନର ଅଡିଟୋରିୟମରେ ଆୟୋଜିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକରେ ଯୋଗଦେବାକୁ ପହଞ୍ଚିବା ପରେ ଏନଡିଏ ସାଂସଦମାନେ ତାଙ୍କୁ 'ହର ହର ମହାଦେବ' ଏବଂ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ ।ଏହା ସହ 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ଏନଡିଏ ସାଂସଦମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମ୍ମାନିତ କରିଥିଲେ ବୋଲି ଜଣାପଡ଼ିଛି ।ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ଏନଡିଏ ସଂସଦୀୟ ଦଳ ବୈଠକରେ ଅପରେସନ ସିନ୍ଦୂର ଏବଂ ଅପରେସନ ମହାଦେବର ସଫଳତା ଉପରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସମୟରେ ଏନଡିଏର ମହିଳା ସାଂସଦମାନେ ଆଗ ଧାଡିରେ ବସିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣର ପୀଡିତ ପରିବାର ପ୍ରତି ସମବେଦନା ପ୍ରକାଶ କରାଯାଇଥିଲା ।



# ଅପରେସନ ଥିଏଟରରୁ ଗିରଫ ହେଲେ ନକଲି ଡାକ୍ତର

ବିନା ଡିଗ୍ରୀରେ ନିଜକୁ ଡାକ୍ତରର ପରିଚୟ ଦେଇ ଜଣେ ବ୍ୟକ୍ତି ୫୦ରୁ ଅଧିକ ସଜରିଆନ କରିଛନ୍ତି । ଦୀର୍ଘ ଦଶନ୍ଧି ଧରି ଏପରି ସାଂଘାତିକ ଖେଳ ଖେଳି ଚାଲିଥିବା ବ୍ୟକ୍ତିଙ୍କୁ ଏବେ ଅପରେସନ ଥିଏଟରରୁ ଗିରଫ କରାଯାଇଛ । ଆସାମର ସିଲଚରରୁ ଏପରି ଘଟଣା ସାମ୍ନାକୁ ଆସିଛି ।ଗିରଫ ବ୍ୟକ୍ତି ଜଣଙ୍କ ହେଲେ ପୁଲକ ମଲକାର । ସେ ନିଜକୁ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଭାବେ ପରିଚୟ ଦେଉଥିଲେ । ଏହି ନକଲି ପରିଚୟ ଦ୍ୱାରା ସେ ପ୍ରାୟ ୧୦ ବର୍ଷ ହେବ ସିଲଚରର ଦୁଇ ଘରୋଇ ହସ୍ପିଟାଲରେ ସିଜରିଆନ କରି ଚାଲିଥିଲେ । ୫୦ରୁ ଅଧିକ ସିଜରିଆନ ସେ କରିଥିଲେ । ଏବେ ସେ ଗୋଟିଏ ଅପରେସନ ଥିଏଟରରେ ସିଜରିଆନ ସେକସନ କରୁଥିବା ବେଳେ ପୁଲିସ୍ ତାଙ୍କୁ ଗିରଫ କରିଛ ।

ବରିଷ୍ଠ ପୁଲିସ୍ ଅଧିକାରୀ ନୁମାଲ ମହାତ୍ତା କହିଛନ୍ତି, ଆମେ ଅଭିଯୁକ୍ତଙ୍କ ବିଷୟରେ ସୂଚନା ପାଇବା ପରେ ତଦନ୍ତ ଆରମ୍ଭ କରିଥିଲୁ । ସମସ୍ତ ଦସ୍ତାବିଜ ଯାଞ୍ଚ କରିବା ବେଳେ ସେଗୁଡ଼ିକ ନକଲି ବୋଲି ପ୍ରମାଣିତ ହୋଇଥିଲା । ସେ ଜଣେ ନକଲି ଡାକ୍ତର ଓ ଦୀର୍ଘ ବର୍ଷ ହେଲାଣି ନକଲି ପ୍ରମାଣପତ୍ର ଜରିଆରେ ସେ ନିଜର ବ୍ୟବସାୟ କରୁଥିବା ଜଣାପଡ଼ିଥିଲା । ଏହାପରେ ରେଡ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୁଲକ ମଲକାରଙ୍କ ଘର ଆସାମର ଶ୍ରୀଭୂମି ଅଞ୍ଚଳରେ । ଗିରଫ ପରେ ତାଙ୍କୁ ସୋମବାର କୋର୍ଟରେ ହାଜର କରାଯାଇଥିଲା । ପୁଲିସ୍ ତାଙ୍କ କାରବାର ସମ୍ପର୍କରେ ଜାଣିବା ପାଇଁ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛ ।



# ସଫଳ ସିରାଜ




ଭାରତୀୟ ଦଳ ସହ କୌଣସି ଶୃଙ୍ଖଳା ଆରମ୍ଭ ପୂର୍ବରୁ ଓ ପରେ ବାପାଙ୍କ କବର ପାଖକୁ ଯିବା ସିରାଜଙ୍କ ସ୍ୱତନ୍ତ୍ର ଅଭ୍ୟାସ । କବର ପାଖରେ ପ୍ରାର୍ଥନା କରି ଆଶୀର୍ବାଦ ଆଣନ୍ତି । ଏହାପରେ ଟୁର୍ଣ୍ଣାମେଣ୍ଟରେ ଫେରିବା ପରେ ଏୟାରପୋର୍ଟରୁ ସିଧା ବାପାଙ୍କ କବର ପାଖକୁ ଯାଆନ୍ତି । ୨୦୨୧ରେ ସିରାଜଙ୍କ ବାପା ମହମ୍ମଦ ଗୌସେଙ୍କ ଦେହାନ୍ତ ହୋଇଥିଲା । ବାପାଙ୍କ ଦେହାନ୍ତ ସମୟରେ ସିରାଜ ଅଷ୍ଟ୍ରେଲିଆ ଗସ୍ତରେ ଥିଲେ । ସେବେଠାରୁ କବର ସ୍ଥାନକୁ ଯିବା ଆସିବା ସିରାଜଙ୍କ ଜୀବନରେ ଗୋଟିଏ ନିୟମରେ ପରିଣତ ହୋଇଛି । ସିରାଜଙ୍କ ବାପା ଜଣେ ଅଟୋ ଚାଳକ ଥିଲେ । ପୁଅର କ୍ରିକେଟ୍ ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ରାତି ଦିନ ପରିଶ୍ରମ କରୁଥିଲେ । ସିରାଜ ବାପାଙ୍କ ସହ ସବୁବେଳେ ଯୋଡି ହୋଇ ରହିବାକୁ ଚାହୁଁଥିବାରୁ ଗସ୍ତ ଆରମ୍ଭରୁ ଓ ପରେ କବରସ୍ଥାନ ଯାଆନ୍ତି ।

ଇଂଲଣ୍ଡ ଟୁର ପୂର୍ବରୁ ମା'ଙ୍କ ସହ ମହମ୍ମଦ ସିରାଜ କିଛି ସମୟ ବିତାଇଥିଲେ । ସେତେବେଳେ ସେ କହିଥିଲେ ମା' ମୋ ପାଇଁ ପ୍ରାର୍ଥନା କରିବ, ମୁଁ ଭଲ କରିବାକୁ ଓ ଭାରତକୁ ଜିତାଇବାକୁ ଚାହେଁ । ନିଜର ପରମ୍ପରା ଅନୁସାରେ ବାପାଙ୍କ କବର ପାଖରୁ ପ୍ରାର୍ଥନା କରିଥିଲେ ଓ ସେଠାରୁ ସିଧା ବିମାନ ବନ୍ଦର ଯାଇଥିଲେ ।

ସିରାଜଙ୍କ ମା' ସବ୍‌ନା ବେଗମ୍ କହିଛନ୍ତି ବାପାଙ୍କୁ ବହୁତ ଭଲ ପାଏ ସିରାଜ । ବାପା ମଧ୍ୟ ତାକୁ ସେତିକି ଭଲ ପାଉଥିଲେ । ତାଙ୍କ ପାଇଁ ଏହି ପିଲାଟି କିଛି ବି କରିପାରିବ । ମୋ ପ୍ରାର୍ଥନା ସବୁବେଳେ ସିରାଜ ସହ ରହିଛି । ମୋ ଛୁଆକୁ ଆଲ୍ଲା ସବୁବେଳେ ଆଶୀର୍ବାଦ କରନ୍ତୁ । ସବୁ ସଫଳତା ପାଉ । ସିରାଜ ଖେଳୁଥିବା କୌଣସି ମ୍ୟାଚ କେବେ ହେଲେ ସବ୍‌ନା ମିସ୍ କରନ୍ତି ନାହିଁ । ଇଂଲଣ୍ଡରେ ଶେଷ ହୋଇଥିବା ଆଣ୍ଡରସନ୍- ତେନ୍ଦୁଲକର ଟ୍ରଫିର ପ୍ରତିଟି ମ୍ୟାଚ ସେ ଦେଖିଥିଲେ । ଭାରତୀୟ ଦଳ ତଥା ପୁଅର ସଫଳତା ପାଇଁ ସେ ଦିନକୁ ୫ ଥର ପ୍ରାର୍ଥନା କରୁଥିଲେ । ଇସ୍‌ଲାମରେ ଦୈନିକ ପ୍ରାର୍ଥନା ଭୋର, ମଧ୍ୟାହ୍ନ, ଅପରାହ୍ନ, ସୂର୍ଯ୍ୟାସ୍ତ ଓ ରାତିରେ କରାଯାଏ । ଇଂଲଣ୍ଡ ଟୁର ବେଳେ ସବ୍‌ନା କୌଣସି ପ୍ରାର୍ଥନା ଛାଡିନଥିଲେ । ସମ୍ଭବତଃ ଏହି ପ୍ରାର୍ଥନା ପୁରା ଟୁରରେ ସିରାଜଙ୍କ ପାଇଁ କବଚ ହୋଇ ରହିଥିଲା ।

ଓଭାଲରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ଭାରତ ନାଟକୀୟ ବିଜୟ ହାସଲ କରିଥିଲା । ଏହି ବିଜୟରେ ସିରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଅସମ୍ଭବକୁ ସମ୍ଭବ କରିବାରୁ ଭାରତ ମ୍ୟାଚ ଜିତିବା ସହ ଶୃଙ୍ଖଳା ୨-୨ରେ ବରାବର କରିବାରେ ସମ୍ମାନ ରଖିଛି । ପ୍ରଥମ ଇନିଂସରେ ୪ ଟି ଓ ଦ୍ୱିତୀୟ ଇନିଂସରେ ୫ ଟି ୱିକେଟ୍ ନେଇଥିବା ସିରାଜ ମ୍ୟାଚର ଶ୍ରେଷ୍ଠ ପୁରସ୍କାର ପାଇଥିଲେ । ସିରାଜ ଏକମାତ୍ର ଦ୍ରୁତ ବୋଲର ଭାବେ ଇଂଲଣ୍ଡ ବିପକ୍ଷରେ ସମସ୍ତ ୫ ଟି ଯାକ ଟେଷ୍ଟ ଖେଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଛନ୍ତି ।

ସିରାଜଙ୍କ ଭାଇ ମହମ୍ମଦ ଇସ୍ମାଇଲ କହିଛନ୍ତି ଭାଇ ପାଇଁ ମା' ସବୁବେଳେ ପ୍ରାର୍ଥନା କରେ । ମା'ଙ୍କ ପ୍ରାର୍ଥନାରେ ବହୁତ ଶକ୍ତି ଅଛି, ମୁଁ ବିଶ୍ୱାସ କରେ, କାରଣ ଆମ ବାପା -ମା'ଙ୍କ ଆଶୀର୍ବାଦ ପାଇଁ ଭାଇ ଭଲ ଖେଳୁଛି ଓ ଭାରତ ଭଲ କରୁଛି । ସେ ସବୁଦିନ ଭିଡିଓ କଲରେ ମା'ଙ୍କ ଆଶୀର୍ବାଦ ନିଅନ୍ତି । ମା ସବୁବେଳେ ଭାଇକୁ କୁହେ ଆଗକୁ ଯିବୁ, ନାଁ ରଖିବୁ । ବାପାଙ୍କ ଦେହାନ୍ତରେ ଭାଇ ପୁରା ଭାଙ୍ଗିପଡିଥିଲା । କିନ୍ତୁ ମା' ତାଙ୍କୁ କହିଥିଲେ ଯେ, ଯାହା ହେବାର ଥିଲା ହୋଇଗଲାଣି, ଏବେ ଖେଳ ଉପରେ ଧ୍ୟାନ ଦେ ।

ସିରାଜ ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ବିରାଟ କୋହଲି ଓ ରବିଶାସ୍ତ୍ରୀ ଏହି ଦୁଃଖଦ ଖବର ଦେଇଥିଲେ । ଭାଙ୍ଗିପଡିଥିବା ସିରାଜଙ୍କୁ ଦଳର ପ୍ରତି ସଦସ୍ୟ ମାନସିକ ସମର୍ଥ ଦେଇଥିଲେ । ଶେଷରେ ୩ ଟି ଟେଷ୍ଟରେ ୧୩ ୱିକେଟ୍ ଦଖଲ କରି ନିଜର ଦକ୍ଷତା ଦେଖାଇଥିଲେ । ଏହା ମଧ୍ୟରେ ଗୋଟିଏ ୫ ୱିକେଟ୍ ସଫଳତା ଥିଲା । ସେ ଏହି ସଫଳତାକୁ ବାପାଙ୍କୁ ଉତ୍ସର୍ଗ କରିଥିଲେ ।

ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ମହମ୍ମଦ ସିରାଜ ୧୧୧୩ ବଲ ଅର୍ଥାତ୍ ୧୮୫.୩ ଓଭର ବୋଲିଂ କରିଥିଲେ । ଏହା ଅନ୍ୟ ବୋଲରଙ୍କ ତୁଳନାରେ ସବୁଠୁ ଅଧିକ । ସିରାଜ ସର୍ବାଧିକ ୱିକେଟ୍ (୨୩ଟି) ଦଖଲକାରୀ ବୋଲର ଭାବେ ଇଂଲଣ୍ଡ ବିପକ୍ଷ



ଶୃଙ୍ଖଳା ଶେଷ କରିଛନ୍ତି । ବାପାଙ୍କ ପାଇଁ ଖେଳିବାର ଅଛି, ତାଙ୍କ ସ୍ୱପ୍ନକୁ ପୂରଣ କରିବି । ତାଙ୍କ ପାଇଁ ଫିଟନେସ୍ ସ୍ତର ସବୁଠୁ ଆଗରେ ରହିଛି । ଏସବୁ ବିରାଟ କୋହଲିଙ୍କ ପାଇଁ ସମ୍ଭବ ହୋଇଛି । ସେ ସବୁବେଳେ ବିରାଟ କୋହଲିଙ୍କୁ ଅନୁସରଣ କରନ୍ତି । ବିରାଟଙ୍କ ପାଖରେ ଥିବା ଉତ୍ସାହ ଓ ଖେଳିବାର ଭୋକକୁ ସିରାଜ ସବୁବେଳେ ଅନୁସରଣ କରନ୍ତି । ୨୦୧୮ରେ ସିରାଜଙ୍କ ଆଇପିଏଲ ପ୍ରଦର୍ଶନ ଏତେ ଭଲ ନଥିଲା । ସେ ସମୟରେ ବିରାଟ କୋହଲି ତାଙ୍କୁ ସମର୍ଥନ ଦେଇଥିଲେ । ସିରାଜଙ୍କଠାରେ ଥିବା ଦକ୍ଷତାକୁ ସେ ବୁଝିଥିଲେ । ଭାରତୀୟ ଦଳ ଓ ଆରସିବିରେ ବହୁ ସୁଯୋଗ ବିରାଟ ହିଁ ଦେଇଥିଲେ । ସବୁ ଶ୍ରେୟ ବିରାଟ କୋହଲିଙ୍କୁ ଯାଉଛି । ସିରାଜ ବିରିୟାନି ଖାଇବାକୁ ଭଲ ପାଆନ୍ତି । ବେଳେ ସେ ଅଧିକ ବିରିୟାନି ଖାଇଦିଅନ୍ତି ବୋଲି ତାଙ୍କ ଭାଇ ଇସ୍ମାଇଲ କହିଛନ୍ତି । ଏବେ ସିରାଜ ଜଣେ ଭିନ୍ନ ଖେଳାଳି । ଆଇସିସି ଚାମ୍ପିଅନ ଟ୍ରଫିରେ ଚୟନ ନହେବାରୁ ସିରଜ ପୁରା ଭାଙ୍ଗିପଡିଥିଲେ । କିନ୍ତୁ ଏହା ତାଙ୍କୁ ଭିନ୍ନ ରୂପେ ଗଢିଥିଲା । ସେ ଅଧିକରୁ ଅଧିକ ଅଭ୍ୟାସ କରିଥିଲେ । କଷ୍ଟକର ଟ୍ରେନିଂ କରିଥିଲେ । ଏହାର ଫଳ ଏବେ ମିଳିଛି ।



## ଟି-୨୦ରେ ପ୍ରତ୍ୟାବର୍ତ୍ତନ ଆଶା କମ୍

ନୂଆଦିଲ୍ଲୀ, ୫।୮ (ଏଜେନ୍ସି) : ଟେଷ୍ଟ ଓ ଦିନିକିଆରେ ମହମ୍ମଦ ସିରାଜଙ୍କ ପ୍ରଦର୍ଶନ ସନ୍ତୋଷଜନକ ରହିଛି । କିନ୍ତୁ ଟି -୨୦ ଫର୍ମାଟରେ ସେ ସଫଳ ନୁହଁନ୍ତି । ଆଗକୁ ଏସିଆ କପ୍ । ଏହି ଟୁର୍ଣ୍ଣାମେଣ୍ଟ ଟ-୨୦ ଫର୍ମାଟରେ ଖେଳାଯିବ । ସେପ୍ଟେମ୍ବରରେ ଏସିଆ କପ୍ ଥିବାରୁ ଗୋଟିଏ ମାସ ବ୍ରେକ୍ ପରେ ଭାରତୀୟ ଖେଳାଳି ପୁଣି ମଇଦାନକୁ ଓହ୍ଲାଇବ । ଗତ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ୨୩ ୱିକେଟ୍ ଅକ୍ତିଆର କରିଥିବା ସିରାଜ ଟିମ୍ ଇଣ୍ଡିଆ ଟି-୨୦ ଦଳରେ ସ୍ଥାନ ପାଇବା ସମ୍ଭାବନା କମ୍ ରହିଛି । ଶେଷ ଥର ପାଇଁ ସିରାଜ ୨୦୨୪ରେ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ମ୍ୟାଚ ଖେଳିଥିଲେ । ଏହାପରେ ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷରେ ତାଙ୍କୁ ସୁଯୋଗ ମିଳିନଥିଲା । ଅବଶ୍ୟ ସିରାଜ ସମ୍ପୂର୍ଣ୍ଣ ଫିଟ୍ ନଥିଲେ । ମୁଖ୍ୟ କୋଚ ଗୌତମ ଗମ୍ଭୀର ମଧ୍ୟ ଟି-୨୦ରେ ସିରାଜ ଖେଳିବା ସପକ୍ଷରେ ନାହାଁନ୍ତି । ସିରାଜ ୧୬ ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ସେ ୭.୭୯ ହାରରେ ୧୪ ୱିକେଟ୍ ଅକ୍ତିଆର କରିଛନ୍ତି । ୨୦୨୪ ଟି-୨୦ ବିଶ୍ୱ କପ୍ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ । ସିରାଜଙ୍କୁ ଏସିଆ କପ୍ ଦଳରେ ସାମିଲ କରାଯିବ କି ନାହିଁ ତାହା ଚୟନ କମିଟି କୁ ଦ୍ୱନ୍ଦ୍ୱରେ ପକାଇଛି ।



## ଜାତୀୟ ଜୁନିୟର ମହିଳା ହକି

# ଓଡିଶା, ଉତ୍ତରାଖଣ୍ଡ, ଏମ୍‌ପି, ହରିୟାଣା ବିଜୟୀ

କାକିନାଡା, ୫।୮ (ଏଜେନ୍ସି) : ୧୫ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ମହିଳା ହକି ଚାମ୍ପିଅନସିପ୍‌ର ପଞ୍ଚମ ଦିନ ଅନୁଷ୍ଠିତ ମ୍ୟାଚଗୁଡିକରେ ହକି ଆସୋସିଏସନ୍ ଅଫ ଓଡିଶା, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ହକି ହରିୟାଣା, ହକି ଝାଡଖଣ୍ଡ ବିଜୟୀ ହୋଇଛନ୍ତି । ଅନ୍ୟଏକ ମ୍ୟାଚ ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ୩-୩ ଗୋଲରେ ଡ୍ର ରହିଛି ।

କାକିନାଡାରେ ଚାଲିଥିବା ଏହି ହକି ପ୍ରତିଯୋଗିତାର ପଞ୍ଚମ ଦିନ ୬ ଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ମ୍ୟାଚରେ ହକି ଉତ୍ତରାଖଣ୍ଡର ଗୋଲ ବର୍ଷା ଦେଖିବାକୁ ମିଳିଥିଲା । ହକି ଉତ୍ତରାଖଣ୍ଡ ପକ୍ଷରୁ ୧୧ ଟି ଗୋଲ ହୋଇଥିଲା । ପ୍ରତିପକ୍ଷ ପୁଡୁଚେରୀ ଦଳ ଆଦୌ ଗୋଲ ପରିଶୋଧ କରିପାରିନଥିଲା । ସେହିଭଳି ମଧ୍ୟ ପ୍ରଦେଶ ୫-୦ ଗୋଲରେ ହକି ଚଣ୍ଡିଗଡକୁ ହରାଇଥିବା ବେଳେ ହରିୟାଣା ୭-୧ ଗୋଲରେ ହକି ବେଙ୍ଗଲକୁ ଏବଂ ହକି ଝାଡଖଣ୍ଡ ୨-୦ ଗୋଲରେ ହକି କର୍ଣ୍ଣାଟକୁ ପରାଜିତ କରିଥିଲା । ଷଷ୍ଠ ତଥା ଡିଭିଜନ ୧ ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଓଡିଶା ଦଳ ୩-୧ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇଛି । ଓଡିଶାର ସୁରେଖା ବାହାଲ ୧୩ ତମ ମିନିଟ, କରୁଣା ମିଞ୍ଜ ୨୧ ତମ ଓ ଦ୍ରୁପ୍ତି ନାୟକ ୫୬ ତମ ମିନିଟରେ ଗୋଲ କରିଥିଲେ । ହକି ଆନ୍ଧ୍ରପ୍ରଦେଶ ପକ୍ଷରୁ ନିହାରିକା ଟୋପୋ ୫୨ ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ ।

## ମଣ୍ଟ୍ରିଲରେ ଭିକ୍ଟୋରିଆଙ୍କୁ ଭେଟିବେ ଏଲିନା

ମଣ୍ଟ୍ରିଲ, ୫।୮(ଏଜେନ୍ସି) : ୨୦୨୨ ୱିମ୍ବଲଡନ ଚାମ୍ପିଅନ ଏଲିନା ରିବାକିନା ଓ କାନାଡାର ଯୁବ ପ୍ରତିଭା ଭିକ୍ଟୋରିଆ ଏମ୍‌ବୋକୋ କାନାଡା ଓପନ୍ ସେମିଫାଇନାଲରେ ମୁହାଁମୁହିଁ ହେବେ । ବିଶ୍ୱର ୧୨ ନଂ ର୍‍ୟାଙ୍କରେ ଥିବା ରିବାକିନା ମହିଳା ସିଙ୍ଗଲ୍ସ କ୍ୱାଟରେ ୟୁକ୍ରେନର ମାର୍ଟା କୋଷ୍ଟ୍ୟୁକଙ୍କୁ ଭେଟିଥିଲେ । ଉଭୟଙ୍କ ମଧ୍ୟରେ ମ୍ୟାଚ ୬-୧, ୨-୧ ସେଟ୍‌ରେ ସ୍ଥିତିରେ ଥିବା ବେଳେ ମାର୍ଟା ରିଷ୍ଟ ଇଞ୍ଜୁରୀ ଯୋଗୁଁ ଓହରି ଯାଇଥିଲେ । ଅନ୍ୟଏକ ମ୍ୟାଚରେ ଏମ୍‌ବୋକୋ ୬-୪, ୬-୨ରେ ସ୍ପେନର ଜେସିକା ବୌଜାସ୍ ମାନେଇରୋଙ୍କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ବର୍ଗର ସିଙ୍ଗଲ୍ସ ମୁକାବିଲାରେ ଆଲେକଜାଣ୍ଡାର ଭିର୍ଭ ଉଚ୍ଚ କୋଟିର ପ୍ରଦର୍ଶନ ଦେଖାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଭିର୍ଭ ଓ ଖାଚାନୋଭୋଙ୍କ ମଧ୍ୟରେ ସେମି ଲଢେଇ ହେବ । କ୍ୱାର୍ଟରରେ ଭିର୍ଭ ୬-୭, ୬-୪, ୬-୩ ସେଟ୍‌ରେ ଆଲେକ୍ସି ପପିରିନ୍‌ଙ୍କୁ ପରାଜିତ କରିଥିଲେ । ତେଣୁ ସେମି ଲଢେଇରେ ଭିର୍ଭ ଓ ଖାଚାନୋଭୋ ମୁହାଁମୁହିଁ ହେବେ ।



# ଆମେ ଜିତିବୁ ହାରିବୁ, ହାର ମାନିବୁନି



ନୂଆଦିଲ୍ଲୀ, ୫।୮ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷରେ ଭାରତର ଦମଦାର ଶୃଙ୍ଖଳା ଡ୍ର ରଖିବା ସାରା ବିଶ୍ୱ କ୍ରିକେଟ୍‌ରେ ନାବାଗତ ଟିମ ଇଣ୍ଡିଆର ଦକ୍ଷତାକୁ ପ୍ରମାଣିତ କରିଛି । ଏହି ଜମାଣିଆ ବିଜୟ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଖୁସିବ୍ୟକ୍ତ କରିଛନ୍ତି । ଓଭାଲ ଟେଷ୍ଟରେ ଦମଦାର ବିଜୟ ତଥା ଶୃଙ୍ଖଳା ୨-୨ରେ ବରାବର ହେବାରେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି କୋଚ୍ ଗମ୍ଭୀର । ଆମେ ହାର୍ ମାନିବୁ ନାହିଁ । ଭାରତୀୟ ଦଳ ପଞ୍ଚମ ତଥା ଶେଷ ଟେଷ୍ଟ ଇଂଲଣ୍ଡକୁ ୩୫ ରନ କରିବାକୁ ଦେଇନଥିଲା । ମହମ୍ମଦ ସିରାଜ ଚମତ୍କାର ବୋଲିଂ କରି ଇଂଲଣ୍ଡ ହାତରୁ ମ୍ୟାଚ ଛଡାଇ ଆଣିଥିଲେ । ଦଳରେ ଗୌତମ ଗମ୍ଭୀର, ରୋହିତ ଶର୍ମା, ରବିଚନ୍ଦ୍ର ଅଶ୍ୱିନ ତଥା ଯଶପ୍ରୀତ ବୁମରାଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଯୁବ ଶୁଭମନ୍ ଗିଲଙ୍କ ନେତୃତ୍ୱରେ ଦଳର ପ୍ରଦର୍ଶନକୁ ଖୁବ୍ ପ୍ରଶଂସା କରିଛନ୍ତି ଗୌତମ ଗମ୍ଭୀର । ଶୃଙ୍ଖଳାର ଶେଷ ମ୍ୟାଚ ନଖେଳି ବୁମରା ଭାରତ ଫେରିଯାଇଥିଲେ । ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପଞ୍ଚମ ଟେଷ୍ଟରେ ବୁମରାଙ୍କ ଅନୁପସ୍ଥିତି ଯୋଗୁଁ ମ୍ୟାଚ ଫଳାଫଳ ଭାରତ ସପକ୍ଷରେ ହେବ ନାହିଁ ଆକଳନ କରାଯାଉଥିଲା । କିନ୍ତୁ ମହମ୍ମଦ ସିରାଜ ଅଗ୍ନିବର୍ଷି ବୋଲିଂ କରି ସବୁ ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରିଛନ୍ତି । ଅର୍ଥାତ୍ ଭାରତୀୟ ଦଳ ଆଗକୁ କୌଣସି ଖେଳାଳିଙ୍କ ଉପରେ ଆଉ ନିର୍ଭରଶୀଳ ରହିବନାହିଁ । ଓଭାଲରେ ଭାରତ ବିଜୟ ପରେ ଗମ୍ଭୀରଙ୍କ ଖୁସି ଆକାଶ ଛୁଆଁ ହୋଇଥିଲା । ମନମାରି ବସିଥିବା ଗମ୍ଭୀର ମଇଦାନକୁ ଦୌଡି ଆସି ଶୁଭମନ୍ ଗିଲ୍‌ଙ୍କୁ ଆଲିଙ୍ଗନ କରି ବିଜୟ ଅଭିନନ୍ଦନ ଜଣାଇଥିଲେ । ଗମ୍ଭୀର ଓଭାଲ ଟେଷ୍ଟ ବିଜୟ ପରେ ସୋସିଆଲ୍ ମିଡିଆ ଟ୍ୱିଟରରେ ଭାରତୀୟ ଦଳର ବିଜୟ ଉତ୍ସବ ସମୟର ୪ ଟି ଫଟୋ ସେୟାର କରିଥିଲେ । ଆମେ ଜିତିବୁ ପୁଣି ହାରିବୁ କିନ୍ତୁ ହାର ମାନିବୁ ନାହିଁ । କାରଣ ଆମ ଖେଳାଳି ଜଣେ ଜଣେ ଯୋଦ୍ଧା, ସାବାସ୍ ଟିମ୍ ଇଣ୍ଡିଆ ବୋଲି ଲେଖିଥିଲେ । ଗମ୍ଭୀରଙ୍କ ଏହି ଶବ୍ଦଗୁଡିକ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବ । ଶେଷ ମ୍ୟାଚରେ ଅନେକଙ୍କୁ ବିଶ୍ୱାସ ନଥିବା ଯେ, ଭାରତୀୟ ଦଳ ଏହି ସ୍ଥିତିରେ ମ୍ୟାଚକୁ ଜିତିପାରିବ । କିନ୍ତୁ ସିରାଜଙ୍କ ଅଲଗା ଚିନ୍ତା ଦଳ ପାଇଁ ସଫଳତା ଆଣି ଦେଇଥିଲା । ରାତି ତମାମ୍ ସେ ପରଦିନର ଫଳାଫଳକୁ ନେଇ ଚିନ୍ତାରେ ଥିଲେ । କିନ୍ତୁ ଇଂଲଣ୍ଡର ଶେଷ ୪ ୱିକେଟ୍ ଝଡାଇବା କ୍ରିକେଟ୍ ପ୍ରେମୀଙ୍କ ପାଇଁ ବର୍ଷ ବର୍ଷ ଧରି ମନେ ରହିବ । ଓଭାଲ ଗ୍ରାଉଣ୍ଡରେ ଭାରତ ତୃତୀୟ ବିଜୟ ହାସଲ କରିଥିଲା । ଅଜିତ ୱାଦେକର ଓ ବିରାଟ କୋହଲିଙ୍କ ପରେ ଶୁଭମନ୍ ଗିଲ୍ ତୃତୀୟ ଅଧିନାୟକ ଭାବେ ଟିମ୍ ଇଣ୍ଡିଆକୁ ଓଭାଲରେ ଜିତାଇଛନ୍ତି । ଏଥିସହ ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ଭାରତର ସବୁଠୁ କମ୍ ରନ୍‌ର ବିଜୟ । ପୂର୍ବରୁ ଭାରତ ୨୦୦୪ରେ ଅଷ୍ଟ୍ରେଲିଆକୁ ୧୩ ରନ୍ ବ୍ୟବଧାନରେ ହରାଇଥିଲା ।

# ୭ ବର୍ଷ ହେଲା ଶୃଙ୍ଖଳା ଜିତିନି ଇଂଲଣ୍ଡ



ଲଣ୍ଡନ, ୫।୮(ଏଜେନ୍ସି) : ଇଂଲଣ୍ଡର ଆଶାକୁ ଧୂଳିସାତ କରିଛି ଭାରତ । ୨୦୧୮ ରୁ ଇଂଲଣ୍ଡ ଶୃଙ୍ଖଳା ଜିତି ପାରୁନି । ଟିମ୍ ଇଣ୍ଡିଆର ଅପରାଜୟ ରେକର୍ଡ ଜାରି ରହିଛି । ଘରୋଇ କିମ୍ବା ବିଦେଶ ମାଟିରେ ସବୁଠି ଭାରତୀୟ ଦଳର ଦଗଦବା ଜାରି ରହିଛି । ନିକଟରେ ଭାରତ - ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଶେଷ ହୋଇଥିଲା । ଏହି ଶୃଙ୍ଖଳା ୨-୨ରେ ବରାବର ରହିଥିଲା । ଏହି ଶୃଙ୍ଖଳାରେ ଘରୋଇ ଇଂଲଣ୍ଡ ଭ୍ରମଣକାରୀ ଭାରତ ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିଲା । କିନ୍ତୁ ଘରୋଇ ଦଳ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଟିମ ଇଣ୍ଡିଆ । ସିରିଜରେ ପଛରେ ଥାଇ ମଧ୍ୟ ଶେଷ ମ୍ୟାଚକୁ ଲଢୁଆ ଢଙ୍ଗରେ ଜିତି ସାରା ବିଶ୍ୱକୁ ଚକିତ କରିଦେଇଛି । ଶେଷ ଟେଷ୍ଟରେ ଶେଷ ଦିନ ଖୁବ୍ ରୋମାଞ୍ଚକର ଥିଲା । ଇଂଲଣ୍ଡକୁ ଜିତିବା ପାଇଁ ୩୫ ରନ୍‌ର ଆବଶ୍ୟକତା ଥିବା ବେଳେ ଭାରତୀୟ ଦଳ ୪ ୱିକେଟ୍ ପଛରେ ରହିଥିଲା । ଶେଷରେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଘାତକ ବୋଲିଂ କରି ଇଂଲଣ୍ଡକୁ ମାଟିରେ ମିଶାଇ ଦେଇଥିଲେ । ମାତ୍ର ୬ ରନ ବ୍ୟବଧାନରେ ଟିମ ଇଣ୍ଡିଆ ବିଜୟ ମୁକୁଟ ପିନ୍ଧିଥିଲା । ତେଣୁ ଶୃଙ୍ଖଳା ୨-୨ରେ ବରାବର ରହିଥିଲା । ଏହି ଶୃଙ୍ଖଳା ଡ୍ର ସହିତ ଇଂଲଣ୍ଡର ୭ ବର୍ଷର ସ୍ୱପ୍ନ ଧୂଳିସାତ ହୋଇଛି । ୨୦୧୮ ରୁ ଏଯାଏ ଭାରତ ବିପକ୍ଷରେ ଇଂଲଣ୍ଡ କୌଣସି ଟେଷ୍ଟ ଶୃଙ୍ଖଳା ଜିତିନାହିଁ ।

୨୦୨୧ ଶୃଙ୍ଖଳାରେ ଭାରତ ୩-୧ରେ ବିଜୟୀ ହୋଇଥିଲା, ୨୦୨୧-୨୨ ଶୃଙ୍ଖଳା ଡ୍ର ରହିଥିଲା । ୨୦୨୪ ରେ ଭାରତ ୪-୧ରେ ଶୃଙ୍ଖଳା ଜିତିଥିଲା । ପୁଣି ୨୦୨୫ରେ ଶୃଙ୍ଖଳା ଡ୍ର ରହିଛି । ଗତ ଜୁନ୍ ୨୦ରେ ଭାରତ- ଇଂଲଣ୍ଡ, ଆଣ୍ଡରସନ୍- ଗାଭାସ୍କର ଟ୍ରଫି ଆରମ୍ଭ ହୋଇଥିଲା । ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୬ ୱିକେଟ୍‌ରେ ଜିତିନେଇଥିଲା । ଏହାପରେ ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ରେ ବିଜୟୀ ହୋଇଥିଲା । ୩ୟ ଟେଷ୍ଟରେ ଇଂଲଣ୍ଡ ୨୨ ରନ୍‌ରେ ବିଜୟୀ ହୋଇଥିବା ବେଳେ ଚତୁର୍ଥ ଟେଷ୍ଟ ଡ୍ର ରହିଥିଲା । ଶେଷ ତଥା ପଞ୍ଚମ ଟେଷ୍ଟରେ ଭାରତ ୬ ରନରେ ବିଜୟ ହୋଇଥିଲା । ଶେଷରେ ଶୃଙ୍ଖଳା ୨-୨ରେ ବରାବର ରହିଛି ।

## ସିନ୍‌ସିନାଟି ଓପନରୁ ଓହରିଲେ ଜୋକୋଭିକ୍

ନୂଆଦିଲ୍ଲୀ, ୫।୮ (ଏଜେନ୍ସି) : ସର୍ବିଆର ପେସାଦାର ପୁରୁଷ ଟେନିଂ ଖେଳାଳି ନୋଭାକ୍ ଜୋକୋଭିକ୍ ଆଗାମୀ ସିନସିନାଟିକ୍ ଓପନ୍‌ରେ ଅଂଶଗ୍ରହଣ କରିବେ ନାହିଁ । ବିଶ୍ୱର ୬ ନଂ ତଥା ୨୪ ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଜୋକୋଭିକ୍ ବ୍ୟକ୍ତିଗତ କାରଣ ଦର୍ଶାଇ ସିନସିନାଟି ଓପନରୁ ଓହରି ଯାଇଛନ୍ତି । ସେ ଦ୍ୱିତୀୟ ଥର ପାଇଁ ଏଟିପି ମାଷ୍ଟର ୧୦୦୦ ଟୁର୍ଣ୍ଣାମେଣ୍ଟରୁ ଓହରିଛନ୍ତି । ନିକଟରେ ମାଂସପେଶୀ ସଙ୍କୋଚନ ଜନିତ ଆହତ ସମସ୍ୟା ପାଇଁ କାନାଡା ମାଷ୍ଟର୍ସ ପ୍ରତିଯୋଗିତାରୁ ଓହରିଯାଇଥିଲେ । ୩୮ ବର୍ଷୀୟ ଜୋକୋଭିକ୍‌ଙ୍କ ସିନସିନାଟିକ୍ ଓପନ୍ ପ୍ରଦର୍ଶନ ଜମାଣିଆ ରହିଛି । ସେ ଏହି ପ୍ରତିଯୋଗିତାରେ ୪୫ ମ୍ୟାଚ ଜିତିଥିବା ବେଳେ ୧୨ ମ୍ୟାଚ ହାରିଛନ୍ତି । ୨୦୨୩ ଫାଇନାଲରେ କାର୍ଲୋସ ଆଲକାରେଜଙ୍କୁ ପରାଜିତ କରିବା ତାଙ୍କର ସବୁଠୁ ସ୍ମରଣୀୟ ବିଜୟ ଥିଲା । ୨୦୨୫ ସିଜନ୍ ଜୋକୋଭିକ୍‌ଙ୍କ ଭଲ ଯାଇଛି । ଏହି ସିଜନରେ ସେ ୨୬ ଟି ମ୍ୟାଚ ଜିତିଥିବା ବେଳେ ୯ ଟି ହାରିଛନ୍ତି । ଗତ ୱିମ୍ବଲଡନ୍ ଓ ରୋନାଲ ଗାରୋସ ପ୍ରତିଯୋଗିତାରେ ସେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ । ଉଭୟ ଥର ସେ ଜାନିକ୍ ସିନରଙ୍କ ନିକଟରୁ ପରାଜିତ ହୋଇଥିଲେ । ଆଗାମୀ ଅଗଷ୍ଟ ୨୪ ରୁ ୟୁଏସ୍ ଓପନ୍ ଆରମ୍ଭ ହେବାକୁ ଯାଉଛି । ସମ୍ଭବତଃ ନୋଭାଲ୍ ଜୋକୋଭିକ୍ ଏହି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ନଜର ଆସିବେ । ତାଙ୍କର ଲକ୍ଷ୍ୟ ରହିଛି ୨୫ ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କରିବା । ଏହା କରିପାରିଲେ ଜୋକୋଭିକ୍ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବର୍ଗରେ ସର୍ବକାଳୀନ ରେକର୍ଡ କରିବେ ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି